“ଦୁନିଆରେ ସେହି ଲୋକଙ୍କୁ ଅଧିକ ଦୁଃଖ ମିଳେ, ଯିଏ ସମସ୍ତଙ୍କୁ ନିଜର ବୋଲି ଭାବେ। କାହିଁକି ନା ତୁମକୁ ବୁଝେଇବା ମଣିଷ ତ ବହୁତ ମିଳିବେ କିନ୍ତୁ ତୁମକୁ ବୁଝିବା ମଣିଷ ଖୁବ୍ କମ୍ ମିଳିବେ।”

# ଓଡ଼ିଶା ନିଶବ୍ଦ

ସାପ୍ତାହିକ ଖବର କାଗଜ

ORORI/26/A4490

THE ODISHA NISHABDA

ODISHA NISHABDA LIVE ଓଡ଼ିଶା ନିଶବ୍ଦ

Follow Us: odishanishabda

odishanishabda

www.odishanishabda.com

epaper.odishanishabda.com

Vol–1 ■ Issue–5 ■ 6th-12th August 2026 ■ Weekly ■ Bhubaneswar ■ Page–8 ■ Price–5.00 ■ ବର୍ଷ–୧ ■ ସଂଖ୍ୟା–୫ ■ ୬–୧୨ ଅଗଷ୍ଟ ୨୦୨୬ ■ ସାପ୍ତାହିକ ■ ଭୁବନେଶ୍ୱର ■ ପୃଷ୍ଠା–୮ ■ ମୂଲ୍ୟ–୫.୦୦

## ରଥଯାତ୍ରା ପରିଚାଳନାରେ ପୁରୀ ପ୍ରଶାସନର ଅଗ୍ନିପରୀକ୍ଷା

# ସୁରକ୍ଷାର ମଙ୍ଗ ଧରିଲେ ବରିଷ୍ଠ IPS ଅଧିକାରୀ



## ସମନ୍ୱୟ, ନିରୀକ୍ଷଣ ଓ ଭିଡ଼ ନିୟନ୍ତ୍ରଣରେ ପୁରୀ ପ୍ରଶାସନର ବଡ଼ ଭୂମିକା

**ପୁରୀ (ମୁକେଶ ରାମ ରିପୋର୍ଟ):** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୨୦୨୬ ରଥଯାତ୍ରା ପୁରୀ ସହର ପାଇଁ କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ବରଂ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ମଧ୍ୟରେ ସୁରକ୍ଷା, ଭିଡ଼ ନିୟନ୍ତ୍ରଣ ଓ ପ୍ରଶାସନିକ ଦକ୍ଷତାର ଏକ ବଡ଼ ପରୀକ୍ଷା ଥିଲା। ଜୁଲାଇ ୧୬ର ରଥଯାତ୍ରାକୁ ସୁରକ୍ଷିତ ଓ ଶୃଙ୍ଖଳିତ କରିବା ପାଇଁ ରାଜ୍ୟ ସରକାର ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ପ୍ରାୟ ୧୨ ହଜାର ପୋଲିସ ଓ କେନ୍ଦ୍ରୀୟ ସଶସ୍ତ୍ର ବଳ ସହ ୧୯ ଜଣ ବରିଷ୍ଠ IPS ଅଧିକାରୀଙ୍କୁ ନିୟୋଜିତ କରାଯାଇଥିଲା।

ଏହି ବିଶାଳ ସୁରକ୍ଷା ବ୍ୟବସ୍ଥାରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କ ନେତୃତ୍ୱରେ ବରିଷ୍ଠ ପୋଲିସ ଅଧିକାରୀମାନେ ନିରନ୍ତର ସମୀକ୍ଷା କରିଥିଲେ। ଏଡିଜି ସୋମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ରଥଯାତ୍ରା ସୁରକ୍ଷାର ସାମଗ୍ରିକ ଦାୟିତ୍ୱ ଦିଆଯାଇଥିଲା। ରଥଟଣା ପୂର୍ବରୁ ପୋଲିସ ପକ୍ଷରୁ ଡମି ରଥ ଟଣା ଅଭ୍ୟାସ ମଧ୍ୟ କରାଯାଇଥିଲା। ଏଥିରେ ଏଡିଜି ସୋମେନ୍ଦ୍ର ପ୍ରିୟଦର୍ଶୀ, ସେଣ୍ଟ୍ରାଲ ରେଞ୍ଜ ଆଇଜି ସତ୍ୟଜିତ ନାୟକ, ଡିଆଇଜିପି ପିନାକୀ ମିଶ୍ର ଓ ପୁରୀ ଏସ୍‌ପି ପ୍ରତୀକ ସିଂଙ୍କ ସମେତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।



## ସତ୍ୟଜିତ ନାୟକ ଓ ପ୍ରତୀକ ସିଂଙ୍କ ନେତୃତ୍ୱରେ ସୁରକ୍ଷାର ଅଦୃଶ୍ୟ କବଚ



ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୨୦୨୬ ରଥଯାତ୍ରା ଥିଲା ଭକ୍ତି, ଭାବନା ଓ ବିଶ୍ୱାସର ମହାମିଳନ। ବଡ଼ଦାଣ୍ଡରେ ଲକ୍ଷ ଲକ୍ଷ ଭକ୍ତଙ୍କ ଭିଡ଼, ରଥର ଗର୍ଜନ ଓ ‘ଜୟ ଜଗନ୍ନାଥ’ ଧ୍ୱନି ମଧ୍ୟରେ ଭକ୍ତଙ୍କ ସୁରକ୍ଷା ପାଇଁ ନୀରବରେ ଜାଗି ରହିଥିଲା ଖାକି।

ଏହି ବିଶାଳ ଆୟୋଜନରେ ସେଣ୍ଟ୍ରାଲ ରେଞ୍ଜ ଆଇଜି ସତ୍ୟଜିତ ନାୟକ ଓ ପୁରୀ ଏସ୍‌ପି ପ୍ରତୀକ ସିଂଙ୍କ ନେତୃତ୍ୱ ଓ ମୈଦାନୀ ପରିଚାଳନା ବିଶେଷ ଗୁରୁତ୍ୱ ବହନ କରିଥିଲା। ଭିଡ଼ର ଚାପ, ଭକ୍ତଙ୍କ ଗତିପଥ, ରଥ ଟଣା ସମୟର ସୁରକ୍ଷା, ଟ୍ରାଫିକ୍ ନିୟନ୍ତ୍ରଣ ଓ ଜରୁରୀ ପରିସ୍ଥିତି—ପ୍ରତ୍ୟେକ ଦିଗ ଉପରେ ରହିଥିଲା ତୀକ୍ଷ୍ଣ ନଜର।

ବଡ଼ଦାଣ୍ଡରେ ହଜାର ହଜାର ପୋଲିସ କର୍ମଚାରୀ ମୁତୟନ ଥିଲେ ମଧ୍ୟ, ସେମାନଙ୍କ ପଛରେ ଥିଲା ସୁଚିନ୍ତିତ ଯୋଜନା, ନିରନ୍ତର ନିରୀକ୍ଷଣ ଓ ତୁରନ୍ତ ନିଷ୍ପତ୍ତି। ଆଇଜି ସତ୍ୟଜିତ ନାୟକଙ୍କ ସମନ୍ୱୟ ଓ ଏସ୍ପି ପ୍ରତୀକ ସିଂଙ୍କ ଗ୍ରାଉଣ୍ଡ-ଲେଭଲ୍ ନେତୃତ୍ୱ ମିଶି ଗଢ଼ିଥିଲା ସୁରକ୍ଷାର ଏକ ଦୃଢ଼ କବଚ।

ରଥ ଆଗକୁ ଗଡ଼ିଲା, ଭକ୍ତମାନେ ଭାବବିହ୍ୱଳ ହୋଇ ମହାପ୍ରଭୁଙ୍କୁ ଦର୍ଶନ କଲେ। ଆଉ ସେହି ଭକ୍ତିର ଭିଡ଼ ମଧ୍ୟରେ ନିଜ କର୍ତ୍ତବ୍ୟକୁ ପ୍ରାଥମିକତା ଦେଇ ଛିଡ଼ା ହୋଇଥିଲେ ପୋଲିସର ଯବାନ ଓ ଅଧିକାରୀ। ଗ୍ରାଉଣ୍ଡ ଜିରୋରେ ସୁରକ୍ଷା ବ୍ୟବସ୍ଥାର ନିରୀକ୍ଷଣ କରିଥିଲେ। ବଡ଼ଦାଣ୍ଡର ପ୍ରାୟ ୩ କିଲୋମିଟର ରାସ୍ତାରେ ୨୬ଟି ‘ସେଫ୍ ଜୋନ୍’ ଚିହ୍ନଟ କରାଯାଇଥିଲା। ଜରୁରୀ ପରିସ୍ଥିତିରେ ଭକ୍ତମାନଙ୍କୁ ସୁରକ୍ଷିତ ଭାବେ ବାହାର କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହା ସହ ୩୦ଟି ପାର୍କିଂ ସ୍ଥାନରେ ପ୍ରାୟ ୨୩,୮୪୦ଟି ଯାନ ରଖିବାର ବ୍ୟବସ୍ଥା କରାଯାଇଥିଲା। ସେମାନଙ୍କ ପାଇଁ ଏହା କେବଳ ଏକ ଡ୍ୟୁଟି ନୁହେଁ—ଥିଲା ମହାପ୍ରଭୁଙ୍କ ଭକ୍ତଙ୍କ ସୁରକ୍ଷାର ଏକ ପବିତ୍ର ଦାୟିତ୍ୱ।

ଅନ୍ୟପଟେ ଫାୟାର ସର୍ଭିସ୍ ଡିଜି ସୁଧାଂଶୁ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଅଗ୍ନିଶମ ଓ ଜରୁରୀକାଳୀନ ଉଦ୍ଧାର ବ୍ୟବସ୍ଥାକୁ ମଧ୍ୟ ସୁଦୃଢ଼ କରାଯାଇଥିଲା। ଅଗ୍ନିକାଣ୍ଡ, ଦୁର୍ଘଟଣା, ଭିଡ଼ଜନିତ ଜରୁରୀ ପରିସ୍ଥିତି ଓ ସମୁଦ୍ରରେ ଦୁର୍ଘଟଣା ପାଇଁ ବିଶେଷ ପ୍ରସ୍ତୁତି ରହିଥିଲା। ଫାୟାର ସର୍ଭିସ୍ ପକ୍ଷରୁ ୧,୭୮୯ ଜଣ କର୍ମଚାରୀ, ୭୨ଟି ଯାନ, ୫୬ଟି ଫାୟାର ପମ୍ପ ଓ ୬ଟି ପାୱାର ବୋଟ୍ ମୁତୟନ କରାଯାଇଥିଲା।

ଡିଆଇଜିପି ପିନାକୀ ମିଶ୍ର ରଥଯାତ୍ରା ସମୟରେ ପୋଲିସ ବ୍ୟବସ୍ଥା, ଭିଡ଼ର ଗତିବିଧି ଓ ସୁରକ୍ଷା ସମନ୍ୱୟ ଉପରେ ଗୁରୁତ୍ୱ ଦେଇଥିଲେ। ଭକ୍ତଙ୍କ ଗତିପଥ ଯେପରି ସୁରକ୍ଷିତ ରହିବ ଏବଂ ବଡ଼ଦାଣ୍ଡରେ ଭିଡ଼ ଚାପ ସୃଷ୍ଟି ନହେବ, ସେଥିପାଇଁ ମୈଦାନୀ ସ୍ତରର ବ୍ୟବସ୍ଥା ଉପରେ ନଜର ରଖିଥିଲେ।

ସେହିପରି ଏଡିଜି ସଂଜୀବ ପଣ୍ଡାଙ୍କ ଭୂମିକା ମଧ୍ୟ ସୁରକ୍ଷା ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଥିଲା। ବରିଷ୍ଠ ଅଧିକାରୀ ଓ ମୈଦାନୀ ପୋଲିସ ଟିମ୍ ମଧ୍ୟରେ ସମନ୍ୱୟ, ସୁରକ୍ଷା ପ୍ରୋଟୋକଲ୍ର କାର୍ଯ୍ୟକାରିତା ଓ ଜରୁରୀ ପରିସ୍ଥିତିରେ ତୁରନ୍ତ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ରହିଥିଲା।

ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ, ପୋଲିସ, ଅଗ୍ନିଶମ, ସ୍ୱାସ୍ଥ୍ୟ, ଟ୍ରାଫିକ୍ ଓ ଅନ୍ୟ ବିଭାଗ ମଧ୍ୟରେ ସମନ୍ୱୟ ରଥଯାତ୍ରା ପରିଚାଳନାର ମୁଖ୍ୟ ଆଧାର ହୋଇଥିଲା। ଶ୍ରୀମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରସ୍ତୁତି ଓ ସମନ୍ୱୟରେ ଜଡ଼ିତ ଥିଲେ।

୨୦୨୫ର ଗୁଣ୍ଡିଚା ମନ୍ଦିର ନିକଟ ଦୁର୍ଘଟଣାର ଅଭିଜ୍ଞତାକୁ ଆଧାର କରି ୨୦୨୬ରେ ଭିଡ଼ ପରିଚାଳନାକୁ ଅଧିକ ଗୁରୁତ୍ୱ ମିଳିଥିଲା। ଉଉଞ୍ଚଠ, ସୁରକ୍ଷିତ ଅଞ୍ଚଳ, ପାର୍କିଂ, ଜରୁରୀ ନିର୍ଗମ ପଥ ଓ ବିଭିନ୍ନ ସ୍ଥାନରେ ନିରୀକ୍ଷଣ ମାଧ୍ୟମରେ ଭକ୍ତଙ୍କ ସୁରକ୍ଷା ଉପରେ ଜୋର ଦିଆଯାଇଥିଲା।

ରଥଯାତ୍ରା ଭଳି ବିଶାଳ ଜନସମାଗମରେ କେବଳ ପୋଲିସ ବଳ ନିୟୋଜନ ନୁହେଁ, ବରଂ ପୂର୍ବ ପ୍ରସ୍ତୁତି, ନିରନ୍ତର ନିରୀକ୍ଷଣ, ଭିଡ଼ର ଚଳାଚଳ ନିୟନ୍ତ୍ରଣ ଓ ବିଭିନ୍ନ ବିଭାଗ ମଧ୍ୟରେ ତ୍ୱରିତ ସମନ୍ୱୟ ହିଁ ସୁରକ୍ଷା ବ୍ୟବସ୍ଥାର ମୁଖ୍ୟ ଆଧାର ହୋଇଥିଲା।

# ବନ୍ୟା ପ୍ରଭାବିତଙ୍କ ପାଖରେ ପହଞ୍ଚି ସ୍ଥିତି ସମୀକ୍ଷା କଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍

ଭଦ୍ରକ ଜିଲ୍ଲାର ତିହିଡ଼ି ବ୍ଲକ୍ ଅନ୍ତର୍ଗତ ବାରସର ଗ୍ରାମରେ ବନ୍ୟା ପ୍ରଭାବିତ ପରିବାରମାନଙ୍କ ନିକଟରେ ପହଞ୍ଚି ସେମାନଙ୍କ ସୁଖ-ଦୁଃଖ ବୁଝିବା ସହ ବର୍ତ୍ତମାନ ସ୍ଥିତିର ସମୀକ୍ଷା କରିଛନ୍ତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍। ବନ୍ୟାରେ କ୍ଷତିଗ୍ରସ୍ତ ପରିବାରମାନଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ଅବଗତ ହୋଇଥିଲେ।



ଏହି ଅବସରରେ ଗ୍ରାମରେ ନିୟୋଜିତ ମେଡିକାଲ ଟିମ୍ ପକ୍ଷରୁ ଚାଲିଥିବା ସ୍ୱାସ୍ଥ୍ୟ ସେବା ଓ ଚିକିତ୍ସା କାର୍ଯ୍ୟର ତଦାରଖ କରିବା ସହ ପ୍ରଭାବିତ ଲୋକଙ୍କ ନିକଟରେ ରନ୍ଧା ଖାଦ୍ୟ, ଶୁଖିଲା ଖାଦ୍ୟ ସାମଗ୍ରୀ ଏବଂ ଅନ୍ୟାନ୍ୟ ଆବଶ୍ୟକ ସହାୟତା ସାମଗ୍ରୀ ବଣ୍ଟନ କରାଯାଇଥିଲା। ପ୍ରଶାସନ ପକ୍ଷରୁ ରିଲିଫ୍ ଓ ସ୍ୱାସ୍ଥ୍ୟ ସେବା ସୁଚାରୁ ଭାବେ ପହଞ୍ଚୁଥିବା ନେଇ ମନ୍ତ୍ରୀ ସମୀକ୍ଷା କରିଥିଲେ।



ଏହି ଅବସରରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍ କହିଥିଲେ ଯେ, ଦୁର୍ବିପାକର ଏହି କଠିନ ସମୟରେ ବିପନ୍ନ ପରିବାରମାନଙ୍କ ପାଖରେ ସମସ୍ତ ପ୍ରକାରର ଆବଶ୍ୟକୀୟ ସହାୟତା ପହଞ୍ଚାଇବା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ। ପ୍ରଭାବିତ ଅଞ୍ଚଳରେ ରିଲିଫ୍, ସ୍ୱାସ୍ଥ୍ୟସେବା ଓ ପୁନର୍ବାସ କାର୍ଯ୍ୟକୁ ଅଧିକ ସୁଦୃଢ଼ କରିବା ସହ ପ୍ରତ୍ୟେକ ଯୋଗ୍ୟ ପରିବାରଙ୍କ ନିକଟରେ ସରକାରୀ ସହାୟତା ପହଞ୍ଚାଇବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିବା ସେ ପ୍ରକାଶ କରିଥିଲେ।

# ସ୍ତ୍ରୀକୁ ମାରି ଫ୍ୟାନ୍‌ରେ ଟାଙ୍ଗିଦେଲେ ସ୍ୱାମୀ

## ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ, ମୋବାଇଲ୍ ଭିଡିଓକୁ ନେଇ ତଦନ୍ତ ଜୋରଦାର

**ପିପିଲି:** ସ୍ତ୍ରୀଙ୍କ ମୃତ୍ୟୁକୁ ନେଇ ପିପିଲି ଅଞ୍ଚଳରେ ଚାଞ୍ଚଲ୍ୟ। ସ୍ୱାମୀ ହତ୍ୟା କରିବା ପରେ ସ୍ତ୍ରୀଙ୍କୁ ଫ୍ୟାନରେ ଝୁଲାଇ ଦେଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଥିବା ବେଳେ, ଘଟଣାକୁ ନେଇ ପୋଲିସ ତଦନ୍ତ ଜାରି ରହିଛି। ଏହି ଘଟଣାରେ ପିପିଲି ଥାନା ପୋଲିସ ମୃତକଙ୍କ ସ୍ୱାମୀ ଶିବ ପ୍ରସାଦଙ୍କୁ ଗିରଫ କରି BNS ଧାରା ୧୦୩(୧)ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ନିମାପଡ଼ା ବିଚାର ବିଭାଗୀୟ ହାଜତକୁ ପଠାଯାଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ପିପିଲି ଥାନା ଅଧୀନ ଦାଣ୍ଡମୁକୁନ୍ଦପୁର ଅଞ୍ଚଳର ଶିବ ପ୍ରସାଦ ୨୦୧୯ ମସିହାରୁ ୭ମ ବାଟାଲିୟନରେ ସିପାହୀ ଭାବେ କାର୍ଯ୍ୟରତ ଥିବା କୁହାଯାଉଛି। ଗତ ଜୁନ୍ ୨୨ ତାରିଖରେ ସେ ଡୁମୁଡୁମା ଅଞ୍ଚଳର ପ୍ରଶାନ୍ତ କୁମାର ଧଳଙ୍କ ମଝିଆ ଝିଅ ସଙ୍ଗୀତା ଧଳଙ୍କୁ ବିବାହ କରିଥିଲେ। ସେମାନଙ୍କର ଏକ ସାତ ବର୍ଷର ଝିଅ ଥିବା ଜଣାପଡ଼ିଛି। ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି ଯେ, ବିବାହ ପରଠାରୁ ସଙ୍ଗୀତାଙ୍କୁ ମାନସିକ, ଶାରୀରିକ ଏବଂ ଯୌତୁକ ନିର୍ଯାତନା ଦିଆଯାଉଥିଲା। ବାପଘରୁ ଏକ ଲକ୍ଷ ଟଙ୍କା ଓ ସୁନା ଆଣିବା ପାଇଁ ତାଙ୍କୁ ଚାପ ଦିଆଯାଉଥିବା ମଧ୍ୟ ପରିବାର ପକ୍ଷରୁ ଅଭିଯୋଗ ହୋଇଛି।

ଘଟଣା ଦିନ ସକାଳେ କୌଣସି କଥାକୁ ନେଇ ଶିବ ଓ ସଙ୍ଗୀତାଙ୍କ ମଧ୍ୟରେ ଝଗଡ଼ା ହୋଇଥିବା କୁହାଯାଉଛି। ଝଗଡ଼ା ପରେ ଶିବ ଘର ବାହାରେ ବସି ମୋବାଇଲ ଦେଖୁଥିବା ଏବଂ ସେହି ସମୟରେ ସଙ୍ଗୀତା ଶାଢ଼ୀ ଓ ଓଢ଼ଣୀ ସାହାଯ୍ୟରେ ଫ୍ୟାନରେ ଝୁଲି ପଡ଼ିଥିବା ଶିବ ପୋଲିସକୁ କହିଥିବା ଜଣାପଡ଼ିଛି। ତେବେ ପରିବାର ଲୋକେ ଏହି ଦାବିକୁ ଖଣ୍ଡନ କରି ଏହା ଆତ୍ମହତ୍ୟା ନୁହେଁ, ବରଂ ଯୋଜନାବଦ୍ଧ ହତ୍ୟା ବୋଲି ଅଭିଯୋଗ କରିଛନ୍ତି।

ଏପଟେ ପୋଲିସ ତଦନ୍ତ ବେଳେ ସଙ୍ଗୀତାଙ୍କ ମୋବାଇଲରୁ କିଛି ଭିଡିଓ ମିଳିଥିବା ସୂଚନା ମିଳିଛି। ଭିଡିଓରେ ଶିବ ସଙ୍ଗୀତାଙ୍କୁ ମାଡ଼ ମାରୁଥିବା ଦୃଶ୍ୟ ଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ଏହି ଭିଡିଓକୁ ଆଧାର କରି ଘଟଣା ପଛରେ ଆଉ କାହାର ସମ୍ପୃକ୍ତି ରହିଛି କି ନାହିଁ, ସେନେଇ ପୋଲିସ ଅଧିକ ତଦନ୍ତ କରୁଛି। ଘଟଣାରେ ଶିବଙ୍କ ପରିବାର ସଦସ୍ୟଙ୍କ ସହ ବାଟାଲିୟନର କିଛି କର୍ମଚାରୀଙ୍କ ଭୂମିକା ନେଇ ମଧ୍ୟ ତଦନ୍ତକାରୀ ସଂସ୍ଥା ସନ୍ଦେହ କରୁଥିବା ଚର୍ଚ୍ଚା ହେଉଛି। ତେବେ ଏହାର ସତ୍ୟତା ପୋଲିସ ତଦନ୍ତ ପରେ ହିଁ ସ୍ପଷ୍ଟ ହେବ। ସଙ୍ଗୀତାଙ୍କ ମୃତ୍ୟୁର ପ୍ରକୃତ କାରଣ ଓ ଘଟଣାରେ ଆଉ କାହାର ସମ୍ପୃକ୍ତି ଅଛି କି ନାହିଁ, ତାହା ଜାଣିବା ପାଇଁ ପୋଲିସର ତଦନ୍ତ ଜାରି ରହିଛି।



# ସୁପ୍ରିମ୍‌କୋର୍ଟ ବିଚାପତିଙ୍କ ସଂଖ୍ୟା ବୃଦ୍ଧି ବିଲ୍ ଗୃହୀତ

**ନୂଆଦିଲ୍ଲୀ:** ସଂସଦରେ ମୌସୁମୀ ଅଧିବେଶନର ଆଜି ଏକାଦଶ ଦିବସରେ ମଧ ବିରୋଧୀମାନେ ପ୍ରବଳ ହଙ୍ଗାମା ଓ ହୋହଲ୍ଲା କରିଛନ୍ତି। ଦିଲ୍ଲୀ ହିଂସା ଘଟଣାରେ ଅମିତ ଶାହଙ୍କ ଜବାବ ମାଗି ଆଜି ବିରୋଧୀ ସାଂସଦମାନେ ଉଭୟ ଗୃହରେ ହୋହଲ୍ଲା କରିଛନ୍ତି। ଏହା ସତ୍ତ୍ୱେ ଆଜି ଲୋକସଭା ଓ ରାଜ୍ୟସଭାରେ ୨ଟି ବିଲ୍ ଗୃହୀତ ହୋଇଛି। ସୁପ୍ରିମ୍‌କୋର୍ଟରେ ବିଚାରପତିଙ୍କ ସଂଖ୍ୟା ୩୪ରୁ ୩୮କୁ ବୃଦ୍ଧି କରିବା ସଂକ୍ରାନ୍ତ ଅଧ୍ୟାଦେଶକୁ ଆଇନରେ ପରିଣତ କରିବା ପାଇଁ ଲୋକସଭାରେ ଆଗତ ସୁପ୍ରିମ୍‌କୋର୍ଟ (ନମ୍ବର ଅଫ୍ ଜଜେସ୍) ସଂଶୋଧନ ବିଲ୍ ଗୃହୀତ ହୋଇଯାଇଛି। ଗୃହରେ ଆଜି ବିନା ଆଲୋଚନରେ ଏହି ବିଲ୍ ଗୃହୀତ ହୋଇଛି। ବିରୋଧୀ ସଦସ୍ୟମାନେ ନିଟ୍ ପ୍ରଶ୍ନପତ୍ର ଓ ରାମ ମନ୍ଦିର ଦାନ ଚୋରି ମାମଲାରେ ପ୍ରବଳ ହୋହଲ୍ଲା କରିବାରୁ ବିଲ୍ ଉପରେ କୌଣସି ଆଲୋଚନା ହୋଇପାରିଲାନି। କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନରାମ ମେଘୱାଲ୍ ବିଲ୍ ସଂକ୍ରାନ୍ତରେ ଏକ ସଂକ୍ଷିପ୍ତ ପ୍ରାରମ୍ଭିକ ବିବୃତି ଦେବାପରେ ସାଂସଦମାନଙ୍କୁ ବିଲ୍ ଉପରେ ଆଲୋଚନାରେ ଭାଗ ନେବା ପାଇଁ ଆମନ୍ତ୍ରଣ କରାଯାଇଥିଲା। କିନ୍ତୁ ବିରୋଧୀ ସାଂସଦମାନେ ଲଗାତାର ହୋହଲ୍ଲା କରିବାରୁ ବିଲ୍ ଉପରେ କୌଣସି ଆଲୋଚନା ହୋଇପାରି ନ ଥିଲା। ଫଳରେ ବିନା ଆଲୋଚନାରେ ବାଚନିକ ଭୋଟ୍‌ରେ ବିଲ୍‌ଟି ଗୃହୀତ ହେଲା। ଅନ୍ୟପକ୍ଷେ ରାଜ୍ୟସଭାରେ ଆଜି ଏମ୍ଏସ୍ଏମଇ ବିକାଶ ସଂଶୋଧନ ବିଲ୍ ବାଚନିକ ଭୋଟ୍‌ରେ ଗୃହୀତ ହୋଇଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ମଧ୍ୟ ଲୋକସଭାରେ ବ୍ୟାଙ୍କର୍ସ ବୁକ୍‌ସ ଏଭିଡେନ୍ସ ବିଲ୍, ୨୦୨୬ ଆଗତ କରିଛନ୍ତି। ଜୁଲାଇ ୨୦ ତାରିଖରେ ମୌସୁମୀ ଅଧିବେଶନ ଆରମ୍ଭ ହେବା ଦିନଠାରୁ ନିଟ୍ ପ୍ରଶ୍ନପତ୍ର ଲିକ୍ ଓ ରାମ ମନ୍ଦିର ଦାନ ଚୋରି ପ୍ରସଙ୍ଗକୁ ନେଇ ଲଗାତାର ଗୃହକାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଆଜି ରାଜ୍ୟସଭାରେ ବିରୋଧୀ ସାଂସଦଙ୍କ 'ୱି ୱାଣ୍ଟ ଜଷ୍ଟିସ୍' ସ୍ଲୋଗାନ୍ ?ରେ ଗୃହ କମ୍ପିଥିଲା। ବିରୋଧୀଙ୍କ ହୋହଲ୍ଲାରେ ବାରମ୍ବାର ଗୃହକାର୍ଯ୍ୟରେ ବାଧା ସୃଷ୍ଟି ହେବା ଫଳରେ ଦିନକ ପାଇଁ ଗୃହ ମୁଲତବୀ ରଖାଯାଇଛି।

# ଲିଭ୍-ଇନ୍ ପାର୍ଟନରଙ୍କର ମଧ ସ୍ତ୍ରୀଙ୍କ ପରି ସମାନ ଅଧିକାର ଅଛି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ: ଲିଭ୍-ଇନ୍ ସମ୍ପର୍କରେ ଥିବା ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏହା ଲିଭ୍-ଇନ୍ ପାର୍ଟନରମାନଙ୍କୁ ସେମାନଙ୍କ ପତି କିମ୍ବା ସମ୍ପର୍କୀୟଙ୍କ ଦ୍ୱାରା ନିର୍ଯାତନା ମାମଲାରେ ପତ୍ନୀଙ୍କ ପରି ସମାନ ଅଧିକାର ପ୍ରଦାନ କରିଛି। ସୁପ୍ରିମକୋର୍ଟ କହିଛନ୍ତି ଯେ, ଭାରତୀୟ ଦଣ୍ଡ ସଂହିତାର ଧାରା ୪୯୮-ଏ, ଯାହା ସ୍ୱାମୀ କିମ୍ବା ତାଙ୍କ ସମ୍ପର୍କୀୟଙ୍କ ଦ୍ୱାରା ନିଷ୍ଠୁରତା ସହିତ ଜଡିତ, ଏବେ ଲିଭ୍-ଇନ୍ ପାର୍ଟନରମାନଙ୍କ ପାଇଁ ମଧ ପ୍ରଯୁଜ୍ୟ ହେବ। ରିପୋର୍ଟ ଅନୁଯାୟୀ, ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ନିଷ୍ଠୁରତାରୁ ସୁରକ୍ଷା ପାଇବାର ଅଧିକାର କେବଳ ବିବାହ ପର୍ଯ୍ୟନ୍ତ ସୀମିତ ହେବା ଉଚିତ୍ ନୁହେଁ। ପରିବର୍ତ୍ତନଶୀଳ ସାମାଜିକ ପରିସ୍ଥିତି ସହିତ ଆଇନ ବିକଶିତ ହେବା ଆବଶ୍ୟକ। ଲିଭ୍-ଇନ୍ ସମ୍ପର୍କରେ ସାଥୀ ପୁରୁଷ କି ମହିଳା ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ। ଏହା ବିଭିନ୍ନ ରୂପ ନେଇପାରେ। ବିବାହିତ ଦମ୍ପତିଙ୍କ ପରି ଧାରା ୪୯୮-ଏ ଅନୁଯାୟୀ ସେମାନଙ୍କୁ ସୁରକ୍ଷା ପାଇବାର ଅଧିକାର ଦିଆଯିବା ଉଚିତ୍।

ଏହି ଧାରା ଅନୁଯାୟୀ, ସ୍ୱାମୀ କିମ୍ବା ତାଙ୍କ ପରିବାରର ସଦସ୍ୟ କିମ୍ବା ସମ୍ପର୍କୀୟଙ୍କ ଦ୍ୱାରା ତାଙ୍କ ସ୍ତ୍ରୀ କିମ୍ବା ପରିବାରର ଅନ୍ୟ ମହିଳା ସଦସ୍ୟଙ୍କ ପ୍ରତି ନିଷ୍ଠୁରତା ତିନି ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡାଦେଶ ଏବଂ ଜରିମାନା ଦଣ୍ଡନୀୟ। ନିଷ୍ଠୁରତା ଅର୍ଥ ହେଉଛି ଜଣେ ମହିଳାଙ୍କୁ ଏପରି ବ୍ୟବହାର କରିବା ଯାହା ଦ୍ୱାରା ସେ ଆତ୍ମହତ୍ୟା କରିବାକୁ ବାଧ ହୁଅନ୍ତି, ଗୁରୁତର ଶାରୀରିକ କିମ୍ବା ମାନସିକ କ୍ଷତି ପହଞ୍ଚାନ୍ତି, କିମ୍ବା ସମ୍ପତ୍ତି କିମ୍ବା ଯୌତୁକ ଭଳି ବେଆଇନ ଦାବି କରି ତାଙ୍କୁ ହଇରାଣ କରିଥାନ୍ତି। ଏପରି ପରିସ୍ଥିତିରେ ଜଣେ ମହିଳା କୋର୍ଟକୁ ଯାଇ ନ୍ୟାୟ ପାଇଁ ଆବେଦନ କରିପାରିବେ। ଲିଭ୍-ଇନ୍ ପାର୍ଟନରମାନେ ମଧ ଏବେ ଏପରି ଅଧିକାର ପାଇ ଉପକୃତ ହେବେ ବୋଲି ଶୀର୍ଷକୋର୍ଟ କହିଛନ୍ତି।

# ଇରାନ ଉପରେ ଆକ୍ରମଣ ସ୍ଥଗିତ ରଖିଲେ ଟ୍ରମ୍ପ-ନେତାନ୍ୟାହୁ



ୱାସିଂଟନ: ଇରାନ ସହ ଚାଲିଥିବା ପାଞ୍ଚମାସର ଯୁଦ୍ଧର ଅବସାନ ପାଇଁ ଏକ ସମ୍ଭାବ୍ୟ ଚୁକ୍ତିର ରୂପରେଖ ଉପରେ ସହମତି ହୋଇଥିବା ଦାବି କରି ଆମେରିକା ଓ ଇସ୍ରାଏଲ୍ ଇରାନ ବିରୋଧରେ ପ୍ରସ୍ତାବିତ ନୂଆ ଆକ୍ରମଣକୁ ସ୍ଥଗିତ ରଖିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶନିବାର ସନ୍ଧ୍ୟାରେ ନିଜ 'ଟ୍ରୁଥ୍ ସୋସିଆଲ୍' ମଞ୍ଚରେ ଏହି ଘୋଷଣା କରିଛନ୍ତି। ଟ୍ରମ୍ପଙ୍କ କହିବା ଅନୁସାରେ, ଇରାନ ଏବଂ ମଧ୍ୟପ୍ରାଚ୍ୟର ଅନ୍ୟ କେତେକ ଦେଶ ଆକ୍ରମଣ ନ କରିବା ପାଇଁ ଆମେରିକାକୁ ଅନୁରୋଧ କରିଛନ୍ତି। ଯୁଦ୍ଧ ଶେଷ ପାଇଁ ଏକ ଚୁକ୍ତିର ମୌଳିକ ସର୍ତ୍ତ ଉପରେ ସହମତି ହୋଇଥିବାରୁ ଏହି ଅନୁରୋଧ କରାଯାଇଛି। ପ୍ରସ୍ତାବିତ ଚୁକ୍ତିରେ ହର୍ମୁଜ ପ୍ରଣାଳୀକୁ ତୁରନ୍ତ, ସମ୍ପୂର୍ଣ୍ଣ ଓ ସବୁଦିନ ପାଇଁ ଖୋଲିବା ସହ ଇରାନର ପରମାଣୁ ବିପଦର ଅବସାନ ଘଟାଇବା ବ୍ୟବସ୍ଥା ରହିବ ବୋଲି ସେ ଦାବି କରିଛନ୍ତି। ବିଶ୍ୱର ଭବିଷ୍ୟତ ସ୍ୱାର୍ଥ ଏବଂ ଇରାନକୁ ଏକ ସଫଳ ଓ ସମୃଦ୍ଧ ଦେଶ ଭାବେ ତିଷ୍ଠି ରହିବାର ସୁଯୋଗ ଦେବା ପାଇଁ ସେ ପ୍ରସ୍ତାବିତ ଆକ୍ରମଣ ବାତିଲ କରିଛନ୍ତି ବୋଲି ଟ୍ରମ୍ପ କହିଛନ୍ତି। ତେବେ ଅତିଶୀଘ୍ର ଚୂଡ଼ାନ୍ତ ଚୁକ୍ତି ହେବା ସର୍ତ୍ତରେ ଏହି ନିଷ୍ପତ୍ତି ନିଆଯାଇଛି। ଆମେରିକା ଇରାନ ବିରୋଧରେ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି ଏବଂ ଆବଶ୍ୟକ ହେଲେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଦେଖାଯାଇ ନ ଥିବା ସ୍ତରର ସାମରିକ ଶକ୍ତି ପ୍ରୟୋଗ କରିପାରିବ ବୋଲି ସେ ଚେତାବନୀ ଦେଇଛନ୍ତି।

ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ମଧ ଇରାନ ସହ ଆଲୋଚନାକୁ ଚୂଡ଼ାନ୍ତ ସ୍ତରରେ ପହଞ୍ଚାଇ ଯୁଦ୍ଧ ବନ୍ଦ କରିବା ପାଇଁ ଆମେରିକା ସହ କାମ କରିବାକୁ ସହମତ ହୋଇଛନ୍ତି। ମାତ୍ର ଟ୍ରମ୍ପଙ୍କ ଏହି ଘୋଷଣା ଉପରେ ଇରାନ ପକ୍ଷରୁ ତୁରନ୍ତ କୌଣସି ଆନୁଷ୍ଠାନିକ ପ୍ରତିକ୍ରିୟା ମିଳିନାହିଁ। ଏହାର ଦିନକ ପୂର୍ବରୁ ଶୁକ୍ରବାର ମେରିଲାଣ୍ଡର କ୍ୟାମ୍ପ୍ ଡେଭିଡ୍‌ରେ କ୍ୟାବିନେଟ୍ ବୈଠକ ବେଳେ ଟ୍ରମ୍ପ ଇରାନ ଉପରେ ଅତ୍ୟନ୍ତ କଠୋର ଆକ୍ରମଣ କରାଯିବ ବୋଲି ଧମକ ଦେଇଥିଲେ। ଆମେରିକା ଓ ଇସ୍ରାଏଲ୍ ସପ୍ତାହାନ୍ତରେ ଇରାନର ଶକ୍ତି ଓ ତୈଳ ସମ୍ପର୍କିତ କେନ୍ଦ୍ରଗୁଡ଼ିକ ଉପରେ ମିଳିତ ଆକ୍ରମଣ ପାଇଁ ପ୍ରସ୍ତୁତି କରୁଥିବା ଆମେରିକୀୟ ଗଣମାଧ୍ୟମ ରିପୋର୍ଟ କରିଥିଲା।

# ଏଫଆଇଆର ପ୍ରତ୍ୟାହାର କରିବ ରାଜ୍ୟ, ଗୁରୁତର ଅପରାଧୀଙ୍କୁ ଛଡ଼ାଯିବନି: ସୁପ୍ରିମକୋର୍ଟ



**ନୂଆଦିଲ୍ଲୀ:** କକ୍ରୋଚ୍ ଜନତା ପାର୍ଟି ପ୍ରତିବାଦ ସମୟରେ ଘଟିଥିବା ହିଂସା ସମ୍ପର୍କିତ ଆବେଦନଗୁଡ଼ିକର ଶୁଣାଣି ସମୟରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ବିବୃତି ଦେଇଛନ୍ତି। ପୂର୍ବ ଆଦେଶକୁ ସଂଶୋଧନ କରି ସୁପ୍ରିମକୋର୍ଟ କହିଛନ୍ତି ଯେ, ଗମ୍ଭୀର ଅପରାଧର ଅଭିଯୁକ୍ତମାନଙ୍କୁ କୌଣସି ପ୍ରକାରେ ଛଡ଼ାଯିବନି। ରାଜ୍ୟଗୁଡ଼ିକର ମାମଲା ପ୍ରତ୍ୟାହାର କରିବାର ସ୍ୱାଧୀନତା ରହିବ, ଅର୍ଥାତ୍ ସେମାନେ ପ୍ରତିବାଦକାରୀଙ୍କ ବିରୋଧରେ ମାମଲା ଶେଷ କରିପାରିବେ କିମ୍ବା ପ୍ରତ୍ୟାହାର କରିପାରିବେ। ଏହାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୧୯ରେ ଅନୁଷ୍ଠିତ ହେବ। ଯେଉଁମାନଙ୍କ ବିରୋଧରେ ସାମାନ୍ୟ ଅଭିଯୋଗ ଅଛି କିମ୍ବା ରାଜନୈତିକ କାରଣରୁ ପ୍ରତିବାଦ କରୁଛନ୍ତି ସେମାନେ ଆଶ୍ୱସ୍ତି ପାଇବେ। ସରକାର ପ୍ରତିବାଦକାରୀଙ୍କ ବିରୋଧରେ ଏଫଆଇଆର ଦାଖଲ କରିବା ସମ୍ପର୍କରେ ତାଙ୍କର ପୂର୍ବ ପ୍ରତିଶ୍ରୁତି ଅନୁସାରେ ସମ୍ପୂର୍ଣ୍ଣ ଭାବରେ ଦୃଢ଼ ନିଶ୍ଚୟ ଅଛନ୍ତି। ସୁପ୍ରିମକୋର୍ଟ ତାଙ୍କ ୨୮ ଜୁଲାଇ ଆଦେଶକୁ ସ୍ପଷ୍ଟ କରି କହିଛନ୍ତି ଯେ ଦିଲ୍ଲୀ ଏବଂ ଅନ୍ୟ ଯେକୌଣସି ରାଜ୍ୟ ପ୍ରତିବାଦକାରୀଙ୍କ ବିରୋଧରେ ଦାୟର ହୋଇଥିବା ଏଫଆଇଆରକୁ ବନ୍ଦ କିମ୍ବା ପ୍ରତ୍ୟାହାର କରିପାରିବେ।

## ନିଟ୍ ପିଜି-୨୦୨୬ ପାଇଁ କଡ଼ା ସୁରକ୍ଷା

# ପ୍ରତ୍ୟେକ ପ୍ରଶ୍ନ ପାଇଁ ମିଳିବ ଅଧିକ ସମୟ

**ନୂଆଦିଲ୍ଲୀ:** ନିଟ୍ ପିଜି-୨୦୨୬ ପରୀକ୍ଷାକୁ ସ୍ୱଚ୍ଛ, ନିରପେକ୍ଷ ଓ ପରୀକ୍ଷାର୍ଥୀଙ୍କ ପାଇଁ ସୁବିଧାଜନକ କରିବା ନିମନ୍ତେ କେନ୍ଦ୍ର ସରକାର ବ୍ୟାପକ ପରିବର୍ତ୍ତନ କରିଛନ୍ତି। ଅଗଷ୍ଟ ୩୦ ତାରିଖ ରବିବାର ସକାଳ ୯ରୁ ମଧ୍ୟାହ୍ନ ୧୨ଟା ୩୦ ପର୍ଯ୍ୟନ୍ତ ସାରା ଦେଶରେ ଗୋଟିଏ ପର୍ଯ୍ୟାୟରେ କମ୍ପ୍ୟୁଟରଭିତ୍ତିକ ପରୀକ୍ଷା ହେବ। ପରୀକ୍ଷାର୍ଥୀଙ୍କୁ ସକାଳ ୭ଟାରୁ କେନ୍ଦ୍ରରେ ପ୍ରବେଶ ଅନୁମତି ମିଳିବ ଏବଂ ସାଢ଼େ ୮ଟାରେ ପ୍ରବେଶଦ୍ୱାର ବନ୍ଦ କରିଦିଆଯିବ।

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତପ୍ରକାଶ ନଡ୍ଡା ଶନିବାର ନ୍ୟାସ୍‌ନାଲ ବୋର୍ଡ ଅଫ୍ ଏକ୍‌ଜାମିନେସନ୍ସ ଇନ୍ ମେଡିକାଲ୍ ସାଇନ୍‌ସେସ୍ (ଏନ୍‌ବିଇଏମ୍ଏସ୍), ପ୍ରଯୁକ୍ତି ସହଯୋଗୀ ସଂସ୍ଥା ଏବଂ ଅନ୍ୟ ଅଂଶୀଦାରଙ୍କ ପ୍ରସ୍ତୁତି ସମୀକ୍ଷା କରିଥିଲେ। ପରୀକ୍ଷା ଯେପରି ସୁରୁଖୁରୁରେ, ସୁରକ୍ଷିତ ଓ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ ହୁଏ, ତାହା ନିଶ୍ଚିତ କରିବାକୁ ସେ ସମସ୍ତ ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥର ମୋଟ ୨ ଲକ୍ଷ ୭୩ ହଜାର ୧୮୩ ପରୀକ୍ଷାର୍ଥୀ ପଞ୍ଜୀକରଣ କରିଛନ୍ତି। ଗତବର୍ଷ ତୁଳନାରେ ଏହି ସଂଖ୍ୟା ସାଢ଼େ ୧୨ ପ୍ରତିଶତରୁ ଅଧିକ। ପ୍ରାୟ ୩୪୦ଟି ସହରର ୧୩୦୦ରୁ ଅଧିକ କେନ୍ଦ୍ରରେ ପରୀକ୍ଷା ହେବ ଏବଂ ୬୦ ହଜାରରୁ ଅଧିକ କର୍ମଚାରୀ ନିୟୋଜିତ ହେବେ।



ପରୀକ୍ଷା କେନ୍ଦ୍ର ବଣ୍ଟନରେ ପୂର୍ବରୁ ପ୍ରଚଳିତ 'ଆଗେ ଆସିଲେ ଆଗେ ପାଇବେ' ବ୍ୟବସ୍ଥାକୁ ହଟାଇ ଦିଆଯାଇଛି। ପରୀକ୍ଷାର୍ଥୀ ତିନିଟି ରାଜ୍ୟକୁ ପସନ୍ଦ କରିପାରିବେ। ସେମାନଙ୍କ ଚିଠିପତ୍ର ଠିକଣା ଥିବା ରାଜ୍ୟକୁ ପ୍ରଥମ ପସନ୍ଦ କରିବା ବାଧ୍ୟତାମୂଳକ। ଫଳରେ ବାସସ୍ଥାନ ନିକଟରେ କେନ୍ଦ୍ର ମିଳିବାର ସମ୍ଭାବନା ବଢ଼ିବ। ପରୀକ୍ଷାର ପ୍ରାୟ ତିନି ସପ୍ତାହ ପୂର୍ବରୁ ସହର ସମ୍ପର୍କରେ ସୂଚନା ମିଳିବ। ପୂର୍ବର ୨୦୦ ବଦଳରେ ଏଥର ୧୮୦ଟି ପ୍ରଶ୍ନ ରହିବ। କିନ୍ତୁ ପରୀକ୍ଷା ଅବଧି ୨୧୦ ମିନିଟ୍ ରହିଥିବାରୁ ପ୍ରତ୍ୟେକ ପ୍ରଶ୍ନ ପାଇଁ ଅଧିକ ସମୟ ମିଳିବ। ଆବେଦନ ସମୟରେ ଓ ପରୀକ୍ଷା ଦିନ ଆଧାରଭିତ୍ତିକ ପରିଚୟ ଯାଞ୍ଚ କରାଯିବ। ଆଙ୍ଗୁଠି ଛାପ ମେଳ ନ ଖାଇଲେ ଆଖିର ଡୋଳା ଯାଞ୍ଚ କରାଯିବ। ପରୀକ୍ଷାକେନ୍ଦ୍ରକୁ ଆଗୁଆ ସିଲ୍ କରି ଯାଞ୍ଚ, ସିସିଟିଭି ନିରୀକ୍ଷଣ, ଶରୀର ଯାଞ୍ଚ, ସିଗ୍‌ନାଲ୍ ଜାମର, କେନ୍ଦ୍ରୀୟ ଓ ଆଞ୍ଚଳିକ ନିୟନ୍ତ୍ରଣ କକ୍ଷରୁ ସିଧାସଳଖ ନଜର ରଖିବା ବ୍ୟବସ୍ଥା ହୋଇଛି। ପରୀକ୍ଷା ଆରମ୍ଭର ଅଳ୍ପ ସମୟ ପୂର୍ବରୁ ସୁରକ୍ଷିତ ଓ ସାଙ୍କେତିକ ପଦ୍ଧତିରେ ଚୂଡ଼ାନ୍ତ ପ୍ରଶ୍ନପତ୍ର ଚୟନ ହେବ। ତେଣୁ ପ୍ରଶ୍ନପତ୍ର ଆଗୁଆ ମିଳିବା ସମ୍ପର୍କିତ ମିଥ୍ୟା ଦାବି ଓ ଗୁଜବରେ ବିଶ୍ୱାସ ନ କରିବାକୁ ନଡ୍ଡା ପରୀକ୍ଷାର୍ଥୀଙ୍କୁ କହିଛନ୍ତି।

# ବିଜେପି ଗଡ଼ ବାଙ୍କୀପୁର ଉପନିର୍ବାଚନରେ ଜିତି ଇତିହାସ ରଚିଲେ ପ୍ରଶାନ୍ତ କିଶୋର



**ପାଟନା:** ଜୁଲାଇ ୩୦ ତାରିଖରେ ବିହାରର ବାଙ୍କୀପୁର, ମଧ୍ୟପ୍ରଦେଶର ଦତିଆ ଓ ଗୁଜରାଟର ମାଞ୍ଜଲପୁରରେ ଅନୁଷ୍ଠିତ ବିଧାନସଭା ଉପନିର୍ବାଚନରେ ଫଳାଫଳ ସୋମବାର ବିଜେପି ଦୁଇଟି ଆସନରେ ପରାସ୍ତ ହୋଇଥିବାବେଳେ ଗୋଟିଏ ଆସନ ଜିତିଛି। ବାଙ୍କୀପୁରରେ ଜିତି ପ୍ରଶାନ୍ତ କିଶୋରଓ ତାଙ୍କ ଜନ ସୁରାଜ ପାର୍ଟି ଇତିହାସ ରଚିଛନ୍ତି। ଗତ ୩୦ ବର୍ଷ ହେଲା ବାଙ୍କୀପୁର ବିଧାନସଭା ଆସନରେ ବିଜେପି ଜିତି ଆସୁଥିଲା। ଦତିଆରେ କଂଗ୍ରେସ ପ୍ରାର୍ଥୀ ଘନଶ୍ୟାମ ସିଂହ ଓ ଗୁଜରାଟର ମାଞ୍ଜଲପୁରରେ ବିଜେପି ପ୍ରାର୍ଥୀ ସତୀଶ ପଟେଲ ଜିତିଛନ୍ତି।

ବିଜେପିର ଗଡ଼ କୁହାଯାଉଥିବା ବାଙ୍କୀପୁରାରେ ଜିତି ପ୍ରଶାନ୍ତ କିଶୋରଙ୍କ ଜନ ସୁରାଜ ପାର୍ଟି ପ୍ରଥମ ନିର୍ବାଚନୀ ବିଜୟ ହାସଲ କରିଛି। ପ୍ରଶାନ୍ତ କିଶୋର ୧୮,୯୫୩ ଭୋଟ ମାର୍ଜିନରେ ବିଜେପିର ନିରଜ କୁମାର ସିହ୍ନାଙ୍କୁ ପରାଜିତ କରିଛନ୍ତି। ବିଜେପି ରାଷ୍ଟ୍ରୀୟ ଅଧକ୍ଷ ନୀତୀନ ନବୀନ ରାଜ୍ୟସଭାକୁ ନିର୍ବାଚିତ ହେବା ପରେ ଏହି ଆସନ ଖାଲି ପଡ଼ିଥିଲା। ପ୍ରଶାନ୍ତ କିଶୋର ୨୯ ରାଉଣ୍ଡ ଭୋଟ ଗଣନା ପରେ ମୋଟ ୬୧,୦୭୫ ଭୋଟ ପାଇଥିବାବେଳେ ବିଜେପିର ନିରଜ କୁମାର ୪୨,୧୧୧ ଭୋଟ ପାଇଥିଲା। ଆରଜେଡିର ରେଖା କୁମାରୀ ୧୩,୬୨୫ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ବିଜେପିର ପରାଜୟ ପରିପ୍ରେକ୍ଷୀରେ ପ୍ରଶାନ୍ତ କିଶୋର କହିଥିଲେ ଯେ, ୩୦ ବର୍ଷର ଗଡ଼ ୩୦ ଦିନରେ ଭୁଶୁଡ଼ି ପଡ଼ିଲା। ଏହାଦ୍ୱାରା ବିହାରରେ ଶିକ୍ଷା ଓ ନିଯୁକ୍ତି ଉପରେ ଗୁରୁତ୍ୱ ଦେଉଥିବା ନେତୃତ୍ୱର ଆବଶ୍ୟକତା ଅଛି ବୋଲି ଲୋକେ ବାର୍ତ୍ତା ଦେଇଛନ୍ତି। ତାଙ୍କୁ ଭୋଟ ଦେଇଥିବା ଲୋକଙ୍କୁ ସେ ଧନ୍ୟବାଦ ଜଣାଇଥିଲେ।

ସେହିପରି ମଧ୍ୟପ୍ରଦେଶର ଦତିଆ ବିଧାନସଭା ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଘନଶ୍ୟାମ ସିଂହ ବିଜୟୀ ହୋଇଛନ୍ତି। ସିଂହ ବିଜେପି ପ୍ରାର୍ଥୀ ଆଶୁତୋଷ ତିୱାରୀଙ୍କୁ ପରାଜିତ କରିଛନ୍ତି। ଘନଶ୍ୟାମ ସିଂହ ୬୦୫୬ ଭୋଟ ଅନ୍ତରରେ ବିଜୟୀ ହୋଇଛନ୍ତି। ଦତିଆ ବିଧାନସଭା ଆସନରେ ମୋଟ ୧୫ ରାଉଣ୍ଡ ଭୋଟ ଗଣନା ହୋଇଥିଲା ଓ ଘନଶ୍ୟାମ ସିଂହ ପ୍ରଥମରୁ ଆଗୁଆ ରହିଥିଲେ। ୩୦ ଜୁଲାଇରେ ଅନୁଷ୍ଠିତ ଉପନିର୍ବାଚନରେ ଦତିଆରେ ମୋଟ ୭୧.୪୪ ପ୍ରତିଶତ ମତଦାନ ହୋଇଥିଲା। କଂଗ୍ରେସର ପୂର୍ବତନ ବିଧାୟକ ରାଜେନ୍ଦ୍ର ଭାରତୀଙ୍କୁ ଦିଲ୍ଲୀର ଏକ କୋର୍ଟ ୩ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇବା ପରେ ତାଙ୍କ ବିଧାନସଭା ସଦସ୍ୟତା ରଦ୍ଦ ହେବା ପରେ ଉପନିର୍ବାଚନର ଆବଶ୍ୟକତା ପଡ଼ିଥିଲା। ଭାରତୀ ୨୦୨୩ ବିଧାନସଭା ନିର୍ବାଚନରେ ରାଜ୍ୟର ତତ୍କାଳୀନ ଗୃହମନ୍ତ୍ରୀ ନରୋତ୍ତମ ମିଶ୍ରଙ୍କୁ ୭୭୦୦ ରୁ ଅଧିକ ଭୋଟରେ ପରାଜିତ କରିଥିଲେ। ବିଜେପି ଚଳିତ ଉପନିର୍ବାଚନରେ ନରୋତ୍ତମ ମିଶ୍ରଙ୍କୁ ଟିକେଟ ଦେଇନଥିଲା।

ଗୁଜରାଟର ବଡୋଦରା ଜିଲ୍ଲାର ମାଞ୍ଜଲପୁର ବିଧାନସଭା ଆସନରେ ବିଜେପିର ସତୀଶ ପଟେଲ ୩୦୦୦୦ ରୁ ଅଧିକ ଭୋଟ ଅନ୍ତରରେ ଜିତିଛନ୍ତି। ମାଞ୍ଜଲପୁର ଆସନରେ କଂଗ୍ରେସ ପ୍ରାର୍ଥୀ ଭିଖାଭାଇ ରବାରୀଙ୍କୁ ବଡ଼ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଛି। ୩୦ ଜୁଲାଇରେ ଅନୁଷ୍ଠିତ ଉପନିର୍ବାଚନରେ ଏହି ନିର୍ବାଚନ ମଣ୍ଡଳୀରେ ମୋଟ ୩୭.୫ ପ୍ରତିଶତ ମତଦାନ ହୋଇଥିଲା। ଭୋଟ ଗଣତି ଆରମ୍ଭ ହେବା ପରଠାରୁ ବିଜେପି ପ୍ରାର୍ଥୀ ଆଗରେ ରହିଥିଲେ। ବିଜେପି ପ୍ରାର୍ଥୀ ସତୀଶ ପଟେଲଙ୍କୁ ମୋଟ ୫୫,୪୮୧ ଭୋଟ ମିଳିଥିବାବେଳେ କଂଗ୍ରେସ ପ୍ରାର୍ଥୀ ଭିଖାଭାଇ ରବାରୀଙ୍କୁ ୨୪୮୫୧ ଭୋଟ ମିଳିଥିଲା। ନୋଟାରେ ୨୨୪୭ ଭୋଟ ପଡ଼ିଥିଲା।

# କେରଳରେ ବର୍ଷା ଓ ବନ୍ୟାର ତାଣ୍ଡବ | ୧୫ ମୃତ, ୭ ନିଖୋଜ



**ତିରୁବନନ୍ତପୁରମ:** କେରଳରେ ବର୍ଷାଜନିତ ଘଟଣାରେ ମୃତ୍ୟୁ ସଂଖ୍ୟା ୧୫କୁ ବୃଦ୍ଧି ପାଇଛି ବୋଲି ମୁଖ୍ୟମନ୍ତ୍ରୀ ଭିଡି ସତୀସନ୍ ସୋମବାର କହିଛନ୍ତି। ସାତ ଜଣ ଏବେବି ନିଖୋଜ ଅଛନ୍ତି। କୋଟ୍ଟାୟମ ଜିଲ୍ଲାରେ ତିନି ଜଣଙ୍କର ମୃତ୍ୟୁ ଘଟିଥିବା ରିପୋର୍ଟ ହୋଇଛି, ଯେଉଁଥିରେ ପୁଞ୍ଜାର ବିଧାନସଭା ନିର୍ବାଚନମଣ୍ଡଳୀର ଦୁଇଜଣ ଓ ପାଣି ଟାଙ୍କିରେ ପଡ଼ି ବୁଡ଼ି ଯାଇଥିବା ଜଣେ ଶିଶୁ ସାମିଲ ଅଛନ୍ତି।

ଏର୍ଣ୍ଣାକୁଲମରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଇଡୁକ୍କି ଓ ମୁଭାଟ୍ଟୁପୁଝାରେ ଜଣେ ଲେଖାଏଁଙ୍କର ମୃତ୍ୟୁ ହୋଇଛି। କୋଲ୍ଲମରେ ଦୁଇଜଣ, ମାଲାପ୍ପୁରମରେ ଚାରି ଜଣ, କନ୍ନୁରରେ ଜଣେ ଓ କୋଝିକୋଡରେ ଜଣେ ପ୍ରାଣ ହରାଇଛନ୍ତି। ସାତ ଜଣ ଏବେବି ନିଖୋଜ ଅଛନ୍ତି। କୋଲ୍ଲମରେ ଦୁଇଜଣ, କନ୍ନୁରରେ ଦୁଇଜଣ, ମାଲାପ୍ପୁରମରେ ଜଣେ ଏବଂ ଇଡୁକ୍କି ଏବଂ ମୁଭାଟ୍ଟୁପୁଝାରେ ଜଣେ ନିଖୋଜ ଅଛନ୍ତି ବୋଲି ସତୀସନ୍ କହିଛନ୍ତି।

ରାଜ୍ୟରେ ୩୧୬ଟି ରିଲିଫ୍ ଶିବିର କାର୍ଯ୍ୟ କରୁଛି, ବର୍ଷା ଓ ବନ୍ୟା ଯୋଗୁଁ ବିସ୍ଥାପିତ ୧୧,୦୧୮ ଜଣଙ୍କୁ ଆଶ୍ରୟ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ରାଜ୍ୟର ବନ୍ୟା ପରିସ୍ଥିତିର ସମୀକ୍ଷା କରିବା ପରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ରହିଛି ଓ ଏହି ସମୟରେ ୪୦-୫୦ କିଲୋମିଟର ବେଗରେ ପବନ ବହିବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଉତ୍ତର କେରଳ ଉପକୂଳରେ ୨.୭ରୁ ୩.୫ ମିଟର ଉଚ୍ଚ ଜୁଆର ଉଠିବା ନେଇ ଭାରତୀୟ ଜାତୀୟ ସାମୁଦ୍ରିକ ସୂଚନା ସେବା କେନ୍ଦ୍ର ସତର୍କ କରାଇଛି ଓ ମତ୍ସ୍ୟଜୀବୀ ତଥା ଉପକୂଳବାସୀଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛି।

ପ୍ରବଳ ବର୍ଷା ଯୋଗୁଁ ବିଶେଷ କରି ପଠାନମଥିଟ୍ଟା, ଇଡୁକ୍କି, ୱାୟାନାଡ, କୋଟାୟାମ, କୋଜିକୋଡ ଏବଂ କନ୍ନୁର ଜିଲ୍ଲାର ନଦୀକୂଳିଆ ଏବଂ ତଳୁଆ ଅଞ୍ଚଳ ପାଣିରେ ବୁଡ଼ି ରହିଛି ଏବଂ ଅନେକ ଘର ଭିତରକୁ ବନ୍ୟା ଜଳ ପ୍ରବେଶ କରିଛି। ବର୍ଷା କମିଥିଲେ ମଧ ପଠାନମଥିଟ୍ଟା ଜିଲ୍ଲାର ରାନି ଏବଂ ଆଲାପୁଝା ଜିଲ୍ଲାର କୁଟ୍ଟାନାଡ ଅଞ୍ଚଳରୁ ବନ୍ୟା ଜଳ ହ୍ରାସ ପାଇନାହିଁ, ଯେଉଁଥିପାଇଁ ସ୍ଥାନୀୟ ବାସିନ୍ଦା ଯାତାୟାତ ପାଇଁ ଛୋଟ ଡଙ୍ଗା ବ୍ୟବହାର କରୁଛନ୍ତି।

୧୨ ଜିଲ୍ଲାରେ ଅରେଞ୍ଜ ଆଲର୍ଟ ଜାରି କରାଯାଇଥିବା ବେଳେ ଆଜି ପ୍ରବଳ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗତକାଲି ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ନଦୀ ଏବଂ ଡ୍ୟାମଗୁଡ଼ିକର ଜଳସ୍ତର ବୃଦ୍ଧି ପାଇବା ସହ ବିଭିନ୍ନ ଅଞ୍ଚଳରେ ବ୍ୟାପକ ସ୍ଥାନାନ୍ତର ପ୍ରକ୍ରିୟା ଜାରି ରହିଛି।

ଓଡ଼ିଶା ନିଶବ୍ଦ
ସାପ୍ତାହିକ ଖବର କାଗଜ
THE ODISHA NISHABDA

# ପଞ୍ଚାୟତ ନିର୍ବାଚନରେ ହରଡଘଟଣାରେ ପକାଇବ 'ପାଣି' !

ଭୁବନେଶ୍ୱର: ଆସନ୍ତା ଏପ୍ରିଲ ଓ ମେ' ମାସରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ହେବ। ଯେତେବେଳେ ଓଡ଼ିଶାରେ ପ୍ରଚଣ୍ଡ ଖରା ହେଉଥିବ, ନଦୀ, ନାଳରେ ପାଣି ପୂରା କମ୍ ଥିବ, ସେତେବେଳେ ଶାସକ ଦଳ ନିର୍ବାଚନ ମଇଦାନକୁ ଓହ୍ଲାଇବ। ସରକାର ସଫଳତାର କାହାଣୀ ନେଇ ଲୋକଙ୍କ ପାଖକୁ ଯିବେ। ହେଲେ ଶାସକ ଦଳର ବାଟ ଓଗାଳିବ ଗାଁ ଗାଁରେ ପିଇବା ପାଣି ସମସ୍ୟା। କାରଣ ରାଜ୍ୟ ସରକାର ମାର୍ଚ୍ଚ ୨୦୨୭ ସୁଦ୍ଧା ଗ୍ରାମାଞ୍ଚଳର ପ୍ରତି ଘରକୁ ଟ୍ୟାପ୍ ପାଣି ସଂଯୋଗ ଦେବାକୁ ଯେଉଁ ଯୋଜନା କରିଛନ୍ତି ସେଥିରେ ସଫଳ ହେବାର ସମ୍ଭାବନା ଏକପ୍ରକାର କ୍ଷୀଣ। ଯାହାକୁ ବିରୋଧୀ ଆଗାମୀ ନିର୍ବାଚନରେ ବଡ଼ ଅସ୍ତ୍ର କରିପାରନ୍ତି।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ରାଜ୍ୟରେ ୨୦୭ଟି ମେଗା ପାନୀୟଜଳ ପ୍ରକଳ୍ପ କରାଯାଉଛି। ଏଥିରୁ ଏବେ ସୁଦ୍ଧା ୪୨ଟି ପ୍ରକଳ୍ପ ସରିଛି। ବହୁ ପ୍ରକଳ୍ପ ତ ଏବେବି ଅଧା ସ୍ଥିତିରେ ପହଞ୍ଚିନି। ମାର୍ଚ୍ଚ କଣ୍ଟ ପୂରଣକୁ ହାତରେ ମାତ୍ର ଆଉ ୮ମାସ ସମୟ ଥିବାବେଳେ କେମିତି ୧୬୫ଟି ମେଗା ପାନୀୟ ଜଳ ପ୍ରକଳ୍ପ ଶେଷ ହେବ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ହେଲେ ବିଭାଗ ନା ତତ୍ପରତା ଦେଖାଉଛି ନା କିଛି ସ୍ୱତନ୍ତ୍ର ପଦକ୍ଷେପ ନେଉଛି। ଏମିତିରେ ବି ପାନୀୟଜଳ ପ୍ରକଳ୍ପ ବିଳମ୍ବ ନେଇ ରାଜ୍ୟ ସରକାର ଆଉ ପୂର୍ବ ସରକାରଙ୍କୁ ଦାୟୀ କରି ଖସିପାରିବେନି। କାରଣ ପଞ୍ଚାୟତ ନିର୍ବାଚନ ପ୍ରଚାର ମଇଦାନକୁ ଓହ୍ଲାଇଲା ବେଳକୁ ରାଜ୍ୟର ବିଜେପି ସରକାରକୁ ଅଢ଼େଇ ବର୍ଷ ପୂରିଯାଇଥିବ। ଏହା ଭିତରେ ସରକାର ଥରେ ପ୍ରକଳ୍ପ ସମାପ୍ତି ସମୟସୀମା ଘୁଞ୍ଚାଇ ସାରିଲେଣି। ବିଭାଗୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏବେ ଏହି ପ୍ରକଳ୍ପ ସରିବାକୁ ଆହୁରି ପ୍ରାୟ ୯ହଜାର କୋଟି ଟଙ୍କା ଆବଶ୍ୟକ।



- ୮ମାସରେ କେମିତି ସରିବ ୧୬୫ଟି ପ୍ରକଳ୍ପ ?
- ପ୍ରକଳ୍ପ ସାରିବାକୁ ଦରକାର ୯ହଜାର କୋଟି
- ଠିକାସଂସ୍ଥାଙ୍କୁ ୨ହଜାର କୋଟିର ଜରିମାନା
- ଏସ୍କାଲେସନ୍ ଫି' ୪ହଜାର କୋଟି ମାଗୁଛନ୍ତି

ହେଲେ କେନ୍ଦ୍ର ସରକାର ଜଳଜୀବନ ମିସନ୍ ଯୋଜନାରେ ଯେଉଁ ଅଧା ଅର୍ଥ ବହନ କରିବେ ବୋଲି ନିୟମ ଥିଲା ତାହା ଠିକ୍ ଭାବେ ମିଳୁନି। ୨୦୨୪-୨୫ରେ କେନ୍ଦ୍ର ସରକାର ୭ହଜାର କୋଟି ଟଙ୍କା ଦେବା କଥା। ମାତ୍ର ୩୬୮କୋଟି ୩୯ଲକ୍ଷ ଟଙ୍କା କେନ୍ଦ୍ରରୁ ଆସିଲା। ଏହାକୁ ଭରଣା କରିବାକୁ ରାଜ୍ୟ ସରକାର ଚଳିତବର୍ଷ ୪ହଜାର କୋଟି ଟଙ୍କା ଅତିରିକ୍ତ ଦେଲେ। ଚଳିତ ବଜେଟ୍‌ରେ କେନ୍ଦ୍ର ଭାଗ ଭରଣା କରିବାକୁ ରାଜ୍ୟ ସରକାର ଅର୍ଥ ବରାଦ କରିନଥିବାରୁ ଏବେ କିଭଳି ପ୍ରକଳ୍ପ ସାରିବେ ସେହି ଚିନ୍ତା ଘାରିଛି। କାରଣ କେନ୍ଦ୍ର ସରକାର ଜଳଜୀବନ ମିସନ୍ ୨.୦ରେ ମାତ୍ର ୬୫କୋଟି ଟଙ୍କା ମଞ୍ଜୁର କରିଛନ୍ତି।

ରାଜ୍ୟରେ ମେଗା ପାନୀୟ ଜଳ ପ୍ରକଳ୍ପ ?ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବିଭାଗୀୟ ମନ୍ତ୍ରୀ, ମୁଖ୍ୟ ସଚିବ, ବିଭାଗୀୟ ସଚିବ ନିୟମିତ ପାନୀୟ ଜଳ ପ୍ରକଳ୍ପର ସ୍ଥିତି ସମୀକ୍ଷା କରୁଛନ୍ତି। ହେଲେ ବିଭାଗ-ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ କାମ ଆଗେଇପାରୁନି। ବହୁ ପ୍ରକଳ୍ପରେ ପାଇପ୍ ବିଛା ହୋଇ ଘରକୁ ଟ୍ୟାପ୍ ସଂଯୋଗ ଦିଆଯାଇଛି। ଅଥଚ ସେସବୁ ସ୍ଥାନରେ ପାଇପ୍ ?ରେ ପାଣି ଆସୁନି। କେଉଁଠି ଇନ୍‌ଟେକ୍ ୱେଲ୍ (ପାଣି ନଦୀରୁ ଉଠାଇବା ସ୍ଥାନ) ଚିହ୍ନଟ ହୋଇପାରୁନି ତ କେଉଁଠି ପ୍ରକଳ୍ପକୁ ଟ୍ରାନ୍ସଫର୍ମର ସଂଯୋଗ ଦେଇ ହେଉନି। ବହୁ ସ୍ଥାନରେ ଜମି ଅଧିଗ୍ରହଣ ସମସ୍ୟା, ଜଙ୍ଗଲ ଜମି ରହୁଥିବାରୁ ଓଭରହେଡ୍ ଟାଙ୍କି ନିର୍ମାଣ ହୋଇପାରୁନି। ଏହି ସବୁ ସମସ୍ୟାର ସମାଧାନ ପାଇଁ ମୁଖ୍ୟ ସଚିବ ବାରମ୍ବାର ବିଭିନ୍ନ ବିଭାଗର ସଚିବଙ୍କୁ ନିର୍ଦ୍ଦେଶ ଦେଉଥିଲେ ବି କ୍ଷେତ୍ର ସ୍ତରରେ ତାହା କାର୍ଯ୍ୟକାରୀ ହୋଇପାରୁନି।

କେବଳ ଏତିକି ନୁହେଁ, ଏବେ ବହୁ ସ୍ଥାନରେ ଠିକାସଂସ୍ଥା କାମ ଏକପ୍ରକାରର ବନ୍ଦ କରିଦେଇଛନ୍ତି। ସେମାନଙ୍କ ପ୍ରାପ୍ୟ କଟାଯାଉଥିବାରୁ ସେମାନେ କୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ଅଣ୍ଟା ଭିଡ଼ିଲେଣି। ମିଳିଥିବା ସୂଚନା ଅନୁଯାୟୀ, ବିଭାଗ ପକ୍ଷରୁ ଏବେ ପ୍ରକଳ୍ପ ବିଳମ୍ବ ହେଉଥିବା ଦର୍ଶାଇ ଠିକା ସଂସ୍ଥାଗୁଡ଼ିକଠାରୁ ଜରିମାନା ବାବଦକୁ ପ୍ରାୟ ୨ହଜାର କୋଟି ଟଙ୍କା କଟାଯାଇଛି। ଅନ୍ୟପଟରେ ଠିକା ସଂସ୍ଥାଗୁଡ଼ିକ ଏହି ବିଳମ୍ବ ପାଇଁ ବିଭିନ୍ନ କାରଣ ଦର୍ଶାଇ ସେମାନଙ୍କୁ ଟେଣ୍ଡର ସର୍ତ୍ତାବଳୀ ଅନୁଯାୟୀ ଏସ୍କାଲେସନ୍ ଫି' ବାବଦକୁ ପ୍ରାୟ ୪ହଜାର କୋଟି ଦାବି କଲେଣି। ଠିକାସଂସ୍ଥାଙ୍କ ଅଭିଯୋଗ ହେଲା, ସରକାର କେଉଁଥିପାଇଁ ପ୍ରକଳ୍ପ ବିଳମ୍ବ ହେଲା କିମ୍ବା ଏବେ ହେଉଛି ତା'ର ସର୍ଭେ ନକରି ମନଇଚ୍ଛା ଜରିମାନା କାଟୁଛନ୍ତି। ତେଣୁ ସରକାର ଏସ୍କାଲେସନ୍ ଫି' ନଦେଲେ କାମ କରିବା ସମ୍ଭବ ନୁହେଁ। ଏହାବାଦ୍ ଜାଣିବାକୁ ମିଳିଛି ଯେ ବିଭିନ୍ନ ସ୍ଥାନରେ ଇନଟେକ୍ ୱେଲ୍, ଓଭରହେଡ୍ ଟାଙ୍କି ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ନିର୍ମାଣ ପାଇଁ ସମସ୍ତ ଡିଜାଇନ୍ ବିଭିନ୍ନ ଆଇଆଇଟିକୁ ପଠାଯାଉଛି। ଠିକାସଂସ୍ଥା ସେଠାରୁ ଏହାକୁ ଅନୁମୋଦନ କରିକି ଆଣିବା ପରେ ବିଭାଗୀୟ ଯନ୍ତ୍ରୀ ପୁଣି ଏଥିରେ ପରିବର୍ତ୍ତନ କରୁଛନ୍ତି। ଏଥିରେ ୫ରୁ ୬ମାସ ସମୟ ଯାଉଥିବାରୁ କାମ ବିଳମ୍ବ ହେଉଛି।

ଉଲ୍ଲେଖଥାଉକି, ନିକଟରେ ବିଧାୟକ ସନାତନ ବିଜୁଳିଙ୍କ ଅଧକ୍ଷତାରେ ବିଧାନସଭାର ପଞ୍ଚାୟତିରାଜ ଓ ପାନୀୟ ଜଳ ସମ୍ପର୍କିତ ଷ୍ଟାଣ୍ଡିଂ କମିଟି ବୈ?ଠକରେ ଶାସକ ଦଳ ବିଧାୟକ ମନୋରଂଜନ ଦ୍ୟାନସାମନ୍ତରାୟ, ଅମର ନାୟକ, ବିଜେଡି ବିଧାୟକ ଗେ?ତମବୁଦ୍ଧ ଦାସ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ?ହେଲେ କେଉଁ ମାସରେ କେତୋଟି ପ୍ରକଳ୍ପ ଶେଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି, କାହିଁକି ସରୁନି ସେନେଇ ବିଭାଗୀୟ ଅଧିକାରୀମାନେ ସ୍ପଷ୍ଟ ଉତ୍ତର ଦେଇପାରିନଥିଲେ।

## ବନ୍ୟା ଦୁର୍ଗତଙ୍କ ପାଇଁ ୧୧୦ କୋଟି

# କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ସହାୟତା ଦିଅ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବନ୍ୟା ପ୍ରଭାବିତଙ୍କ ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ୧୧୦ କୋଟି ଟଙ୍କାର ସହାୟତା ପ୍ୟାକେଜ୍ ଘୋଷଣା କରିଛନ୍ତି। ଏହି ସହାୟତା ତୁରନ୍ତ ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଚୂଡ଼ାନ୍ତ କ୍ଷୟକ୍ଷତି ଆକଳନ ପରେ ଆବଶ୍ୟକ ସମସ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ରାସ୍ତା, ସେତୁ ଓ କ୍ଷତିଗ୍ରସ୍ତ ଅନ୍ୟାନ୍ୟ ଭିତ୍ତିଭୂମିର ମରାମତି ପାଇଁ ଚୂଡ଼ାନ୍ତ ଆକଳନ ପରେ ସହାୟତା ଦିଆଯିବ।



ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ବନ୍ୟା ପ୍ରଭାବିତ ଅଞ୍ଚଳର ସମସ୍ତ ଯୋଗ୍ୟ ହିତାଧିକାରୀ ଓ ପରିବାରଙ୍କୁ ଗ୍ରାଚୁଇଟସ୍ ରିଲିଫ୍ ଯୋଗାଇ ଦିଆଯିବ। ସ୍ୱାଭାବିକ ପରିସ୍ଥିତି ଫେରିବା ପର୍ଯ୍ୟନ୍ତ ଏହି ସହାୟତା ଜାରି ରହିବ। ଘରବାଡ଼ି କ୍ଷତିଗ୍ରସ୍ତ ପରିବାରମାନଙ୍କ ପାଇଁ ବିପର୍ଯ୍ୟୟ ସହାୟତା ପାଣ୍ଠିରୁ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ବାସଗୃହର ମରାମତି ନିମନ୍ତେ ୧.୨୦ ଲକ୍ଷ ଟଙ୍କା, ଆଂଶିକ କ୍ଷତିଗ୍ରସ୍ତ ପକ୍କା ଘର ପାଇଁ ୬,୫୦୦ ଟଙ୍କା, ଆଂଶିକ କ୍ଷତିଗ୍ରସ୍ତ କଚ୍ଚାଘର ପାଇଁ ୪,୦୦୦ ଟଙ୍କା, ଭାଙ୍ଗିଯାଇଥିବା କୁଡ଼ିଆ ପାଇଁ ୮,୦୦୦ ଟଙ୍କା ଓ ଗୁହାଳଘର ପାଇଁ ୩,୦୦୦ ଟଙ୍କା ଦିଆଯିବ। କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କ ଫସଲ ବା ଉଦ୍ୟାନ କ୍ଷୟକ୍ଷତି ନିମନ୍ତେ ଅଣଜଳସେଚିତ ଅଞ୍ଚଳରେ ହେକ୍ଟର ପିଛା ୮,୫୦୦ ଟଙ୍କା, ଜଳସେଚିତ ଜମିରେ ୧୭,୦୦୦ ଟଙ୍କା ଏବଂ ବାରମାସୀ ଫସଲ ପାଇଁ ହେକ୍ଟର ପିଛା ୨୨,୫୦୦ ଟଙ୍କା ହିସାବରେ ସହାୟତା ଯୋଗାଇ ଦିଆଯିବ। ବନ୍ୟାଜନିତ ମୃତ୍ୟୁ ଘଟଣାରେ ୬ ଜଣ ମୃତକଙ୍କ ନିକଟତମ ପରିବାରକୁ ବିପର୍ଯ୍ୟୟ ସହାୟତା ପାଣ୍ଠି ନିୟମାନୁଯାୟୀ ୨୪ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯିବ।

ମୃତ ଗୃହପାଳିତ ପଶୁମାନଙ୍କ ପାଇଁ ମଧ୍ୟ ସହାୟତା ପ୍ରଦାନ କରାଯିବ। ଦୁଧିଆଳୀ ପଶୁ ଯଥା ମଇଁଷି, ଗାଇ ପିଛା ୩୭,୫୦୦ ଟଙ୍କା, ଛେଳି ବା ମେଣ୍ଢା ପିଛା ୪,୦୦୦ ଟଙ୍କା, ଭାରବାହୀ ପଶୁ ଯଥା ବଳଦ, ମଇଁଷି, ଘୋଡ଼ା ପିଛା ୩୨,୦୦୦ ଟଙ୍କା, ବାଛୁରୀ, ଗଧ ଓ ଖଚର ପିଛା ୨୦,୦୦୦ ଟଙ୍କା ହିସାବରେ ପ୍ରାରମ୍ଭିକ ଆକଳନ ଅନୁଯାୟୀ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ। ଚଳିତ ବନ୍ୟାରେ ପ୍ରଭାବିତ ପ୍ରତ୍ୟେକ ପରିବାରଙ୍କ ପାଖରେ ରାଜ୍ୟ ସରକାର ଦୃଢ଼ତାର ସହ ଛିଡ଼ା ହୋଇଛନ୍ତି। ବନ୍ୟା ମୁକାବିଲା, ଉଦ୍ଧାର, ରିଲିଫ୍ ଓ ପୁନର୍ବାସ କାର୍ଯ୍ୟକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଜାରି ରହିଛି। ମୁଖ୍ୟମନ୍ତ୍ରୀ ଆକାଶମାର୍ଗରୁ ବନ୍ୟାଞ୍ଚଳ ଅନୁଧ୍ୟାନ କରିବା ପରେ ମନ୍ତ୍ରୀମାନଙ୍କୁ ବିଭିନ୍ନ ଜିଲ୍ଲାର ରିଲିଫ ଓ ଉଦ୍ଧାର କାର୍ଯ୍ୟ ତଦାରଖ କରିବା ପାଇଁ ଦାୟିତ୍ୱ ଦେଇଛନ୍ତି।

ଚଳିତ ବନ୍ୟାରେ ୨୨ଟି ଜିଲ୍ଲାର ୮୫ଟି ବ୍ଲକ୍, ୧୫ଟି ପୌରାଞ୍ଚଳ, ୬୫୬ଟି ଗ୍ରାମ ପଞ୍ଚାୟତ ଏବଂ ୧୪୫୮ଟି ଗ୍ରାମ ପ୍ରଭାବିତ ହୋଇଛି। ପ୍ରାୟ ୮ ଲକ୍ଷ ୬୩ ହଜାର ୯୦୯ ଜଣ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବା ବେଳେ ପୂର୍ବ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ୨ ଲକ୍ଷ ୬୭ ହଜାର ୩୦୧ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ପ୍ରଭାବିତ ଅଞ୍ଚଳଗୁଡ଼ିକରେ ୫୨୯ଟି ରିଲିଫ୍ ଶିବିର ଓ ୩୧ଟି ପ୍ରାଣୀ ଶିବିର କାର୍ଯ୍ୟକ୍ଷମ ରହିଛି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ସୁଦୃଢ଼ କରିବା ପାଇଁ ୨୦ଟି ଓଡ୍ରାଫ୍? ଦଳ, ୭ଟି ଏନ୍?ଡିଆ?ଏଫ୍? ଦଳ ଓ ୧୭୨ଟି ଅଗ୍ନିଶମ ବାହିନୀ ଦଳ ଅର୍ଥାତ୍ ସର୍ବମୋଟ ୧୯୯ଟି ଉଦ୍ଧାରକାରୀ ଦଳ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ନିରନ୍ତର କାର୍ଯ୍ୟରତ ରହିଛନ୍ତି। ପ୍ରାଥମିକ ଆକଳନ ଅନୁଯାୟୀ ବନ୍ୟାରେ ୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩୫୬୭ଟି ଘର କ୍ଷତିଗ୍ରସ୍ତ ହୋଇଛି। ସେହିପରି ପ୍ରାୟ ୩୩,୪୫୮.୩୦ ହେକ୍ଟର ଚାଷଜମି ପ୍ରଭାବିତ ହୋଇଥିବାର ପ୍ରାରମ୍ଭିକ ଆକଳନ କରାଯାଇଛି। ବର୍ତ୍ତମାନ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାରେ ରିଲିଫ୍, ଉଦ୍ଧାର ଓ ପୁନର୍ବାସ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି।

## ଏମ୍‌କେସିଜିରେ ପିଜି ପ୍ରଶ୍ନପତ୍ର ପ୍ରଘଟ ଘଟଣା

# ଉଚ୍ଚସ୍ତରୀୟ ୩ଜଣିଆ ଟିମ୍‌ର ତଦନ୍ତ, ସିସିଟିଭି ଯାଞ୍ଚ ସହ ବିଭିନ୍ନ ଦିଗରେ ଖୋଳତାଡ଼

**ବ୍ରହ୍ମପୁର,(ପ୍ରେମାନନ୍ଦ ପୁଜାରୀ):** ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ପିଜି ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ଘଟଣାକୁ ନେଇ ସରକାରଙ୍କ ପକ୍ଷରୁ ଗଠିତ ଉଚ୍ଚସ୍ତରୀୟ ତିନିଜଣିଆ ତଦନ୍ତ କମିଟି ବୁଧବାର ଏମ୍?କେସିଜିରେ ପହଞ୍ଚି ବିଭିନ୍ନ ଦିଗରୁ ଘଟଣାର ତନ୍ତନ କରି ତଦନ୍ତ କରିଛନ୍ତି।



ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଡା. ବିଜୟ କୁମାର ମିଶ୍ର, ଅତିରିକ୍ତ ସଚିବ ବିଜୟ କୁମାର ଦାଶ ଏବଂ ଡିଏମ୍‌ଇଟିର ଯୁଗ୍ମ ନିର୍ଦ୍ଦେଶକ ଡା. ଅନିଲ କୁମାର ସାହୁଙ୍କୁ ନେଇ ଗଠିତ ଏହି କମିଟି ଡିନ୍, ରେଜିଷ୍ଟ୍ରାର ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ସିସିଟିଭି ଫୁଟେଜ୍, ପରୀକ୍ଷା ପରିଚାଳନା ପ୍ରକ୍ରିୟା ଏବଂ ପ୍ରଶ୍ନପତ୍ର ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରିଛନ୍ତି। ପୂର୍ବରୁ ଏମ୍‌କେସିଜି ପକ୍ଷରୁ ଗଠିତ ପାଞ୍ଚଜଣିଆ ଅନ୍ତରୀଣ ତଦନ୍ତ କମିଟି ନିଜ ରିପୋର୍ଟ ଡିନ୍ ପ୍ରଫେସର ହରିକୃଷ୍ଣ ଦଳେଇଙ୍କୁ ପ୍ରଦାନ କରିଥିବାବେଳେ, ଡିନ୍ ସେହି ରିପୋର୍ଟକୁ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ (UHS) କୁଳପତିଙ୍କ ନିକଟକୁ ପଠାଇ ସାରିଛନ୍ତି। ଡିନ୍ ପ୍ରଥମରୁ ପ୍ରଶ୍ନପତ୍ର ଲିକ୍ ହୋଇନଥିବା ଏବଂ ଏହା 'ମାଲ୍ ପ୍ରାକ୍ଟିସ୍' ଘଟଣା ବୋଲି ଦାବି କରିଆସୁଛନ୍ତି।

ଅନ୍ୟପକ୍ଷରେ, ପରୀକ୍ଷା ଆରମ୍ଭ ହେବା ପରେ ଏକ ହ୍ୱାଟସ୍‌ଆପ୍ ଗ୍ରୁପ୍‌ରେ ପ୍ରଶ୍ନପତ୍ରର ଫଟୋ ପ୍ରସାରିତ ହୋଇଥିବା ଏବଂ ସେଥିର ସ୍କ୍ରିନ୍‌ଶଟ୍ ତଦନ୍ତକାରୀଙ୍କ ହାତରେ ଲାଗିଥିବା ସୂଚନା ମିଳିଛି। ଏହାସହ ଜଣେ ଛାତ୍ରଙ୍କ ନାମରେ ଏକ ଇ-ମେଲ୍ ଭାଇରାଲ ହେବା ପରେ ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଥିଲା। ଏହି ଇ-ମେଲ୍‌କୁ ନେଇ ଏମ୍‌କେସିଜି ଜୁନିୟର ଡାକ୍ତର ସଂଘ (ଜେଡିଏ) ନିନ୍ଦା ପ୍ରକାଶ କରିବା ସହ ଜଣେ ପୂର୍ବତନ ଛାତ୍ର ଉଦ୍ଦେଶ୍ୟମୂଳକ ଭାବେ ସଂସ୍ଥାକୁ ବଦନାମ କରିବା ପାଇଁ ଏଭଳି କରିଥିବା ଅଭିଯୋଗ ହୋଇଥିଲା।

ସୂଚନା ଅନୁଯାୟୀ, କ୍ରାଇମବ୍ରାଞ୍ଚର ଜଣେ ବରିଷ୍ଠ ଅଧିକାରୀ ଏମ୍‌କେସିଜିର ଡିନ୍, ରେଜିଷ୍ଟ୍ରାର ଓ ଅଧୀକ୍ଷକଙ୍କ ସହ ଫୋନ୍‌ରେ ଆଲୋଚନା କରିଥିବା ବେଳେ ପ୍ରଶ୍ନପତ୍ର ଲିକ୍ ନା ମାଲ୍ ପ୍ରାକ୍ଟିସ୍ ଏବଂ ଅନ୍ତରୀଣ ତଦନ୍ତ କମିଟି କ'ଣ ସତ୍ୟତା ପାଇଛି, ସେନେଇ ମଧ୍ୟ ଆଲୋଚନା ହୋଇଥିବା ଜଣାପଡ଼ିଛି। ତେବେ ଏପର୍ଯ୍ୟନ୍ତ କ୍ରାଇମବ୍ରାଞ୍ଚରେ କୌଣସି ମାମଲା ରୁଜୁ ହୋଇନାହିଁ।

ଗତ ୩୦ ତାରିଖରୁ ଏହି ଘଟଣାକୁ ନେଇ ବିବାଦ ଜାରି ରହିଥିବାବେଳେ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଅଭିଯୋଗକୁ କର୍ତ୍ତୃପକ୍ଷ ଅସ୍ୱୀକାର କରିଆସୁଛନ୍ତି। ତେବେ ଭାଇରାଲ ଇ-ମେଲ୍ ଓ ସୋସିଆଲ ମିଡିଆରେ ପ୍ରସାରିତ ତଥ୍ୟକୁ ନେଇ ସନ୍ଦେହ ଜାରି ରହିଛି । ସରକାରଙ୍କ ଗଠିତ ଉଚ୍ଚସ୍ତରୀୟ କମିଟି ଦୁଇ ସପ୍ତାହ ମଧ୍ୟରେ ନିଜ ରିପୋର୍ଟ ଦାଖଲ କରିବା ପରେ ପ୍ରକୃତ ସ୍ଥିତି ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି।

# ପାଉଁଶ ହୋଇଗଲା ତୁଳା ଗୋଦାମ

ଖଣ୍ଡଗିରି: ପାତ୍ରପଡ଼ା ଔଷଧୀୟ ବୃକ୍ଷ ଜ୍ଞାନକେନ୍ଦ୍ର ନିକଟ ତୁଳାଗୋଦାମ 'ଅଜମେରି କଟନ ଇଣ୍ଡଷ୍ଟ୍ରି'ରେ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ଏହି ଗୋଦାମର ୨ଟି ସେଡ୍‌ରୁ ଗୋଟିଏ ସେଡ୍ ସମ୍ପୂର୍ଣ୍ଣ ଜଳିପୋଡ଼ି ପାଉଁଶ ହୋଇଯାଇଛି। ଗୋଦାମ ଭିତରେ ଥିବା ବସ୍ତାବସ୍ତା କପଡ଼ା, ତୁଳା ହୁତୁହୁତୁ ହୋଇ ଜଳିବାକୁ ଲାଗିଥିଲା। ତମାଣ୍ଡୋ, ଜଟଣୀ ଓ ଷ୍ଟ୍ରାଇକିଂ ଫାୟାର ଫୋର୍ସର ଟିମ୍ ସମେତ ରୋବୋଟ୍ ମନିଟର ବ୍ୟବହାର କରାଯାଇ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରାଯାଇଥିଲା। ତକିଆ, ଗଦି ଓ ସୋଫା ପ୍ରସ୍ତୁତି ପାଇଁ ଗଚ୍ଛିତ ଥିବା ପଲିଷ୍ଟର କପଡ଼ା ଓ ତୁଳାରୁ ପ୍ରବଳ ଧୂଆଁ ବାହାରିବା କାରଣରୁ ନିଆଁ ସହଜରେ ଆୟତ୍ତ ହୋଇପାରିନଥିଲା। ପ୍ରାୟ ୬ଘଣ୍ଟାର ପରିଶ୍ରମ ପରେ ନିଆଁ ଲିଭିଥିଲା। ପାଖାପାଖି ୩୦ଲକ୍ଷ ଟଙ୍କାର ଯନ୍ତ୍ରାଂଶ ଓ ସାମଗ୍ରୀ ନଷ୍ଟ ହୋଇଥିବା ସୂଚନା ମିଳିଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନଥିବା ବେଳେ ମେସିନ୍‌ରେ ସର୍ଟ ସର୍କିଟ୍ ଯୋଗୁ ନିଆଁ ବ୍ୟାପିଥିବା ଗୋଦାମର କର୍ମଚାରୀ କହିଛନ୍ତି। ଅଗ୍ନିକାଣ୍ଡ ନିୟନ୍ତ୍ରଣ ହୋଇଯିବାରୁ ଗୋଦାମର ଗୋଟିଏ ସେଡ୍ ଏବଂ ଏହାକୁ ଲାଗି ରହିଥିବା ଲକ୍ଷ ଲକ୍ଷ ଟଙ୍କାର ଡିଜି ମେସିନ୍ ଓ ପିଭିସି ଝରକା ଫ୍ୟାକ୍ଟ୍ରି ଅଳ୍ପକେ ବର୍ତ୍ତି ଯାଇଛି।

ତୁଳା ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ ସମ୍ପର୍କରେ ଅଗ୍ନିଶମ ବାହିନୀ ଖବର ପାଇଥିଲା। ତମାଣ୍ଡୋ ଓ ଜଟଣୀ ଦମକଳ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବାକୁ ଲାଗିପଡ଼ିଥିଲେ। ପଲିଷ୍ଟର କପଡ଼ା ଓ ତୁଳା ଭର୍ତ୍ତି ବଡ ବଡ଼ ବସ୍ତାଗୁଡ଼ିକ ସେଡ୍ ସାରା ବିଛାଡ଼ି ହୋଇ ରହିଥିବାରୁ ପ୍ରବଳ ଧୂଆଁମୟ ପରିବେଶ ସୃଷ୍ଟି ହୋଇଥିଲା। ତେଣୁ ଜେସିବି ସାହାଯ୍ୟରେ ସେଡ୍‌କୁ ଭଙ୍ଗାଯିବା ପରେ ରୋବୋଟ୍ ମନିଟରକୁ ବ୍ୟବହାର କରି ପାଣିମାଡ଼ କରାଯାଇଥିଲା। ଏହାପରେ ତିନି ଦିଗରୁ ପାଖାପାଖି ୫ଘଣ୍ଟା ପାଣିମାଡ଼ ପରେ ନିଆଁ ଆୟତ୍ତକୁ ଆସିଥିଲା। ନିଆଁଲିଭାରେ ୧୦ରୁ ଅଧିକ ଦମକଳ ବ୍ୟବହାର ହୋଇଥିଲା।

# ଓୟୁଏଟି ପିଜି ଓ ପିଏଚ୍‌ଡି ଛାତ୍ରଛାତ୍ରୀ ପାଇବେ ପାଠପଢ଼ା ଖର୍ଚ୍ଚ

**ଭୁବନେଶ୍ୱର:** ରାଜ୍ୟରେ କୃଷି ଶିକ୍ଷା ଓ ଗବେଷଣାକୁ ଆଗକୁ ନେବା ପାଇଁ ଓଡ଼ିଶା ସରକାରଙ୍କ କୃଷି ବିଭାଗ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପିଜି ଏବଂ ପିଏଚ୍.ଡି ଛାତ୍ରଛାତ୍ରୀଙ୍କ ପାଇଁ ମାସିକ ଭତ୍ତା ଘୋଷଣା କରାଯାଇଛି।

ପିଜି ଛାତ୍ରଛାତ୍ରୀଙ୍କୁ ୨ ବର୍ଷର କୃଷି ଓ ଆନୁଷଙ୍ଗିକ କୋର୍ସ ପାଇଁ ମାସକୁ ୧୦,୦୦୦ ମିଳିବ ଏବଂ ପିଏଚ୍.ଡି ଗବେଷକଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ମାସକୁ ୧୫,୦୦୦ ମିଳିବ। ଏହି ସହାୟତାର ମୂଳ ଲକ୍ଷ୍ୟ ହେଉଛି ଉତ୍ତମ ଗବେଷଣାକୁ ପ୍ରୋତ୍ସାହନ ଦେବା ଏବଂ ଓଡ଼ିଶାର ମେଧାବୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା। ଏହି ଅବସରରେ କନକ ବର୍ଦ୍ଧନ ସିଂହଦେଓ ମତବ୍ୟକ୍ତ କରିଛନ୍ତି, ଆମ ଯୁବ ଗବେଷକଙ୍କ ପାଇଁ ଖର୍ଚ୍ଚ କରିବା ମାନେ ଓଡ଼ିଶାର ଚାଷୀମାନଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବା। ଏହି ଟଙ୍କା ଦ୍ୱାରା ଆମର ଛାତ୍ରଛାତ୍ରୀମାନେ ବିନା ଆର୍ଥିକ ଚିନ୍ତାରେ ନୂଆ ଉଦ୍ଭାବନ ଓ ଗବେଷଣା ଉପରେ ଧ୍ୟାନ ଦେଇପାରିବେ। ଏହି ସୁବିଧା ଓୟୁଏଟିର କୃଷି ଓ ଆନୁଷଙ୍ଗିକ ବିଷୟରେ ପଢୁଥିବା ନିୟମିତ ପିଜି ଏବଂ ପିଏଚ୍.ଡି ଛାତ୍ରଛାତ୍ରୀଙ୍କ ପାଇଁ ଲାଗୁ ହେବ।




ସୂଚନାଯୋଗ୍ୟ, ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ବିଶେଷ ପ୍ରଚେଷ୍ଟା ଯୋଗୁଁ ସରକାର ଏହି ଭତ୍ତା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି।

# ଏବେ ଚାଲିଛି ରାଜନୀତି ବ୍ୟବସାୟ

ଓଡ଼ିଆ ଲୋକସାହିତ୍ୟରେ ଏକ ଢଗ ରହିଛି–'ପାନ ଗୁଆ ଖଇର ଗୁଆକାତି, ଭଲ ବ୍ୟବସାୟ ରାଜନୀତି।' ସମସାମୟିକ ସାମାଜିକ ଓ ରାଜନୈତିକ ବ୍ୟବସ୍ଥାରେ ଏହି ପଦାବଳୀର ପ୍ରାସଙ୍ଗିକତାକୁ ପରଖିଲେ, ଏହାର ପ୍ରତିଟି ଅକ୍ଷର ଶତପ୍ରତିଶତ ସତ୍ୟ ପ୍ରମାଣିତ ହୁଏ। ଆଜିର ଦିନରେ ରାଜନୀତି କୌଣସି ତ୍ୟାଗ, ସେବା ବା ଦେଶାତ୍ମବୋଧର ପବିତ୍ର ଅନୁଷ୍ଠାନ ହୋଇ ରହିନାହିଁ। ବରଂ ଏହା ଏକ ଲାଭଦାୟକ, ବିପଦମୁକ୍ତ ଏବଂ କର୍ପୋରେଟ୍? ଶୈଳୀର ଶୀର୍ଷ ବ୍ୟବସାୟରେ ରୂପାନ୍ତରିତ ହୋଇଛି।

ଆଜି ଦେଶର ପ୍ରଶାସନିକ ବ୍ୟବସ୍ଥାର ସର୍ବୋଚ୍ଚରେ ଥିବା ଆଇଏଏସ୍? କିମ୍ବା ଆଇପିଏସ୍? ଅଫିସରମାନେ ମଧ୍ୟ ସ୍ୱେଚ୍ଛାକୃତ ଅବସର ନେଇ ବିଭିନ୍ନ ରାଜନୈତିକ ଦଳରେ ସାମିଲ ହେଉଛନ୍ତି। ସିନେମା ଇଣ୍ଡଷ୍ଟ୍ରିର କିଛି କଳାକାର ଓ ବ୍ୟକ୍ତିବିଶେଷ ମଧ୍ୟ ରାଜନୀତି ଆଡ଼କୁ ମୁହାଁଉଛନ୍ତି। ଏହି ପ୍ରବୃତ୍ତି ସଙ୍କେତ ଦେଉଛି ଯେ, ଆଜିର ଭାରତରେ କ୍ଷମତାର ଚୌକି ଏବଂ ଶାସନର ଚାବିକାଠି ଅପେକ୍ଷା ଅଧିକ ପ୍ରଭାବଶାଳୀ ଓ ଲାଭଜନକ ବେପାର ସଂସାରରେ ଆଉ କିଛି ନାହିଁ।

ସମାଜସେବା କିଛି ଚତୁର ନେତାଙ୍କ ପାଇଁ କ୍ଷମତା ପାଇବାର ଶିଡ଼ି ପାଲଟିଛି। ଆନ୍ଦୋଳନ ଓ ସଂଗଠନ ମାଧ୍ୟମରେ ସେମାନେ ପ୍ରଥମେ ଜନମତ ନିଜ ସପକ୍ଷରେ କରନ୍ତି। ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ଡିଣ୍ଡିମ ପିଟୁଥିବା ଏହି ଚେହେରାମାନେ ଯେତେବେଳେ କ୍ଷମତାର ଶୀର୍ଷରେ ପହଞ୍ଚନ୍ତି, ସେତେବେଳେ ସେମାନଙ୍କ ଅସଲ ରୂପ ପଦାରେ ପଡ଼େ। ପୁରୁଣା ମଇଳା ରାଜନୀତିର ଚକ୍ରବ୍ୟୂହରେ ସେମାନେ ସାମିଲ ହୋଇ ଜନତାଙ୍କ ସେବାକୁ ଭୁଲି ସମ୍ପତ୍ତି ଠୁଳ କରିବାରେ ମାତିଯାଆନ୍ତି।

ଆଧୁନିକ ଗଣତନ୍ତ୍ର ପାଇଁ ଆଉ ଏକ ସାଙ୍ଘାତିକ ବ୍ୟାଧି ସାଜିଛି 'ମାଗଣା ଉପହାର ସଂସ୍କୃତି' । ନିର୍ବାଚନ ବୈତରଣୀ ପାର ହେବା ପାଇଁ ଏବଂ ଭୋଟରଙ୍କ ଚେତନାକୁ କିଣିବା ପାଇଁ ଯେଉଁ ଦଳ ଯେତେ ଅଧିକ ମାଗଣା ଜିନିଷ, ମାଗଣା ବିଜୁଳି କିମ୍ବା ନଗଦ ଟଙ୍କା ବାଣ୍ଟିବାର ଲୋଭନୀୟ ପ୍ରତିଶ୍ରୁତି ଦେଉଛି, ସେହି ଦଳ କ୍ଷମତାକୁ ଆସୁଛି। କିନ୍ତୁ ଏହା ପଛର ବାସ୍ତବତା ହେଉଛି, ଏହି ମାଗଣା ଯୋଜନାଗୁଡ଼ିକ କୌଣସି ନେତା କିମ୍ବା ଦଳର ପକେଟରୁ ଆସେନାହିଁ । ବରଂ ଏହା ସାଧାରଣ ଜନତା ଦେଉଥିବା ପ୍ରତ୍ୟକ୍ଷ ଓ ପରୋକ୍ଷ ଟିକସରୁ ବଣ୍ଟାଯାଏ। ପରିଣାମସ୍ୱରୂପ, ଦେଶ ବା ରାଜ୍ୟର ଅର୍ଥନୀତି ଦେବାଳିଆ ଆଡ଼କୁ ଗତି କରେ, ଦୀର୍ଘସ୍ଥାୟୀ ବିକାଶମୂଳକ କାର୍ଯ୍ୟ ବନ୍ଦ ହୋଇଯାଏ ଏବଂ ସାଧାରଣ ମଧ୍ୟବିତ୍ତ ଟିକସଦାତା ବର୍ଗ ସର୍ବାଧିକ ସର୍ବସ୍ୱାନ୍ତ ହୁଏ।

'ପ୍ରେମ ଏବଂ ରାଜନୀତିରେ ସବୁକିଛି ଗ୍ରହଣୀୟ' ବୋଲି ଯେଉଁ ଆପ୍ତବାକ୍ୟ ରହିଛି, ତାହା ଆଜିର ଶାସନ ବ୍ୟବସ୍ଥାରେ ପ୍ରତିଫଳିତ। କିନ୍ତୁ କ୍ଷମତାର ଏହି ନୀତିହୀନ ମହାଭାରତ, ଦଳବଦଳର ସର୍କସ ଏବଂ ମାଗଣା ପ୍ରତିଶ୍ରୁତିର ମାୟାଜାଲ ଭିତରେ ଶେଷରେ ବଳି ପଡ଼େ କେବଳ ଦେଶର ସାଧାରଣ ଜନତା। ରାଜନେତାମାନେ ପ୍ରତି ପାଞ୍ଚ ବର୍ଷରେ ନିଜର ଆୟ ଓ ଭାଗ୍ୟ ବଦଳାଇ ପାରୁଥିବା ବେଳେ ସାଧାରଣ ଜନତା ସେହି ମାଗଣା ୫ କିଲୋ ଚାଉଳ କିମ୍ବା ସାମାନ୍ୟ କିଛି ଭତ୍ତା ପାଇଁ ଲମ୍ବା ଲାଇନରେ ଠିଆ ହେବାକୁ ନିଜର ଭାଗ୍ୟ ବୋଲି ମଣୁଛନ୍ତି।

ରାଜନୀତି ଯେ ପର୍ଯ୍ୟନ୍ତ ଏକ ସର୍ବୋଚ୍ଚ 'ଲାଭଜନକ ବ୍ୟବସାୟ' ହୋଇ ରହିଥିବ, ସେପର୍ଯ୍ୟନ୍ତ ସାଧାରଣ ମଣିଷର ଶୋଷଣ ଓ ପ୍ରତାରଣା ଅବ୍ୟାହତ ରହିବ। ଏହି ଦୂଷିତ ଓ ଅଧୋଗତି ହୋଇଥିବା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ହେଲେ ଜନସାଧାରଣଙ୍କୁ କେବଳ ପାଞ୍ଚ ବର୍ଷରେ ଥରେ ବାକ୍ସରେ ଭୋଟ୍? ଦେଉଥିବା ଜଣେ କେବଳ 'ଭୋଟର' ହେଲେ ଚଳିବ ନାହିଁ। 'ସଚେତନ ଓ ଜାଗ୍ରତ ନାଗରିକ' ହେବାକୁ ପଡ଼ିବ। ଯେଉଁଦିନ ଭୋଟର ଜାତି, ଧର୍ମ ଏବଂ ମାଗଣା ଉପହାରର ମୋହ ଛାଡ଼ି ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ରୋଜଗାର ଉପରେ ପ୍ରଶ୍ନ କରିବେ, ସେଦିନ ହିଁ ରାଜନୀତିର ବ୍ୟବସାୟୀକରଣ ବନ୍ଦ ହେବ। ନଚେତ ରାଜନୀତିର ଚତୁର ବ୍ୟବସାୟୀମାନେ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଦେଶର ସାର୍ବଭୌମତ୍ୱ, ଗଣତନ୍ତ୍ର ଓ ଆଗାମୀ ପିଢ଼ିର ଭବିଷ୍ୟତକୁ ନିଲାମ କରିବାକୁ ପଛାଇବେ ନାହିଁ।

# ସତ୍ୟର ବାସ୍ତବ ରୂପ

■ ପ୍ରଫେସର ହରିକୃଷ୍ଣ ଦାଶ

"ଏକମାତ୍ର ଧର୍ମ–ପ୍ରେମର ଧର୍ମ,
ଏକମାତ୍ର ଭାଷା – ହୃଦୟର ଭାଷା,
ଏକମାତ୍ର ଜାତି – ମନୁଷ୍ୟ ଜାତି,
ଏକମାତ୍ର ଈଶ୍ୱର – ସେ ସର୍ବତ୍ର ବିଦ୍ୟମାନ।" – ବାବା

ଏ ବିଷୟରେ ଦୃଷ୍ଟିପାତ କରିବା। ଏଗୁଡ଼ିକ ପାଳନ କଲେ ବିଶ୍ୱର ପରିବର୍ତ୍ତନ ହେବ। ଏହି ଉକ୍ତିଗୁଡ଼ିକ ଦେଶ, କାଳ, ପାତ୍ର ଊର୍ଦ୍ଧ୍ୱରେ ସାର୍ବଜନୀନ ସତ୍ୟ। ଏହା ସୁବର୍ଣ୍ଣ ଯୁଗ ପ୍ରତିଷ୍ଠାର ମୂଳଦୁଆ। – ଶ୍ରୀ ସତ୍ୟସାଇବାବା

**(କ) ଏକମାତ୍ର ଧର୍ମ ପ୍ରେମର ଧର୍ମ**

ଧର୍ମ ବିଦ୍ୱେଷାତ୍ମକ ମନୋଭାବ ହେତୁ ଦେଶ ଦେଶ ମଧ୍ୟରେ ଯୁଦ୍ଧ ହୋଇ କ୍ଷୟକ୍ଷତି ହେଉଛି। ଏଥିରୁ ସୁଧୁରିବାର ଏକମାତ୍ର ଉପାୟ "ସର୍ବଧର୍ମ ସମନ୍ୱୟ।" ଗୋପବନ୍ଧୁ କହିଥିଲେ "ବେଦ ଓ କୋରାନକୁ ସମଜ୍ଞାନ।" ମହାତ୍ମାଗାନ୍ଧି କହିଥିଲେ "ଈଶ୍ୱର ଆଲ୍ଲା ତେରେ ନାମ।" ବିବେକାନନ୍ଦ କହିଥିଲେ "ମୁଁ ହିନ୍ଦୁ, ମୁଁ ଖ୍ରୀଷ୍ଟିୟାନ, ମୁଁ ମୁସଲମାନ।" ମୁଁ ସବୁକିଛି। ଶ୍ରୀରାମକୃଷ୍ଣ କହିଥିଲେ ଆଲ୍ଲା, ଯୀଶୁ, ଜଗତଜନନୀ ମା'ଙ୍କୁ ସାଧନା ମାଧ୍ୟମରେ ଦର୍ଶନ କରି ଧର୍ମ ମଧ୍ୟରେ ଏକତ୍ୱବୋଧ ସୃଷ୍ଟି କରିବାର ପ୍ରଚେଷ୍ଟା କର। ଶ୍ରୀ ସତ୍ୟସାଇବାବା ଧର୍ମ–ଧର୍ମ ମଧ୍ୟରେ ଐକ୍ୟ ସ୍ଥାପନ ନ ହେବାରୁ ସବୁ ଧର୍ମର ନିର୍ଯ୍ୟାସ ଏକମାତ୍ର ଧର୍ମ ପ୍ରେମ ରୂପକ ଧର୍ମ ବୋଲି ମାନବ ସମାଜକୁ ବାର୍ତ୍ତା ଦେଲେ। ଧର୍ମ ଅର୍ଥ ମୂଲ୍ୟବୋଧ। ଖ୍ରୀଷ୍ଟ, ହିନ୍ଦୁ, ମୁସଲମାନ, ଜୈନ, ବୌଦ୍ଧ, ପାରସି ଧର୍ମାବଲମ୍ବୀ ସାମ୍ପ୍ରଦାୟିକ ବିଭେଦ ସୃଷ୍ଟି କରୁଛନ୍ତି। ଧର୍ମ ପ୍ରତିଷ୍ଠାର ଅର୍ଥ ସମସ୍ତ ମଣିଷକୁ ଏକତା ସୂତ୍ରରେ ବାନ୍ଧି ରଖିବା। ଧର୍ମ ପ୍ରତିଷ୍ଠା କରିଥିବା ବ୍ୟକ୍ତିମାନେ ମହାତ୍ମା। ସେମାନଙ୍କ ମଧ୍ୟରେ ବିଦ୍ୱେଷଭାବ ନଥାଏ; କିନ୍ତୁ ତାଙ୍କର ଅନୁଗାମୀମାନେ ତିଳକୁ ତାଳ କରି ଧର୍ମାନ୍ଧତାକୁ ଗୁରୁତ୍ୱ ଦିଅନ୍ତି। ଏଇଥିପାଇଁ ଯୀଶୁଙ୍କ ପରି ମହାନ୍ ବ୍ୟକ୍ତି କ୍ରୁଶବିଦ୍ଧ ହୋଇ ଜୀବନ ଦାନ କରିଥିଲେ। ମହାବୀର ଜୈନ ଦୁଷ୍ଟ ଲୋକଙ୍କ ଦ୍ୱାରା ଅତ୍ୟାଚାରିତ ହୋଇଥିଲେ। ଜରାଥୁଷ୍ଟ୍ର ଆହୁରାମାଜଦାଙ୍କୁ ଆରାଧନା କରିବା ସମୟରେ ବିଦ୍ରୋହୀମାନେ ଖଣ୍ଡାରେ ହାଣି ଦେଇଥିଲେ। ତେଣୁ ଏକମାତ୍ର ଉପାୟ ଧର୍ମର ସମନ୍ୱୟ କରିବା ଆବଶ୍ୟକ। Religion ଅର୍ଥ Re-ligare (Latin) ଇଂରାଜୀରେ Re-union ପୁନଃମିଳନ ଜୀବ–ବ୍ରହ୍ମର ପୁନଃମିଳନ। ଏହା ଏକମାତ୍ର ଦିବ୍ୟ ପ୍ରେମ ଦ୍ୱାରା ସମ୍ଭବପର। ହିନ୍ଦୁ ଧର୍ମର "ସର୍ବେ ଭବନ୍ତୁ ସୁଖିନଃ" ଇସଲାମ ଧର୍ମର ବିଶ୍ୱଭ୍ରାତୃତ୍ୱ, ବୌଦ୍ଧ ଧର୍ମର ମାନବିକତା, ଜୈନ ଧର୍ମର ଅହିଂସା ନୀତି ଓ ଖ୍ରୀଷ୍ଟ ଧର୍ମର ମାନବ ସେବା ମଧ୍ୟରେ ପ୍ରେମ ହିଁ ସାରତତ୍ତ୍ୱ। ଦିବ୍ୟ ଆତ୍ମ ପ୍ରେମକୁ ଗ୍ରହଣ କରିନେଲେ ଧର୍ମ ଧର୍ମ ମଧ୍ୟରେ ବିଦ୍ୱେଷ ଭାବ ଦୂର ହୋଇ ସାର୍ବଜନୀନ ପ୍ରେମର ସାମ୍ରାଜ୍ୟ ପ୍ରତିଷ୍ଠା ହେବ।

**(ଖ) ଏକମାତ୍ର ଭାଷା ହୃଦୟର ଭାଷା**

ଭାଷା ଦ୍ୱାରା ମଣିଷ ତା'ର ଭାବ ଅନ୍ୟଠାରେ ବ୍ୟକ୍ତ କରେ। ମଣିଷ କଥା କହିବା ପ୍ରାଣୀ (Man is a speakinmg animal) ମଣିଷର ସ୍ୱତନ୍ତ୍ରତା ହେଉଛି ସେ ଭାଷା ବ୍ୟବହାର କରେ। ଅପରପକ୍ଷରେ ପଶୁପକ୍ଷୀ, ବୃକ୍ଷଲତା, ଭାଷା ବ୍ୟବହାରା କରିପାରନ୍ତି ନାହିଁ। ଯଦିବା ଭାଷା ବ୍ୟବହାର କରନ୍ତି ଏହା ସାଧାରଣ ମଣିଷ ଅବଗତ ହୋଇପାରେ ନାହିଁ। ତାଙ୍କର ଭାଷା ବୋଧଗମ୍ୟ ନୁହେଁ। ବିଭିନ୍ନ ଭାଷାକୁ ନେଇ ଭାରତରେ ପ୍ରଦେଶ ଗଠନ ହୋଇଛି। ଭାଷାଭିତ୍ତିକ ପ୍ରଦେଶ ଗଠନକୁ ସରକାର ଗୁରୁତ୍ୱ ଦେଇଛନ୍ତି। ଭାଷାର ଭିନ୍ନ ଭିନ୍ନ ଲିପି ଅଛି। ଏହାର ସମୃଦ୍ଧି ଦରକାର। ବହୁ ସମୟରେ ଭାଷାକୁ ନେଇ ମତାନ୍ତର, ମନାନ୍ତର ହୋଇ ଝଗଡ଼ା ହୋଇଥାଏ। ସମସ୍ତେ ନିଜ ଭାଷାକୁ ଶ୍ରେଷ୍ଠ ବୋଲି ମତ ଦିଅନ୍ତି। ଭାବକୁ ପ୍ରକାଶ କରିବାକୁ ଭାଷା ଯଥେଷ୍ଟ ନୁହେଁ। ମାତୃଭୂମି, ମାତୃଭାଷାକୁ ସମ୍ମାନ ଦେବା ମଣିଷର କର୍ତ୍ତବ୍ୟ। ବହୁ ଦେଶ ଇଂରାଜୀକୁ ଅନ୍ତର୍ଜାତୀୟ ଭାଷା ରୂପେ ଗ୍ରହଣ କରିଥିଲେ ମଧ୍ୟ ରୁଷ, ଚୀନ, ଜର୍ମାନ, ଫ୍ରାନ୍ସ ନିଜର ଭାଷାକୁ ଆଜି ପର୍ଯ୍ୟନ୍ତ ସଂରକ୍ଷିତ କରିଛନ୍ତି। କେତୋଟି ଉଦାହରଣ ଉପସ୍ଥାପନ କରିବାର ପ୍ରୟାସ କରୁଛି। ଶ୍ରୀମା ପ୍ୟାରିସର ଏକ ଜଙ୍ଗଲ ମଧ୍ୟରେ ଧ୍ୟାନ କରୁଥିଲେ। ସେ ଏକ ବୃକ୍ଷ ମୂଳରେ ଧ୍ୟାନସ୍ଥ ଥିଲେ। ସେ ବୃକ୍ଷ ମିନତି କରି କହିଲା ଆସନ୍ତାକାଲି କେତେକ ଲୋକ ମୋତେ କାଟିଦେବେ। ତୁମେ ମୋତେ ରକ୍ଷା କର। ତହିଁ ପରଦିନ ଶ୍ରୀମା ସେମାନଙ୍କୁ ବୃକ୍ଷର ଉଚିତ୍ ମୂଲ୍ୟ ଦେଇ ଜୀବନ ରକ୍ଷା କଲେ। ଏହା ଭାଗବତ ଥିଲା। ହୃଦୟର ଭାଷା କହିଲେ ଅତ୍ୟୁକ୍ତି ହେବ ନାହିଁ। ସେହିପରି ରମଣ ମହର୍ଷିଙ୍କୁ ଦୁଇଟି ଘରଚଟିଆ ପକ୍ଷୀ ସେମାନଙ୍କର ବସା ଭାଙ୍ଗି ଦେଇଥିବା କଥା ଜଣାଇଲେ। ରମଣ ଗୃହସେବକ ମାଧବକୁ ଡାକି ଏକଥା ଜଣାଇଲେ। ସେ ମାନିଗଲା ପକ୍ଷୀଙ୍କ ବସା ଘର ଝାଡୁ କଲାବେଳେ ଭାଙ୍ଗିଦେଇଛି। ସେହିପରି ଶିରିଡ଼ି ବାବା ଗୋଟିଏ ଝିଟିପିଟି ଆନନ୍ଦରେ କାନ୍ଥରେ ବୁଲୁଥିବାର ଦେଖିଲେ। ଭକ୍ତମାନେ ପ୍ରଶ୍ନ କଲେ ସେ ଆନନ୍ଦରେ କାହିଁକି ବୁଲୁଛି। ବାବା ଉତ୍ତର ଦେଲେ ତା' ଭଉଣୀ ବହୁ ଦୂର ଔରଙ୍ଗାବାଦରୁ ଏଠାକୁ ଆସୁଛି। ତାହାହିଁ ସତରେ ଦେଖାଗଲା। ଏମାନେ ହୃଦୟର ଭାଷା ବୁଝୁଥିଲେ। ଶ୍ରୀ ସତ୍ୟସାଇବାବା ହୃଦୟର ଭାଷାରେ ବହୁ ସମୟରେ କଥାବାର୍ତ୍ତ ହୁଅନ୍ତି, ପାଟିରେ ଶବ୍ଦ ନଥାଏ। ଅଙ୍ଗଭଙ୍ଗୀ ପ୍ରଦର୍ଶନ ନଥାଏ। ସେ ହୃଦୟର ଭାଷା ବୁଝନ୍ତି। ଆମେ ମଧ୍ୟ ଭାଷା ବ୍ୟବହାର ନ କରି କଥା କହିଥାଉ। ଏହା ଅନୁଭବର ବିଷୟ। ହୃଦୟର ଭାଷା ଅକୁହା କଥା ଧ୍ୱନୀ ନ ଥାଇ ଭାବର ଆଦାନ ପ୍ରଦାନ ହୁଏ। ପ୍ରେମକୁ ଭାଷାରେ ପ୍ରକାଶ କରିବା କଷ୍ଟକର। ଏହା କର୍ମରେ ପ୍ରକାଶିତ ହୁଏ।

ଈଶ୍ୱର ଭାବଗ୍ରାହୀ। ଆମର ଭାବକୁ ଗ୍ରହଣ କରନ୍ତି, ତେଣୁ 'ଗ୍ରାହୀ' ଅଟନ୍ତି। ସେ ଭାଷାଗ୍ରାହୀ ନୁହନ୍ତି। ଭାବ ନଥାଇ ତୁଣ୍ଡରେ କଥା ଗ୍ରହଣ ଯୋଗ୍ୟ ନୁହେଁ। ହୃଦୟସ୍ପର୍ଶୀ ଭାବ ଦରକାର। ଅନୁଭବ ହିଁ ହୃଦୟ ସହ ସଂଶ୍ଳିଷ୍ଟ। ହୃଦୟର ଭାଷାରେ ବିଦ୍ୱେଷ ନାହିଁ। ବରଂ ମଧୁରତା ଓ ମିଳନର ସ୍ୱାଦ ଅଛି। ତତ୍ତ୍ୱଜ୍ଞାନ ଅପେକ୍ଷା ଅନୁଭବ ଜ୍ଞାନ ଶ୍ରେଷ୍ଠ। ତତ୍ତ୍ୱଜ୍ଞାନ ଲବଣାକ୍ତ ଜଳ ପରି କିନ୍ତୁ ଅନୁଭବ ଜ୍ଞାନ ମଧୁର ଜଳ ପରି ସୁସ୍ୱାଦୁଯୁକ୍ତ। ଦୟାନନ୍ଦ ସରସ୍ୱତୀଙ୍କର ଗୁରୁଦତ୍ତ ନାମକ ଜଣେ ପଟ୍ଟଶିଷ୍ୟ ଥିଲେ। ଗୁରୁଙ୍କର ମହାପ୍ରୟାଣ ହୋଇଗଲା। ଭକ୍ତମାନେ ତାଙ୍କୁ ଗୁରୁଙ୍କ ଜୀବନୀ ଲେଖିବାକୁ ଅନୁରୋଧ କଲେ। ସେ ଉତ୍ତର ଦେଲେ ମୁଁ ପଦକ୍ଷେପ ନେଇଛି। କିଛିଦିନ ପରେ ଅନ୍ୟ ଭକ୍ତମାନେ ପ୍ରଶ୍ନ କଲେ କେତେଦୂର ଗଲା। କେବେ ସରିବ? ସେ କହିଲେ ଗୁରୁଜୀ ଯେଉଁ ହୃଦୟର ଭାଷାରେ କହିଥିଲେ ମୁଁ ପ୍ରଥମେ ତାକୁ ଉପଲବ୍ଧ କରେ। ଏଥିପାଇଁ ମୁଁ ସଦା ଚେଷ୍ଟିତ। ତାକୁ ହୃଦୟଙ୍ଗମ କରିବାରେ ମୋ ଜୀବନ ଦୀପ ଲିଭିଯାଇପାରେ। ଏହାହିଁ ହୃଦୟର ଭାଷା। କୌଣସି ମହାପୁରୁଷ, ସାଧୁସନ୍ଥଙ୍କ ବାଣୀକୁ ହୃଦୟଙ୍ଗମ କରି ଆଚରଣରେ ପ୍ରତିପାଳନ କରିବା ହିଁ ଶ୍ରେଷ୍ଠ ନୈବେଦ୍ୟ। ସମସ୍ତେ ଏହି ସ୍ତରକୁ ଯାଇ ମହାପ୍ରଭୁଙ୍କ ବାଣୀକୁ ହୃଦୟଙ୍ଗମ କରି ଶାଶ୍ୱତ ଜୀବନ ଲାଭ କରିବା ଉଚିତ୍।

**(ଗ) ଏକମାତ୍ର ଜାତି ମନୁଷ୍ୟ ଜାତି**

ମନୁଷ୍ୟ ଧରାବକ୍ଷରେ ଜନ୍ମ ହୁଏ। ସେ କୁଳ, ଗୋତ୍ର, ଜାତି ନେଇ ପରିଚିତ ହୁଏ। ଜାତିପ୍ରଥା ମଧ୍ୟରେ ଯେତେବେଳେ ବଡ଼ସାନର ବାଛବିଚାର ହୁଏ ସେତେବେଳେ ତିକ୍ତତା ବୃଦ୍ଧି ପାଏ। ସମସ୍ତେ ସମାନ ଭାବିଲେ ଆମେ ଏ ଧାରଣାରୁ ମୁକ୍ତ ହେବା। ଗୀତାରେ ଭଗବାନ କହିଛନ୍ତି "ଚତୁର୍ବର୍ଣ୍ୟଂ ମୟା ସୃଷ୍ଟଂ ଗୁଣକର୍ମ ବିଭାଗଶଃ।" ଗୁଣ କର୍ମ ଅନୁସାରେ ବିଭାଗ ସୁଚିନ୍ତିତ ପଦକ୍ଷେପ। ଭଗବାନଙ୍କ ଶରୀରରୁ ବିଭିନ୍ନ ଜାତିର ଉତ୍ପତ୍ତି। ଏହା ଏକ ଶରୀର। ଦେଶର ବିଭିନ୍ନ କର୍ମ ଯୋଜନା ଅଛି। ବ୍ରାହ୍ମଣ–ଜ୍ଞାନ ବିତରଣ ପାଇଁ ଶିକ୍ଷକଗୋଷ୍ଠୀ, ଏହା ମସ୍ତିଷ୍କର କାର୍ଯ୍ୟ। ସେହିପରି ବାହୁରୁ କ୍ଷତ୍ରିୟମାନଙ୍କ ସୃଷ୍ଟି। ବାହୁବଳ ନଥିଲେ ଦେଶ ରକ୍ଷା ହୋଇପାରିବ ନାହିଁ। ଉରୁରୁ ବୈଶ୍ୟ, ବ୍ୟବସାୟୀ ନଥିଲେ ଆମେ ନିତ୍ୟ ବ୍ୟବହାର୍ଯ୍ୟ ବସ୍ତୁ ପାଇପାରିବା ନାହିଁ। ସମାଜ ଅଚଳ ହୋଇଯିବ। ଶେଷରେ 'ପାଦ'ରୁ ଶୁଦ୍ର ଜାତ। କୃଷି ପାଇଁ କୃଷକ, କଳକାରଖାନାରେ ଶ୍ରମିକ ଶ୍ରେଣୀର ପ୍ରୟୋଜନ ଅଛି। ଭାରତରେ ଏହା ଈଶ୍ୱରଙ୍କ ଶରୀରରୁ ସୃଷ୍ଟି ହେବାର କୁହାଯାଏ। ଗୋଟିଏ ଚିନି କଣ୍ଢେଇର ମୁଣ୍ଡ, ହାତ, ଗୋଡ଼ ସବୁ ସୁସ୍ୱାଦୁ ଯୁକ୍ତ। ତେବେ ପାର୍ଥକ୍ୟ କେଉଁଠି? ଏକା ରକ୍ତ ସମସ୍ତ ମନୁଷ୍ୟ ମଧ୍ୟରେ ବିଦ୍ୟମାନ। ରକ୍ତରେ ପାର୍ଥକ୍ୟ ନାହିଁ। ଏକା ବିଦ୍ୟୁତ୍ ଶକ୍ତି ଦ୍ୱାରା ଆଲୋକ, ପଙ୍ଖା, କଳ, କାରଖାନା ପରିଚାଳିତ। ଅନ୍ତଃ ଶକ୍ତି ଏକା। ହୁଏତ ବାହ୍ୟ ଦୃଷ୍ଟିରୁ ପାର୍ଥକ୍ୟ ଅଛି। ଜାତି, ସମ୍ପ୍ରଦାୟକୁ ନେଇ ଭିନ୍ନ ଭିନ୍ନ ଗୋଷ୍ଠୀ ସୃଷ୍ଟି ହୋଇ ଭେଦଭାବ ଦ୍ୱାରା ପରିଚାଳିତ ହୋଇ ଗୋଷ୍ଠୀ କନ୍ଦଳ ସୃଷ୍ଟି କରୁଛନ୍ତି। ଗୁଣ କର୍ମ ଅନୁସାରେ ଜାତି ନିର୍ଣ୍ଣୟ ହେବା ଉଚିତ୍। ଶରୀରର ଗୋଟିଏ ଅଙ୍ଗ ଅନ୍ୟ ଅଙ୍ଗର କାର୍ଯ୍ୟ କରିପାରିବ ନାହିଁ। ପାଦ ଚାଲିବାରେ, ହସ୍ତ କାର୍ଯ୍ୟ କରିବାରେ, ମସ୍ତିଷ୍କ ଚିନ୍ତା କରିବାରେ, କର୍ମ ଶ୍ରବଣ ପାଇଁ, ଚକ୍ଷୁ ଦର୍ଶନ ପାଇଁ ଅଭିପ୍ରେତ। ଏହି ବିଭାଜନ ଗ୍ରହଣଯୋଗ୍ୟ। ସବୁ ଦେଶରେ ଅଦୃଶ୍ୟ ଭାବେ ଏହି ଚାରି ପ୍ରକାର କର୍ମଯୋଜନା ଅଛି। ଏହାକୁ ମାନିନେବାକୁ ହେବ। କିଏ ବଡ଼ ବା କିଏ ସାନ ନୁହେଁ। ଉଦାହରଣସ୍ୱରୂପ ଆମେ ସମସ୍ତେ ପ୍ରତ୍ୟୁଷରେ ପ୍ରାର୍ଥନା କରୁ, ଏହା ବ୍ରାହ୍ମଣ କାର୍ଯ୍ୟ। ତତ୍‌ପରେ କ୍ଷୌର ହେଉ, ଏହା ନାପିତର କର୍ମ। ସ୍ନାନ କରୁ ଓ ଲୁଗା ଧୋଇଥାଉ ଏହା ରଜକର କାମ। ଆମେ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ କାର୍ଯ୍ୟ କରୁ। ତେଣୁ ଜଣେ ମଣିଷ ସବୁ ଜାତିର ପ୍ରତିନିଧିତ୍ୱ କରୁଛି। ତେଣୁ ବଡ଼ ସାନ ବିଚାର ଦୂର କଲେ ସୁସ୍ଥ ସମାଜ ଗଠିତ ହେବ।

ଦେଖିବାକୁ ଗଲେ କର୍ମମୂଳତଃ ଜଡ଼। ଚୈତନ୍ୟହୀନ ଓ ପାର୍ଥିବ। ଏହା ଆମର ଚିନ୍ମୟ ଆତ୍ମାକୁ ପ୍ରଭାବିତ କରିପାରିବ ନାହିଁ। ଆତ୍ମା ଜାତିର ପ୍ରତୀକ ନୁହେଁ। ସମସ୍ତଙ୍କର ଆତ୍ମା ସମାନ। କେବଳ ଅଜ୍ଞାନର ବଶବର୍ତ୍ତୀ ହୋଇ ଅହଂକାରବଶତଃ ଭେଦଭାବ ସୃଷ୍ଟି କରନ୍ତି। ଯିଏ ଯେଉଁ କର୍ମ କରୁ ସେଥିରେ ଯାଏଆସେ ନାହିଁ। ପ୍ରାଚୀନ ଭାରତରେ ବିଦ୍ୟାଳୟ ନଥିଲା। ଗୃହହିଁ ସେମାନଙ୍କର ବିଦ୍ୟାଳୟ ଭୂମିକା ସମ୍ପାଦନ କରୁଥିଲା ବୋଲି ଶ୍ରୀ ରାଜଗୋପାଳଚାରୀ କହନ୍ତି। ଜାତି ବିଭାଗର ଉପକାରିତା ଉପରେ ଦୃଷ୍ଟି ଦେବା ଉଚିତ୍। ଶ୍ରେଷ୍ଠ ବା ନୀଚଭାବ ଦୂର କଲେ ଜାତି ସମସ୍ୟାର ଦୂରୀକରଣ ହୋଇପାରିବ। ସମସ୍ତେ ଈଶ୍ୱରଙ୍କର ସନ୍ତାନ।

**(ଘ) ଏକମାତ୍ର ଈଶ୍ୱର ସର୍ବତ୍ର ବିଦ୍ୟମାନ**

ଶାସ୍ତ୍ର କହେ "ଏକମ୍ ସଦ୍ ବିପ୍ରା ବହୁଧା ବଦନ୍ତି।" ଈଶ୍ୱର ଏକ କିନ୍ତୁ ବିଦ୍ୱାନ୍‌ମାନେ ଏହାକୁ ବହୁ ଭାବରେ ବର୍ଣ୍ଣନା କରନ୍ତି। ଯିଏ ବ୍ରହ୍ମ, ସିଏ ଜୀବ। ବିଭିନ୍ନ ଧର୍ମର ପ୍ରତିଷ୍ଠାତମାନେ ଭିନ୍ନ ହେଲେ ମଧ୍ୟ ସମସ୍ତଙ୍କ ଆରାଧ୍ୟ ଦେବତା ଭଗବାନ ଏକ। ସେ ସର୍ବ ରୂପରେ ସର୍ବତ୍ର ବିଦ୍ୟମାନ। ଯେକୌଣସି ନାମରେ, ଭାଷାରେ ଡାକିଲେ ସେ ଭକ୍ତର ଡାକ ଶ୍ରବଣ କରିବେ। ଆମେ ସବୁ ଅଜସ୍ର ଜାତିର ଦର୍ପଣ ଯେଉଁଥିରେ ସେହି ପରମେଶ୍ୱର ହିଁ ପ୍ରତିଭାତ।" ବିଶ୍ୱ ଦର୍ପଣ ଦୃଶ୍ୟମାନ ନଗରୀ ତୁଲ୍ୟ ଅଟେ। ଏ ସମଗ୍ର ବିଶ୍ୱଟି ପରମେଶ୍ୱରଙ୍କ ରୂପ। କବି ଦୃଷ୍ଟି ସେ ପ୍ରକୃତିରେ ପ୍ରତିଫଳିତ। ଏ ପୃଥିବୀ ବହୁବିଧ ସୁରଭିରେ ପରିପୂର୍ଣ୍ଣ। ବିଶ୍ୱ ଉପବନରୁ ଦିବ୍ୟ ମାଧୁର୍ଯ୍ୟ ଉପଲବ୍ଧି କରିବାକୁ ହେବ। ସୂର୍ଯ୍ୟର ରକ୍ତିମ ଆଭାରେ, ଚନ୍ଦ୍ରର ଜ୍ୟୋତ୍ସ୍ନାବିଧୌତ କିରଣରେ, ନୀଳ ଆକାଶରେ, ସମୁଦ୍ରର ଅସଂଖ୍ୟ ତରଙ୍ଗମାଳାରେ, ଝରଣାର କୁରୁକୁଳୁ ନାଦରେ, ପର୍ବତର ସବୁଜିମାରେ ସେ ପ୍ରତିଫଳିତ। ଶ୍ରୀରାଧା ପ୍ରକୃତିର ଛତ୍ରେ ଛତ୍ରେ ଶ୍ରୀକୃଷ୍ଣଙ୍କୁ ଦର୍ଶନ କରିଥିଲେ। ପ୍ରକୃତିର ସୌନ୍ଦର୍ଯ୍ୟ ମଧ୍ୟରେ ମହାନ୍ ଆଧ୍ୟାତ୍ମିକ ବୈଭବ ଲୁଚି ରହିଛି। ଅନ୍ୱେଷଣ କଲେ ପ୍ରାପ୍ତ ହେବ। ପ୍ରକୃତି ହିଁ ତାଙ୍କର ସୃଷ୍ଟି। ସୌନ୍ଦର୍ଯ୍ୟ ଉପାସକ ବିଶ୍ୱକବି ରବୀନ୍ଦ୍ର ଈଶ୍ୱରଙ୍କ ସୌନ୍ଦର୍ଯ୍ୟକୁ ପ୍ରକୃତି କୋଳରେ ଉପଲବ୍ଧି କରିଥିଲେ। ସାରା ବିଶ୍ୱ ହିଁ ଈଶ୍ୱରଙ୍କ ଦେବାଳୟ। ଆମେ ତାଙ୍କୁ ମନ୍ଦିର–ମସ୍‌ଜିଦ, ପାଗୋଡ଼ା ମଧ୍ୟ ବାନ୍ଧି ରଖିଛୁ। ପିମ୍ପୁଡ଼ିଠାରୁ ଆରମ୍ଭ କରି ହାତୀ ପର୍ଯ୍ୟନ୍ତ, କ୍ଷୁଦ୍ର କୀଟାରୁ ମହୀରୁହ, ଧୂଳିକଣାଠାରୁ ହିମାଳୟ ପର୍ଯ୍ୟନ୍ତ, ମାଟିରୁ ଆକାଶ ପର୍ଯ୍ୟନ୍ତ ସବୁଥିରେ ତାଙ୍କର ସ୍ଥିତି ଅକ୍ଷୁର୍ଣ୍ଣ ରହିଛି। ଆମ ସମସ୍ତଙ୍କ ଭିତରେ ପ୍ରତ୍ୟକ୍ଷ ରୂପେ ବିଦ୍ୟମାନ। କବି ବୈକୁଣ୍ଠନାଥ ପଟ୍ଟନାୟକ ଲେଖିଛନ୍ତି–

**"ମାନବ ଜୀବନ ଆହା ସରଗ ନନ୍ଦନ**
**ନିବସନ୍ତି ନରଦେହେ ନିତ୍ୟ ନାରାୟଣ**
**ଜୀବନର ଧ୍ରୁବତାରା ପବିତ୍ର ବିମଳ**
**ସରୋଜରେ ଶୋଭେ ଯେହ୍ନେ ଶୁଭ୍ର ଶତଦଳ।"**

ଯତ୍ର ଜୀବ ତତ୍ର ଶିବ। ଜୀବ ମଧ୍ୟରେ ଶିବ ବିଦ୍ୟମାନ। ଗୀତା କହେ ହୃଦ୍ୟଦେଶେ ତିଷ୍ଠତି। ସମସ୍ତଙ୍କ ହୃଦୟରେ ସେ ବିରାଜମାନ। ଏମିତି ସ୍ଥାନ ନାହିଁ ଯେଉଁଠାରେ ସେ ନାହାନ୍ତି। ଶ୍ରୀରାମଚନ୍ଦ୍ର ଭରଦ୍ୱାଜ ଋଷିଙ୍କୁ ପ୍ରଶ୍ନ କଲେ, ମୁଁ କେଉଁଠାରେ କୁଡ଼ିଆ କରି ରହିବି। ଋଷି ଓଲଟା ପ୍ରଶ୍ନ କଲେ ଆପଣ କେଉଁଠି ନାହାନ୍ତି କୁହନ୍ତୁ? ମୁଁ ତା'ପରେ ଆପଣଙ୍କର ଯଥାର୍ଥ ଉତ୍ତର ଦେବି। ଏହା ପ୍ରମାଣ କରେ ଶ୍ରୀରାମ ସର୍ବତ୍ର ବିରାଜିତ। ଗୀତାରେ କୁହାଯାଇଛି "ଅଚଳ"। ସେ ତ ସବୁ ସ୍ଥାନରେ ବିଦ୍ୟମାନ କିପରି ଗୋଟିଏ ସ୍ଥାନରୁ ଅନ୍ୟତ୍ର ଗମନ କରିବେ।

ଆଉ ଏକ ଧ୍ରୁବ ବାକ୍ୟ –

**"ଯୋମାଂ ପଶ୍ୟତି ସର୍ବତ୍ର ସର୍ବଂ ଚ ମୟି ପଶ୍ୟତି**
**ତସ୍ୟାହଂ ନ ପ୍ରଣଶ୍ୟାମି ସ ଚ ମେନ ପ୍ରଣଶ୍ୟତି।" (୬:୩୦)**

ଯେଉଁ ପୁରୁଷ ସକଳପ୍ରାଣୀ ଠାରେ ଆତ୍ମା ରୂପେ ମୋତେ ବାସୁଦେବ ଆକାରରେ ଦେଖେ, ତା ପାଇଁ ମୁଁ ଅଦୃଶ୍ୟ ଓ ସେ ମୋ ପାଇଁ ଅଦୃଶ୍ୟ ହୁଅନ୍ତି ନାହିଁ। ଏଥିରୁ ପ୍ରମାଣିତ, ସକଳ ପ୍ରାଣୀ ମଧ୍ୟରେ ସେ ବିଦ୍ୟମାନ।

ଜ୍ଞାନୀଭକ୍ତମାନେ ତାଙ୍କୁ ସର୍ବତ୍ର ବିଦ୍ୟମାନ ବୋଲି ଉପଲବ୍ଧି କରିଛନ୍ତି। "ଏକମାତ୍ର ଈଶ୍ୱର ଯିଏ ସର୍ବତ୍ର ବିଦ୍ୟମାନ। ସେ ନିଜେ ହିଁ ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ।"

# ଓଡିଶା ଇତିହାସରେ ପାଇକ ବିଦ୍ରୋହ

ଓଡିଶା ଇତିହାସରେ ୧୮୧୭ ମସିହା ଏକ ଯୁଗାନ୍ତକାରୀ ସମୟ । ଏହି ସମୟରେ ଏକ ବିଦ୍ରୋହ ସଂଗଠିତ ହୋଇଥିଲା ଯେଉଁଥିରେ ମୁଖ୍ୟତଃ ଖୋର୍ଦ୍ଧାର ପାଇକ ଓ ରୟତମାନେ ଅଂସଗ୍ରହଣ କରିଥିଲେ । ଏହା ପାଇକ ବିଦ୍ରୋହ ନାମରେ ଖ୍ୟାତ । ଅବଶ୍ୟ, ଗୋଟିଏ ଦୃଷ୍ଟିରୁ ବିଚାର କଲେ ବିଦେଶୀ ବନ୍ଧନରୁ ମୁକ୍ତ ହେବା ପାଇଁ ଏହା ଥିଲା ଓଡିଆମାନଙ୍କର ଏକ ପ୍ରତିରୋଧ ସଂଗ୍ରାମ । ଯଦିଓ ଏହି ବିଦ୍ରୋହ ଖୋର୍ଦ୍ଧାରୁ ଆରମ୍ଭ ହୋଇଥିଲା , ଏହା ଧୀରେ ଧୀରେ ଅନ୍ୟାନ୍ୟ ଅଞ୍ଚଳକୁ ବ୍ୟାପୀ ଥିଲା । ଯେଉଁ ବ୍ୟକ୍ତି ଜଣକ ଏହି ଅଭ୍ୟୁଥାନକୁ ପ୍ରେରଣା ଯୋଗାଇ ଥିଲେ ଏବଂ ଏହାର ନେତୃତ୍ୱ ନେଇଥିଲେ ସେ ହେଲେ ଜଗବନ୍ଧୁ ବିଦ୍ୟାଧର ଭ୍ରମରବାର ରାୟମହାପାତ୍ର । ଯିଏ ବକ୍ସି ଜଗବନ୍ଧୁ ନାମରେ ଜନପ୍ରିୟ । ଏହି ବିଦ୍ରୋହ ଅସଫଳ ହୋଇଥିଲା ଜି ନିୟନବିଙ୍କ ଭାଷାରେ " ସମଗ୍ର ଓଡିଶାରୁ ନ ହେଲେ ମଧ୍ୟ ଅନ୍ତତଃ ପକ୍ଷେ ଖୋର୍ଦ୍ଧାମାଟିରୁ ବ୍ରିଟିଶ ଶାସକଙ୍କୁ ବିତାଡିତ କରିବା ପାଇଁ ଏହା ନିର୍ଦ୍ଦୟ କ୍ରୋଧରେ ଫାଟି ପଡିଥିଲା । "

## ବିଦ୍ରୋହ କାରଣ

ପାଇକ ବିଦ୍ରୋହ ପଛରେ ନିର୍ଦ୍ଦିଷ୍ଟ କାରଣମାନ ରହିଛି । ଏହି କାରଣ ଗୁଡିକ ହେଲା ସମସ୍ତ ଶ୍ରେଣୀର ରୟତମାନଙ୍କ ଘନୀଭୂତ ଅସନ୍ତୋଷ , ପାଇକ ଓ ସେମାନଙ୍କର ନେତା ବକ୍ସି ଜଗବନ୍ଧୁଙ୍କ ଦୁର୍ଦ୍ଦଶାମୟ ଜୀବନ । ଓଡିଶାରେ ଇଂରେଜ ଶାସକ ଓ ସେମାନଙ୍କ ଅଧସ୍ତନ ବଙ୍ଗୀୟ କର୍ମଚାରୀ ମାନଙ୍କ ନିର୍ମମ ଲୁଣ୍ଠନ ଯୋଗୁଁ ରୟତ ଓ ଖୋର୍ଦ୍ଧାର ପାଇକମାନଙ୍କ ମଧ୍ୟରେ ଅସନ୍ତୋଷର ବହ୍ନି ଜଳି ଉଠିଥିଲା । ବ୍ରିଟିଶ ଶାସନରେ ଖୋର୍ଦ୍ଧା ରୟତମାନେ ସୀମାହୀନ ଦୁଃଖ ଦୁର୍ଦ୍ଦଶାମୟ ଜୀବନ କଟାଉଥିଲେ । ଇଂରେଜମାନେ ନୂତନ ଭାବେ ଓଡିଶା ଦଖଲ କରିବା ପରେ ଓଡିଶାର ସାମାଜିକ ଅବସ୍ଥା ସମ୍ପର୍କରେ ଏହାବେଳେ ଅଜ୍ଞ ଥିବାରୁ ଏବଂ ସେମାନେ ସବୁ କଥାରେ ଇଂରେଜ ଜାଣିଥିବା ବଙ୍ଗାଳୀ କର୍ମଚାରୀଙ୍କ ଉପରେ ନିର୍ଭରଶୀଳ ହେବା ଯୋଗୁଁ ଏହାର ସୋଯୋଗ ନେଇ ବଙ୍ଗାଳୀ କର୍ମଚାରୀମାନେ ଏକ ନୂଆ ଶ୍ରେଣୀର ଶୋଷକ ଭାବେ ଉଭା ହୋଇଥିଲେ ଏବଂ ଏହା ଫଳରେ ରୟତମାନଙ୍କ ଦୁର୍ଦ୍ଦଶା ବଢି ଚାଲିଲା । ବ୍ରିଟିଶ ସରକାର ୧୮୦୫ ମସିହାରେ ଖୋର୍ଦ୍ଧାକୁ ଖାସମାହାଲରେ ପରିଣତ କରିବା ପରେ, ୧୮୦୫ ରୁ ୧୮୧୭ ମସିହା ମଧ୍ୟରେ ତରବାରିଆ ଭାବେ ଗୋଟିଏ ପରେ ଗୋଟିଏ ନୂତନ ପ୍ରଜା ସତ୍ତ୍ୱ ଭୂବନ୍ଦୋବସ୍ତ ଆଇନ ଜାରି କରି ଚାଲିଲେ । ଏହି ଧରଣର ସ୍ୱଳ୍ପମିଆଦି ଭୂବନ୍ଦୋବସ୍ତ ଆଇନ ରୟତମାନଙ୍କୁ ଦୁର୍ନୀତି ମଧ୍ୟକୁ ଠେଲି ଦେଲା । ନୂତନ ଭୂ–ବନ୍ଦୋବସ୍ତ ଆଇନରେ କର / ଖଜଣା ମନୋମୁଖୀ ଭାବେ ଧାର୍ଯ୍ୟ କରାଯାଉଥିଲା। ସରକାରୀ ରେକର୍ଡରୁ ଜଣାଯାଏ ଯେ ମେଜାର ଫ୍ଲେଚର ଯିଏ ଏହି ବନ୍ଦୋବସ୍ତ ଦାୟିତ୍ୱରେ ଏକ ବର୍ଷ ପାଇଁ ଥିଲେ ସେ କାଳେ ବଳେ କୌଶଳ କର ଆଦାଯ କରୁଥିଲେ । ଏ ସମ୍ପର୍କରେ ତତକାଳୀନ କଟକ ରାଜ୍ୟପାଳ ଉଇଲିୟମ ଟ୍ରୋୟର ଉଲ୍ଲେଖ କରିଛନ୍ତି " ଜମି ବାବଦକୁ ନିୟମିତ ଭାବେ ଖଜଣା ପ୍ରଦାନ ସାଙ୍ଗକୁ ରୟତମାନଙ୍କ ଉପରେ ଅନ୍ୟାୟ ଭାବେ ବିଭିନ୍ନ ଧରଣର ଆର୍ଥିକ ବୋଝ ଲଦି ଦିଆଯାଉଥିଲା । ଏହି ଧରଣର କର ଆଦାୟ ଥିଲା ଅତ୍ୟନ୍ତ ମନୋହର ଓ ନିଶ୍ଚିତ ଭାବେ ନିର୍ଦ୍ଦୟ ଓ ନିଷ୍ଠୁର । ବିଦ୍ରୋହ କାରଣ ସମ୍ପର୍କରେ ଅନୁସନ୍ଧାନ କରିବା ପାଇଁ ନିଯୁକ୍ତ କମିଶନର ଓ୍ୱାଲଟର ଇଓ୍ୱେର ଖୋଲାଖୋଲି ସ୍ୱୀକାର କରିଛନ୍ତି ଯେ ୧୮୧୫ –୧୬ ମସିହାରେ ରୟତମାନଙ୍କ ଉପରେ ଯେଉଁ କରଧାର୍ଯ୍ୟ ହୋଇଥିଲା । ତାହା ୧୮୦୪ –୧୮୦୫ ମସିହାର ଜମିସତ୍ତ୍ୱ ବାବଦକୁ ଆଦାୟ କରାଯାଉଥିବା ଖଜଣା (ଜମି ନାମରେ ନାମିତ ) ଠାରୁ ଦୁଇଗୁଣ ଅଧିକ ଥିଲା । ଯାହା ଫଳରେ ଜମି ଖଜଣା ପଇଠରୁ ମୁକ୍ତି ପାଇବା ପାଇଁ ଲୋକମାନେ ବିଭିନ୍ନ ଅଞ୍ଚଳକୁ ଲୁଚି ପଳାଉଥିଲେ । ନିଷ୍ଠୁର ଖଜଣା ହାର ଏବଂ ନିର୍ଦ୍ଦୟ ଭାବେ ଖଜଣା ଆଦାୟର ପରିମାଣ ସମ୍ପର୍କରେ ଇଓ୍ୱେର ଉଲ୍ଲେଖ କରିଛନ୍ତି ଯେ " ଏହା ଅତ୍ୟନ୍ତ ସ୍ପଷ୍ଟ ଏବଂ ସ୍ୱୀକାର୍ଯ୍ୟ ଯେ ବିଦ୍ରୋହ ପୂର୍ବରୁ ଖୋର୍ଦ୍ଧା ଉଦବେଗଜନକ ଭାବେ ଜନଶୂନ୍ୟ ହୋଇଯାଇଥିବା । ଅନ୍ତତଃ ପକ୍ଷେ ୫୦୦୦ ରୁ ୬୦୦୦ ରୟତ ପରିବାର ଘରଦ୍ୱରା ଛାଡି ପଳାଇ ଯାଇଥିଲେ। ଯେଉଁ କିଛି ଦୁର୍ଦ୍ଦଶାଗ୍ରସ୍ତ ରୟତ ଭିଟାମାଟି ଛାଡି ନ ଥିଲେ ସେମାନେ ନିଜର ଲୁଗା, ଆସବାବପତ୍ର , ରନ୍ଧନସାମଗ୍ରୀ ଏପରିକି ନିଜର ସ୍ତ୍ରୀ ପିଲାଙ୍କୁ ବିକ୍ରି କରି ଅବା ବନ୍ଧା ପକାଇ ନିଜର ସର୍ବସ୍ୱ ହରାଇବା ପରେ ବସ୍ତୁତଃ କର୍ପଦ୍ଦଶୂନ୍ୟ ସ୍ଥିତି ଏବଂ ଗଭୀର ଅନୁଶୋଚନ ମଧ୍ୟରେ ଜୀବନ ବିତାଉଥିଲେ । " ରୟତମାନଙ୍କ ଦୁର୍ଦ୍ଦଶା ପଛରେ ଆଉ ଦୁଇଟି କାରଣ ଥିଲା । ସେଗୁଡିକ ହେଲା ଲୁଣ ଉପରେ ଏକଚଟିଆ ଅଧିକାର ଏବଂ କଉଡିମୁଦ୍ରା ର ବିନିଯୋଗ ମୂଲ୍ୟ ହ୍ରାସ ଜଡିତ ଆଇନ ପ୍ରଚଳନ । ୧୭୫୧ ରୁ ୧୮୦୩ ମସିହା ମଧ୍ୟରେ ଓଡିଶା ମରାଠାମାନଙ୍କ ଅଧିନରେ ଥିଲାବେଳେ ଲୁଣ ଉତ୍ପାଦନ ଏବଂ ଲୁଣ ବିକ୍ରି ଉପରେ ମରାଠା ଶାସକମାନେ କୌଣସି କଟକଣା ଜାରି କରିନଥିଲେ । ତେଣୁ ଲୁଣ ଉତ୍ପାଦନ ହେଉଥିବା ସ୍ଥାନରେ ୩ କିମ୍ବା ୪ ଆଣାରେ ଗୋଟିଏ ସେର ଲୁଣ ମିଳୁଥିବା । କିନ୍ତୁ ବ୍ରିଟିଶ ଓଡିଶା ଦଖଲ କରିବା ପରେ ଲୁଣ ଉପରେ ସେମାନଙ୍କ ଏକଚାଟିଆ କର୍ତ୍ତୃତ୍ୱ ଜାହିର କଲେ । ବ୍ରିଟିଶର ଏହି ଯୋଗୁଁ ଲୁଣର ଦର ଛୁଆଁ ହେଲା । ସେରପିଛା ୪ ଅଣାରେ ମିଳୁଥିବା ଲୁଣର ଦର ସେର ପିଛା ୨ ଟଙ୍କାରେ ପହଞ୍ଚିଲା । ଫଳରେ ଲୁଣ ଏକ ଦୁଷ୍ପାପ୍ୟ ଦ୍ରବ୍ୟରେ ପରିଣତ ହୋଇଗଲା। ତତକାଳୀନ କଟକ କିଲାପାଳ ଟ୍ରୋୟେର ନିଜର ପୁରୀ କିଲାଗ୍ରସ୍ତ ସମୟରେ ବିବରଣୀରେ ଲେଖିଛନ୍ତି ଯେ ପୁରୀରେ ତାଙ୍କର ରହଣୀ ଶିବିରର ଦୈନନ୍ଦିନ ଆବଶ୍ୟକ ଲୁଣ ଖର୍ଚ୍ଚ ମେଣ୍ଟାଇବା ଏକ କଷ୍ଟକର ବ୍ୟାପାର ହୋଇପଡୁଥିଲା । ଲୁଣ ଭଳି ଏକ ଅତ୍ୟାବଶ୍ୟକ ଦ୍ରବ୍ୟ ମହଙ୍ଗା ହେବା ଯୋଗୁଁ ସ୍ୱାଭାବିକ ଭାବେ ବ୍ରିଟିଶ ବିରୁଦ୍ଧରେ ଜନଅସନ୍ତୋଷ ବଢିଲା । ହିନ୍ଦୁ, ମୁସଲମାନ, ମରାଠା, ଶାସନଧିନ ନିର୍ବିଶେଷରେ ଓଡିଶାରେ କଉଡି ମୁଖ୍ୟ ମୁଦ୍ରାରୂପେ ପ୍ରଚଳନ ହେଉଥିବା । ଏପରିକି ଏହାକୁ ବିନିମୟର ମାଧ୍ୟମ ଭାବେ ପ୍ରଥମେ ବ୍ରିଟିଶ ସରକାର ମାନି ନେଇଥିଲେ । କିନ୍ତୁ ୧୮୦୮ ମସିହା ପରେ କଉଡି ମାଧ୍ୟମରେ ସରକାରଙ୍କୁ ଖଜଣା କର ପଇଠ କରିବା ଉପରେ ବ୍ରିଟିଶ ସରକାର ନିଷେଧାଦେଶ ଜାରି କଲେ । ନୂତନ ଭାବେ ପ୍ରଚଳିତ ଗୋଟିଏ ରୌପ୍ୟମୁଦ୍ରାରେ ବ୍ୟବସାୟିକ ବିନିମୟ ସହ ଅଭ୍ୟସ୍ତ ଲୋକମାନେ ବ୍ରିଟିଶ ସରକାରଙ୍କ ନୂତନ ମୁଦ୍ରାନୀତିକୁ ମାନସିକ ଭାବେ ଗ୍ରହଣ କରିବାକୁ ଅଶ୍ୱସ୍ତିବୋଧ କଲେ । ଖୋର୍ଦ୍ଧା ଅଞ୍ଚଳରେ ଓଡିଆମାନଙ୍କ ଜମିଦାରୀ ନିଲାମ ଜରିଆରେ ବାହାରଲୋକଙ୍କୁ ବିକ୍ରି କରାଯିବା ଯୋଗୁଁ ରାୟତମାନେ ସର୍ବସାନ୍ତ ହୋଇପଡିଲେ । ଏହି ବାହାର ଲୋକମାନେ ହେଲେ ମୁଖ୍ୟତଃ ସୁଦୂର କଲିକତାରେ ବଙ୍ଗାଳୀ ଏବଂ ବ୍ରିଟିଶ କର୍ମଚାରୀ । ନୂତନ ଭାବେ ବ୍ରିଟିଶ ଦ୍ୱାରା ପ୍ରଚଳିତ ରାଜସ୍ୱ ବ୍ୟବସ୍ଥାରେ ରହିଥିବା ତ୍ରୁଟି ହିଁ ଜମିଦାରୀଗୁଡିକର ମୂଲ୍ୟ ୫୦୦୦ରୁ କମରେ ଧାର୍ଯ୍ୟ କରାଯାଇଥିଲା ସେ ଗୁଡିକ କଟକ କିଲାପାଳଙ୍କ ଅଫିସରରେ ନିଲାମ ହେବ ଏବଂ ଯାହାର ମୂଲ୍ୟ ଏହା ଠାରୁ ଅଧିକ ସେଗୁଡିକ କଲିକତାରେ ଅବସ୍ଥିତ ରାଜସ୍ୱବୋର୍ଡର ସେକ୍ରେଟାରୀଙ୍କ କାର୍ଯ୍ୟାଳୟରେ ନିଲାମ କରାଯିବ ବୋଲି ନୂତନ ନିୟମରେ ସ୍ଥିର କରାଗଲା । ଏହି ନିଛକ ସତ୍ୟକୁ ସେମାନେ ନିଜେ ସ୍ୱୀକାର କରି ଉଲ୍ଲେଖ କରିଛନ୍ତି ଯେ " ବିଭିନ୍ନ ଜମିଦାରୀ ଇଲାକାର ଭୂସମ୍ପତିରେ ପ୍ରକୃତ ମୂଲ୍ୟ ସମ୍ପର୍କରେ ବଙ୍ଗାଳୀମାନଙ୍କର ଅପେକ୍ଷାକୃତ ଭାବେ ଅଧିକ ଧାରଣା ଥିବାରୁ ସେମାନେ ଏହି ନିଲାମ ପ୍ରତିଯୋଗୀତାରେ ଭାଗ ନେଇ ଏସବୁ ସମ୍ପତ୍ତିକୁ କିଣି ନେବାକୁ ଚାହୁଁଥିଲେ । ଅନ୍ୟପକ୍ଷରେ, ଓଡିଆ ଜମିଦାରମାନଙ୍କର କୌରସି ଏଜେଣ୍ଟ କଲିକତାରେ ନଥିବା ଓଡିଆମାନଙ୍କୁ ନିଲାମରେ ବାଦ ଦେଇ ଜମିଦାରୀ କିଣିବାକୁ ଅପୂର୍ବ ସୁଯୋଗ ପାଇଲେ । ତ୍ରୁଟିପୂର୍ଣ୍ଣ ମୂଲ୍ୟ ଧାର୍ଯ୍ୟ ଯୋଗୁଁ ଯେଉଁ ଜମିଦାରୀଗୁଡିକ କଟକରେ ବିକ୍ରି କରାଯିବା ପାଇଁ ନିୟମ କରାଗଲା । ସେଥିରେ ବ୍ୟବସ୍ଥା ରହିଲା ଯେ ସ୍ଥାନୀୟ ବ୍ରିଟିଶ ଅଫିସରମାନେ ଏହି ଜମିଦାରମାନଙ୍କୁ ଜମିଦାରୀ ସତ୍ତ୍ୱରୁ ବସ୍ତୁତଃ ଉଚ୍ଛେଦ କରାଇଲା ଏବଂ ସେମାନଙ୍କ ସ୍ଥାନରେ ବଙ୍ଗଳା ଓ ସ୍ଥାନୀୟ ବ୍ରିଟିଶ ଅଫିସରମାନେ ନୂଆ ଜମିଦାର ବନିଗଲେ । ଟ୍ରୋୟର ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ " କଲିକତାରେ ଏଜେଣ୍ଟ ରହିଲା ଭଳି ପ୍ରାୟ କେହି ଓଡିଆ ଜମିଦାର ସକ୍ଷମ ନ ଥିଲେ । ଠିକ ସମୟରେ , ଜମିଦାରୀ ଗୁଡିକ ଯଥେଷ୍ଟ ଅଧିକ ମୂଲ୍ୟ ଧାର୍ଯ୍ୟ ହେବା ଓ ଏହି ମୂଲ୍ୟଧାର୍ଯ୍ୟ କ୍ରମାଗତ ଭାବେ ବଢିବା ଯୋଗୁଁ , ଅଧିକାଂଶ ଓଡିଆ ଜମିଦାରମାନେ ବକେୟା ପ୍ରଦାନ କରିପାରିଲେ ନାହିଁ । ଫଳରେ ସେହି ଜମିଦାରୀଗୁଡିକ ନିଲାମ ହୋଇଗଲା । ବକେୟା ରାଜସ୍ୱ ପ୍ରଦାନ କରିବାରେ ଅକ୍ଷମତା ଯୋଗୁଁ ବର୍ଷକୁ ପ୍ରାୟ ୧୦୧ ଟି ଜମିଦାରୀ ବିକ୍ରି ହେଉଥିବା କଥା ଉଇଲିୟମ ଟ୍ରୋୟେର ଉଲ୍ଲେଖ କରିଛନ୍ତି । ଓଡିଆ ଭୂସାମନ୍ତମାନେ ଏହିଭଳି ତଳିତଳାନ୍ତ ହେବା ଓ ବସ୍ତୁତଃ ଜମିଦାରୀ ସତ୍ତ୍ୱରୁ ଉଚ୍ଛେଦ ହେବା ଯୋଗୁଁ ରୟତମାନଙ୍କ ଅବସ୍ଥା ମଧ୍ୟ ଅଧିକ ଦୟନୀୟ ହୋଇପଡିଲା । ଖୋର୍ଦ୍ଧାର ଅଣସ୍ଥାୟୀ ବାସିନ୍ଦା ବାହାର ଜମିଦାରମାନେ ରୟତମାନଙ୍କ ପ୍ରତି ଆଦୌ ସମ୍ବେଦନଶୀଳ ନ ଥିଲେ, ବରଂ ଯଥାସମ୍ଭବ ସେମାନଙ୍କୁ ଶୋଷଣ କରି ଚାଲିଲେ । ହଣ୍ଟର ଉଲ୍ଲେଖ କରିଛନ୍ତି ଯେ "ମରାଠାମାନଙ୍କ ଭଳି ଖୋର୍ଦ୍ଧା ବାହାରର ଜମିଦାରମାନଙ୍କୁ ବିଦେଶୀ ଭାବେ ଲୋକେ ବିଚାର କରୁଥିଲେ" । ଏଥି ସହିତ ଓଡିଆ ଅମଲାମାନଙ୍କୁ ବ୍ରିଟିଶ ପ୍ରଶାସନିକ ଗୁରୁତ୍ୱପୂର୍ଣ୍ଣ ଏବଂ ଅତ୍ୟନ୍ତ ବିଶ୍ୱସ୍ତ ପଦପଦବୀରୁ ବାଦ ଦିଆଯିବ । ଫଳରେ ରୟତମାନଙ୍କର ଅବସ୍ଥା ଅଧିକ ଶୋଚନୀୟ ହେଲା । ଓଡିଶାରେ ବ୍ରିଟିଶଶାସନ ଆରମ୍ଭକାଳରୁ ଓଡିଆ ଅମଲାମାନଙ୍କୁ ଖୋର୍ଦ୍ଧାରେ ଥିବା କୋର୍ଟ , ପୋଲିସ ପ୍ରଶାସନ ଏବଂ ଲୁଣ ଉତ୍ପାଦନ ବିଭାଗରୁ ବାଦ ଦେବା ପାଇଁ ନୀତି ଗ୍ରହଣ କରିଚାଲିଲେ ଏବଂ ସେମାନଙ୍କ ସ୍ଥାନରେ ମୁଖ୍ୟତଃ ବଙ୍ଗାଳୀ ଓ ମୁସଲମାନ ଆଦି ବାହାର ଲୋକମାନଙ୍କୁ ନିଯୁକ୍ତ ହେଲେ । ଏଭଳି ନିଯୁକ୍ତ ଯୋଗୁଁ ଖୋର୍ଦ୍ଧାର ସ୍ଥାନୀୟ ବାସିନ୍ଦା ମନରେ ଗଭୀର କ୍ଷୋଭ / କ୍ଷତ ସୃଷ୍ଟି କଲା । ପୁନଶ୍ଚ ହିନ୍ଦୁବହୁଳ ଇଲାକାରେ ପ୍ରଶାସନରେ ମୁସଲମାନଙ୍କୁ ନିଯୁକ୍ତ ଦେବା ଯୋଗୁଁ ଗଭୀର ଅସନ୍ତୋଷ ସୃଷ୍ଟି ହେଲା । ଏହି ଅମଲାମାନଙ୍କ କାର୍ଯ୍ୟକଳାପରେ କିଛି ଫରକ ନ ଥିଲା ଓ ଜନସାଧାରଣଙ୍କ ସ୍ଥିତିକୁ ଅଧିକ ଦୁର୍ବିସହ ଦୟନୀୟ କରିବାରେ କେବଳ ଉଦ୍ଦିଷ୍ଟ ଥିଲା । ଏହି ଅମଲାମାନେ ଖୋର୍ଦ୍ଧାର ବାସିନ୍ଦା ହୋଇନଥିବାରୁ ସ୍ଥାନୀୟ ଲୋକଙ୍କ ପ୍ରତି ଆଦୌ ସହାନୁଭୁତି ପ୍ରଦର୍ଶନ କରୁ ନଥିଲା । ବରଂବିପୁଳ ଦୁର୍ନୀତି ଓ ଲୁଣ୍ଠନ ପନ୍ଥାର ଆଶ୍ରୟ ନେଉଥିଲେ । ବ୍ରିଟିଶ ପ୍ରଶାସନର ଏହି ସବୁ ନୀତି ସାମଗ୍ରିକ ଭାବେ ରୟତମାନଙ୍କୁ ଅନାହାର ଓ କପର୍ଦ୍ଦଶୂନ୍ୟ ସ୍ଥିତି ମଧ୍ୟକୁ ଠେଲି ଦେଲା ।



## ଦୁର୍ଦ୍ଦଶାଗ୍ରସ୍ତ ଜୀବନ ପାଇକ ବିଦ୍ରୋହ

ବକ୍ସି ଜଗବନ୍ଧୁ ଏପ୍ରିଲ ୧୮୧୯ ମସିହାରେ ବ୍ରିଟିଶ ସରକାରଙ୍କୁ ପ୍ରଦାନ କରିଥିବା ସ୍ମାରକପତ୍ର ରେ ରୟତମାନଙ୍କର ଦୟନୀୟ ସ୍ଥିତି ସମ୍ପର୍କରେ ସ୍ୱଷ୍ଟ ଧାରଣ ମିଳେ। ଏଥିରେ ସେ ଉଲ୍ଲେଖ କରିଛନ୍ତି ରୟତମାନଙ୍କର ଜୀବନ ଏତେ ଦୁଃଖରେ ଭରି ହୋଇଥିଲା ଯେ ସେମାନେ ଜୀବନ ରକ୍ଷା ପାଇଁ ଖାଇ ବଞ୍ଚୁ ଥିଲେ ଏବଂ ଏପରିକି ପିଇବା ପାଇଁ କାହା ପାଖରେ ହେଲେ ପାତ୍ରଟିଏ ମଧ୍ୟ ନ ଥିଲା ଏପରିକି ଦୟନୀୟସ୍ଥିତି ପ୍ରତି କାହାର ହେଲେ ତିଳେ ନଜର ମଧ୍ୟ ନଥିଲା। ବେସାମରିକ ବାହିନୀ ଭାବେ ପରିଚିତ ଏହି ପାଇକମାନଙ୍କ ଦୁର୍ଦ୍ଦଶାଗ୍ରସ୍ତ ଜୀବନ ପାଇକ ବିଦ୍ରୋହକୁ ଜନ୍ମ ଦେବାରେ ଯଥେଷ୍ଟ ଖୋରାକ ଯୋଗାଇଥିଲା । **(କ୍ରମଶଃ)**

ଓଡ଼ିଶା ନିଶବ୍ଦ
ସାପ୍ତାହିକ ଖବର କାଗଜ
THE ODISHA NISHABDA

# ମାନ୍ୟବର ରାଷ୍ଟ୍ରପତିଙ୍କ ଦୁଇଦିନିଆ ଗଞ୍ଜାମ ଜିଲ୍ଲା ଗସ୍ତ

**ବ୍ରହ୍ମପୁର (ପ୍ରେମାନନ୍ଦ ପୁଜାରୀ):** ମାନ୍ୟବର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଦୁଇ ଦିନିଆ ଗଞ୍ଜାମ ଜିଲ୍ଲା ଗସ୍ତ ରେ ଆସି ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ତପ୍ତପାଣି ଉଷ୍ତପ୍ରସବଣ ଆଦିବାସୀ ଶକ୍ତୀ ପୀଠ ଓ ଗୋପାଳପୁର ଆର୍ମି ଏଡି କଲେଜ ଏବଂ ନିକଟସ୍ଥ ଶ୍ରୀ ଧବଳେଶ୍ୱର ଶୈବ ପୀଠ ପରିଦର୍ଶନ କରିଛନ୍ତି। ମଙ୍ଗଳବାର ଦିନ ଭୁବନେଶ୍ୱରରୁ ସ୍ୱତନ୍ତ୍ର ଟ୍ରେନ ଯୋଗେ ଯାତ୍ରା କରି ପୂର୍ବାହ୍ନ ୧୧ଟା ୧୦ ମିନିଟ୍‌ରେ ବ୍ରହ୍ମପୁର ବ୍ରହ୍ମପୁର ରେଳଷ୍ଟେସନର ୪ ନମ୍ବର ପ୍ଲାଟଫର୍ମରେ ପହଞ୍ଚିଥିଲେ । ଆଜି ଦ୍ୱିତୀୟ ଦିନରେ ଗସ୍ତ ସମାପ୍ତ କରି ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ ନିମନ୍ତେ ସକାଳ ପ୍ରାୟ ୧୦.୦୫ ମିନିଟରେ ବ୍ରହ୍ମପୁର ରେଳଷ୍ଟେସନରେ ପହଞ୍ଚି ପୁନଃ ଭୁବନେଶ୍ୱର ଯାତ୍ରା କରିଥିଲେ ।

ରାଷ୍ଟ୍ରପତିଙ୍କୁ ରେଳ ଷ୍ଟେସନରେ ଭବ୍ୟ ସ୍ୱାଗତ ସହ ବିଦାୟ ସମ୍ବର୍ଦ୍ଧନା କରାଯାଇଥିଲା । ଏହି ଅବସରରେ ମାନ୍ୟବର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମାନ୍ୟବର ରାଷ୍ଟ୍ରପତିଙ୍କୁ ବ୍ରହ୍ମପୁର ରେଳଷ୍ଟେସନରେ ଭବ୍ୟ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ବିଭୁତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବ୍ରହ୍ମପୁର ସାଂସଦ ଶ୍ରୀ ପ୍ରଦୀପ କୁମାର ପାଣିଗ୍ରାହୀ, ବ୍ରହ୍ମପୁର ବିଧାୟକ ଶ୍ରୀ କେ. ଅନିଲ କୁମାରଙ୍କ ସମେତ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ଶ୍ରୀ ସଂଗ୍ରାମ କେଶରୀ ମହାପାତ୍ର, ଦକ୍ଷିଣାଞ୍ଚଳ ଆଇ ଜି ନିତି ଶେଖର, ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ, ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡା. ଶରବଣା ବିବେକ ଏମ ଓ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ମାନ୍ୟବର ରାଷ୍ଟ୍ରପତିଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ ।

ମାନ୍ୟବର ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ରେଳଷ୍ଟେସନରେ କଡ଼ା ସୁରକ୍ଷା ବ୍ୟବସ୍ଥା ସହ ସୁନ୍ଦର ସାଜସଜ୍ଜା ଏବଂ ପରିଷ୍କାର-ପରିଚ୍ଛନ୍ନତାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଗଞ୍ଜାମର ସମୃଦ୍ଧ ଲୋକକଳା ଓ ସାଂସ୍କୃତିକ ପରମ୍ପରାର ଝଲକ ସ୍ୱରୂପ ବ୍ୟାଘ୍ର ନୃତ୍ୟ, ସଂକୀର୍ତ୍ତନ, ପାରମ୍ପରିକ ନୃତ୍ୟ ପରିବେଷଣ ଏବଂ ଶୁଭ ଶଙ୍ଖଧ୍ୱନି ମଧ୍ୟରେ ମାନ୍ୟବର ରାଷ୍ଟ୍ରପତିଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ମାନ୍ୟବର ରାଷ୍ଟ୍ରପତି କଳାକାରମାନଙ୍କ ସହ ସୌଜନ୍ୟମୂଳକ ଆଲୋଚନା କରିବା ସହ ସେମାନଙ୍କ ସହ ଫଟୋ ଉଠାଇ ଉତ୍ସାହିତ କରିଥିଲେ। ରେଳଷ୍ଟେସନ ପରିସରରେ ଉପସ୍ଥିତ ସାଧାରଣ ଜନତା ଓ ବିଭିନ୍ନ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଜାତୀୟ ପତାକା ଓ ପ୍ଲାକାର୍ଡ ପ୍ରଦର୍ଶନ କରି ମାନ୍ୟବର ରାଷ୍ଟ୍ରପତିଙ୍କୁ ସ୍ୱାଗତ ଜଣାଇଥିଲେ। ମାନ୍ୟବର ରାଷ୍ଟ୍ରପତି ମଧ୍ୟ ହାତ ହଲାଇ ସେମାନଙ୍କ ଅଭିବାଦନ ଗ୍ରହଣ କରିଥିଲେ। ବ୍ରହ୍ମପୁର ରେଳଷ୍ଟେସନରେ ସ୍ୱଳ୍ପ ସମୟ ଅବସ୍ଥାନ ପରେ ମାନ୍ୟବର ରାଷ୍ଟ୍ରପତି ତପ୍ତପାଣି ଅଭିମୁଖେ ଯାତ୍ରା କରିଥିଲେ । ତାଙ୍କ ସହ ମାନ୍ୟବର ରାଜ୍ୟପାଳ ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ମଧ୍ୟ ତପ୍ତପାଣି ଅଭିମୁଖେ ଯାତ୍ରା କରିଥିଲେ। ରାସ୍ତାର ଉଭୟ ପାର୍ଶ୍ୱରେ ବିପୁଳ ସଂଖ୍ୟାରେ ଆବାଳବୃଦ୍ଧବନିତା ଓ ଛାତ୍ରଛାତ୍ରୀମାନେ ଜାତୀୟ ପତାକା ଓ ସ୍ୱାଗତଂ ପ୍ଲାକାର୍ଡ ପ୍ରଦର୍ଶନ କରି ମାନ୍ୟବର ରାଷ୍ଟ୍ରପତିଙ୍କୁ ଅଭିବାଦନ ଜଣାଇଥିଲେ।






- ତପ୍ତପାଣୀ ଉଷ୍ତପ୍ରସବଣରେ ଅବସ୍ଥିତ ମାଁ କନ୍ଧୁଣୀଦେବୀଙ୍କୁ କଲେ ଦର୍ଶନ
- ଐତିହାସିକ ଗସ୍ତକୁ ନେଇ ଆଦିବାସୀ ସଂପ୍ରଦାୟ ଉତ୍ସାହିତ
- ପ୍ରୋଟୋକଲ ଭାଙ୍ଗି ଛାତ୍ରଛାତ୍ରୀଙ୍କୁ ବାଣ୍ଟିଲେ ଚକୋଲେଟ୍
- କଳାକାରଙ୍କ ସହ ଫଟୋ ଉଠାଇଲେ ମାନ୍ୟବର ରାଷ୍ଟ୍ରପତି
- ବ୍ରହ୍ମପୁରରେ ରାଷ୍ଟ୍ରପତିଙ୍କୁ ବିପୁଳ ସମ୍ବର୍ଦ୍ଧନା

ବ୍ରହ୍ମପୁର ସହରର ମିନାକ୍ଷୀ ନଗର ଠାରେ ମାନ୍ୟବର ରାଷ୍ଟ୍ରପତି କୁନିକୁନି ଛୁଆ ତାଙ୍କୁ ଦେଖିବାର ଉତ୍ସାହ ହୃଦୟଙ୍ଗମ କରି ଗାଡିରୁ ଓହ୍ଲାଇ ପିଲାମାନଙ୍କୁ ଚକଲେଟ ବାଣ୍ଟି ଥିଲେ ।

●ମା' କନ୍ଧୁଣୀ ଦେବୀଙ୍କ ଦିବ୍ୟ ଆଶୀର୍ବାଦ ଲାଭ କଲେ ମାନ୍ୟବର ରାଷ୍ଟ୍ରପତି

●ଐତିହାସିକ ଗସ୍ତକୁ ନେଇ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ଉତ୍ସବର ମାହୋଲ

ଗଞ୍ଜାମ ଜିଲ୍ଲାର ପବିତ୍ର ତପ୍ତପାଣି ଏକ ବିରଳ ଐତିହାସିକ ମୁହୂର୍ତ୍ତର ସାକ୍ଷୀ ପାଲଟିଛି। ଦେଶର ପ୍ରଥମ ନାଗରିକ ମାନ୍ୟବର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପବିତ୍ର ମା' କନ୍ଧୁଣୀ ଦେବୀ ପୀଠରେ ପହଞ୍ଚି ଦିବ୍ୟ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ଏହି ପବିତ୍ର ଆଦିବାସୀ ଆସ୍ଥାକେନ୍ଦ୍ରକୁ ଗସ୍ତ କରିବାରେ ସେ ଦେଶର ପ୍ରଥମ କାର୍ଯ୍ୟରତ ରାଷ୍ଟ୍ରପତି ଭାବେ ଇତିହାସ ସୃଷ୍ଟି କରିଛନ୍ତି। ଏହି ଗସ୍ତ ସମଗ୍ର ଅଞ୍ଚଳ ପାଇଁ ଗୌରବ, ଆଧ୍ୟାତ୍ମିକତା ଓ ଆନନ୍ଦର ଏକ ଅବିସ୍ମରଣୀୟ ଅଧ୍ୟାୟ ହୋଇ ରହିବ ।

ମନ୍ଦିର ପରିସର ଶୁଭ ଶଙ୍ଖଧ୍ୱନି, ଘଣ୍ଟନାଦ, ବୈଦିକ ମନ୍ତ୍ରୋଚ୍ଚାରଣ ଏବଂ ଭକ୍ତିମୟ ପରିବେଶରେ ପ୍ରକମ୍ପିତ ହୋଇଉଠିଥିଲା। ପାରମ୍ପରିକ ଆଦିବାସୀ ରୀତିନୀତି ଅନୁଯାୟୀ ମନ୍ଦିରର ପୂଜକମାନେ ଏବଂ ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟ ଅତ୍ୟନ୍ତ ଶ୍ରଦ୍ଧା, ଭକ୍ତି ଓ ଆନ୍ତରିକତାର ସହ ମାନ୍ୟବର ରାଷ୍ଟ୍ରପତିଙ୍କୁ ସ୍ୱାଗତ ଜଣାଇଥିଲେ।

ପବିତ୍ର ନୀତିକାନ୍ତି ଓ ବିଧିବିଧାନ ଅନୁଯାୟୀ ମାନ୍ୟବର ରାଷ୍ଟ୍ରପତି ମା' କନ୍ଧୁଣୀ ଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ଦେଶର ଶାନ୍ତି, ସମୃଦ୍ଧି, ଏକତା ଏବଂ ସର୍ବସାଧାରଣଙ୍କ ମଙ୍ଗଳ କାମନା କରିଥିଲେ। ପରେ ସେ ନିକଟସ୍ଥ ମହାଦେବ ମନ୍ଦିରରେ ମଧ୍ୟ ଦର୍ଶନ କରି ଦିବ୍ୟ ଆରତିରେ ଅଂଶଗ୍ରହଣ କରିଥିଲେ।

ଏହି ଅବିସ୍ମରଣୀୟ ଅବସରରେ ମୁଖ୍ୟ ପୂଜକ ପ୍ରଶାନ୍ତ କୁମାର ଜାନୀ ଅତ୍ୟନ୍ତ ଆନନ୍ଦିତ ହୋଇ କହିଥିଲେ, 'ମାନ୍ୟବର ରାଷ୍ଟ୍ରପତିଙ୍କୁ ଆମ ପ୍ରାଚୀନ ପରମ୍ପରା ଅନୁଯାୟୀ ଶଙ୍ଖଧ୍ୱନି, ଘଣ୍ଟନାଦ ଓ ବୈଦିକ ରୀତିନୀତିରେ ସ୍ୱାଗତ କରିବା ଆମ ପାଇଁ ପରମ ସୌଭାଗ୍ୟର ବିଷୟ। ମା' କନ୍ଧୁଣୀଙ୍କ ପବିତ୍ର ପୀଠର ଇତିହାସରେ ଏହା ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ଦେଶର ପ୍ରଥମ ନାଗରିକଙ୍କ ଏହି ପବିତ୍ର ପଦାର୍ପଣ ଆମ ସମଗ୍ର ଆଦିବାସୀ ସମ୍ପ୍ରଦାୟକୁ ଗର୍ବିତ ଓ ଆତ୍ମବିଭୋର କରିଛି।'

ସେ ଆହୁରି କହିଥିଲେ, 'ମାନ୍ୟବର ରାଷ୍ଟ୍ରପତି ସମସ୍ତ ପାରମ୍ପରିକ ନୀତିକାନ୍ତି ଅନୁଯାୟୀ ମା'ଙ୍କ ଦିବ୍ୟ ଆଶୀର୍ବାଦ ଲାଭ କରିପାରନ୍ତୁ, ସେଥିପାଇଁ ପ୍ରତ୍ୟେକ ବ୍ୟବସ୍ଥା ସୁଚାରୁରୂପେ କରାଯାଇଥିଲା। ଆମର ଦୃଢ଼ ବିଶ୍ୱାସ ଯେ ତାଙ୍କର ଏହି ପବିତ୍ର ଗସ୍ତ ତପ୍ତପାଣି ଓ ସମଗ୍ର ଆଦିବାସୀ ଅଞ୍ଚଳର ବିକାଶ, ପରିଚୟ ଓ ସମୃଦ୍ଧିର ନୂତନ ଦିଗ ଉନ୍ମୋଚନ କରିବ। ଆମେ ମା'ଙ୍କ ନିକଟରେ ତାଙ୍କର ସୁସ୍ଥ, ଦୀର୍ଘ ଓ ମଙ୍ଗଳମୟ ଜୀବନ କାମନା କରୁଛୁ।'

ମାନ୍ୟବର ରାଷ୍ଟ୍ରପତିଙ୍କ ଏହି ଐତିହାସିକ ଗସ୍ତକୁ ନେଇ ସମଗ୍ର ତପ୍ତପାଣି ଅଞ୍ଚଳ ଉତ୍ସବମୁଖର ହୋଇଉଠିଥିଲା। ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟ, ଶ୍ରଦ୍ଧାଳୁ ଓ ସାଧାରଣ ଜନସାଧାରଣ ଏହାକୁ କେବଳ ଏକ ଉଚ୍ଚସ୍ତରୀୟ ଗସ୍ତ ଭାବେ ନୁହେଁ, ବରଂ ସେମାନଙ୍କ ସଂସ୍କୃତି, ପରମ୍ପରା, ଆସ୍ଥା ଓ ଜୀବନଶୈଳୀ ପ୍ରତି ଜାତୀୟ ସମ୍ମାନର ଏକ ଅନନ୍ୟ ପ୍ରତୀକ ଭାବେ ଦେଖୁଛନ୍ତି।

ମାନ୍ୟବର ରାଷ୍ଟ୍ରପତିଙ୍କ ଏହି ପବିତ୍ର ପଦାର୍ପଣ କେବଳ ମା' କନ୍ଧୁଣୀ ଦେବୀ ପୀଠର ଐତିହ୍ୟକୁ ନୂତନ ଗୌରବ ପ୍ରଦାନ କରିନାହିଁ, ବରଂ ଗଞ୍ଜାମର ଆଦିବାସୀ ପରମ୍ପରା, ଧାର୍ମିକ ପର୍ଯ୍ୟଟନ ଓ ସାଂସ୍କୃତିକ ବୈଭବକୁ ଜାତୀୟ ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି।

୪. ରାଷ୍ଟ୍ରପତିଙ୍କ ଗସ୍ତ କାଳରେ (ଗେରୁଆରଙ୍ଗ) ସାଜସଜ୍ଜାକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି।

ଦେଶର ରାଷ୍ଟ୍ରପତି କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ପ୍ରତିନିଧି ନୁହନ୍ତି; ସେ ସମ୍ବିଧାନିକ ପଦବୀରେ ଅଧିଷ୍ଠିତ ଦେଶର ପ୍ରଥମ ନାଗରିକ। କିନ୍ତୁ ତାଙ୍କ ଗସ୍ତ ଅବସରରେ ହୋଇଥିବା ସାଜସଜ୍ଜା, ଟେଣ୍ଟ, ପ୍ରବେଶ ଦ୍ୱାର ଓ ଅନ୍ୟାନ୍ୟ ବ୍ୟବସ୍ଥାରେ ଆବଶ୍ୟକତା ଠାରୁ ଅଧିକା ଗେରୁଆ ରଙ୍ଗକୁ ପ୍ରାଧାନ୍ୟ ଦିଆଯାଇଥିବା ଦେଖିବାକୁ ମିଳିଥିଲା, ଯାହା ଅନେକଙ୍କ ମନରେ ଏହା ଏକ ରାଜନୈତିକ କାର୍ଯ୍ୟକ୍ରମର ପରିବେଶ ସୃଷ୍ଟି କରୁଥିବା ଭାବନା ଦେଖାଦେଇଛି। ଏପରି ଜାତୀୟ ଓ ସମ୍ବିଧାନିକ କାର୍ଯ୍ୟକ୍ରମରେ ସମସ୍ତଙ୍କ ଗ୍ରହଣଯୋଗ୍ୟ ଏବଂ ନିରପେକ୍ଷ ପରିବେଶ ବଜାୟ ରଖିବା ଉଚିତ ବୋଲି ଅନେକଙ୍କ ମତ ରହିଛି । ଏହି ପ୍ରସଙ୍ଗ ବର୍ତ୍ତମାନ ଜନସାଧାରଣଙ୍କ ମଧ୍ୟରେ ଆଲୋଚନାର ବିଷୟ ପାଲଟିଛି।

୫. ବ୍ରହ୍ମପୁର ସହରର ପ୍ରଥମ ନାଗରିକ ତଥା ବ୍ରହ୍ମପୁର ମହାନଗର ନିଗମର ମେୟର ସଂଘମିତ୍ରା ଦଳାଇ ଏହି ସ୍ୱାଗତ କାର୍ଯ୍ୟକ୍ରମରେ ଅନୁପସ୍ଥିତ

ଦେଶର ପ୍ରଥମ ନାଗରିକ ତଥା ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗଞ୍ଜାମ ଗସ୍ତର ପ୍ରଥମ ଦିନର ସମସ୍ତ କାର୍ଯ୍ୟକ୍ରମ ସୁରୁଖୁରୁରେ ସମ୍ପନ୍ନ ହୋଇଛି। ବ୍ରହ୍ମପୁର ରେଳ ଷ୍ଟେସନରେ ରାଷ୍ଟ୍ରପତିଙ୍କୁ ସ୍ୱାଗତ ଜଣାଇବା ପାଇଁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଦୁଇ ଜଣ ମନ୍ତ୍ରୀ, ବ୍ରହ୍ମପୁର ସାଂସଦ ଏବଂ ସ୍ଥାନୀୟ ବିଧାୟକ ଉପସ୍ଥିତ ଥିଲେ।

ତେବେ ବ୍ରହ୍ମପୁର ସହରର ପ୍ରଥମ ନାଗରିକ ତଥା ବ୍ରହ୍ମପୁର ମହାନଗର ନିଗମର ମେୟର ସଂଘମିତ୍ରା ଦଳାଇ ଏହି ସ୍ୱାଗତ କାର୍ଯ୍ୟକ୍ରମରେ ଉପସ୍ଥିତ ନଥିଲେ। ମେୟରଙ୍କ କହିବା ଅନୁସାରେ, ତାଙ୍କୁ ଏହି କାର୍ଯ୍ୟକ୍ରମ ପାଇଁ କୌଣସି ଔପଚାରିକ ନିମନ୍ତ୍ରଣ ଦିଆଯାଇନଥିଲା।

ଏହି ଘଟଣାକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ଭୁବନେଶ୍ୱର ମହାନଗର ନିଗମର ମେୟର ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଥିବାବେଳେ ବ୍ରହ୍ମପୁର ମେୟରଙ୍କୁ ସେହି ସୁଯୋଗ କାହିଁକି ଦିଆଗଲା ନାହିଁ ବୋଲି ଆଲୋଚନା ହେଉଛି। ଏହାକୁ ନେଇ କିଛି ବିଜେଡି ନେତା ମଧ୍ୟ ପ୍ରଶ୍ନ ଉଠାଇଛନ୍ତି।

ଏହି ପ୍ରସଙ୍ଗରେ ସରକାର କିମ୍ବା ସମ୍ପୃକ୍ତ ପ୍ରଶାସନ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ଆସିଲେ ପ୍ରକୃତ ସ୍ଥିତି ଅଧିକ ସ୍ପଷ୍ଟ ହୋଇପାରିବ।

୬. ରାଷ୍ଟ୍ରପତିଙ୍କ ଗସ୍ତରେ ବଦଳିଲା ବ୍ରହ୍ମପୁରର ରୂପରେଖ, ସହରବାସୀଙ୍କ ମଧ୍ୟରେ ଖୁସିରଲହରୀ

ଦକ୍ଷିଣ ଓଡ଼ିଶାର ପ୍ରାଣକେନ୍ଦ୍ର ଭାବେ ପରିଚିତ ବ୍ରହ୍ମପୁର ସହର ଏକ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ହେବା ସହ ଉନ୍ନତମାନର ସ୍ୱାସ୍ଥ୍ୟସେବା ଓ ଶିକ୍ଷା ପାଇଁ ମଧ୍ୟ ନିର୍ଭରଯୋଗ୍ୟ କେନ୍ଦ୍ର ଭାବେ ପରିଚିତ। ତେବେ ଦୀର୍ଘଦିନ ଧରି ସହରର ବିଭିନ୍ନ ପ୍ରମୁଖ ରାସ୍ତା ଖାଲଖମା ଓ ଜରାଜୀର୍ଣ୍ଣ ଅବସ୍ଥାରେ ଥିବାରୁ ସାଧାରଣ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଥିଲେ।

ମାନ୍ୟବର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ବ୍ରହ୍ମପୁର ଗସ୍ତ କାର୍ଯ୍ୟକ୍ରମ ଘୋଷଣା ହେବା ପରେ ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ସହରର ବିଭିନ୍ନ ପ୍ରମୁଖ ରାସ୍ତାର ମରାମତି, ରଙ୍ଗକାମ, ସୌନ୍ଦର୍ଯ୍ୟକରଣ ଓ ପରିଷ୍କାର-ପରିଚ୍ଛନ୍ନତା କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ଅଳ୍ପ ସମୟ ମଧ୍ୟରେ ସହରର ରୂପରେଖରେ ଆସିଥିବା ପରିବର୍ତ୍ତନ ସହରବାସୀଙ୍କ ଦୃଷ୍ଟି ଆକର୍ଷଣ କରିଛି।

ବିଶେଷକରି ଗୋସାଇଁନୂଆଗାଁ, ଅନ୍ଧପସରା, ଫାଷ୍ଟ ଗେଟ୍ ?ରୁ ଡୁଡୁମା କଲୋନୀ ବସ୍ ?ଷ୍ଟାଣ୍ଡ ପର୍ଯ୍ୟନ୍ତ ପ୍ରମୁଖ ସଡ଼କ ଗୁଡ଼ିକର ନବୀକରଣ କରାଯାଇଥିବାରୁ ଯାତାୟାତ ସୁବିଧାଜନକ ହୋଇଛି। ଦୀର୍ଘଦିନର ସମସ୍ୟାର ସମାଧାନ ହୋଇଥିବାରୁ ସହରବାସୀ ଖୁସିବ୍ୟକ୍ତ ପ୍ରକାଶ କରିବା ସହ ସରକାରଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି।

ଏହି ଅବସରରେ କିଛି ସହରବାସୀ ମତ ପ୍ରକାଶ କରି କହିଛନ୍ତି ଯେ, ଯଦି ଏଭଳି ଉନ୍ନୟନମୂଳକ କାର୍ଯ୍ୟ ନିୟମିତ ଭାବେ ଜାରି ରହେ, ତେବେ ବ୍ରହ୍ମପୁର ସହରର ଭିତ୍ତିଭୂମି ଆହୁରି ସୁଦୃଢ଼ ହେବ। ଶୁନିଶ୍ଚିତ । ସେମାନେ ହାସ୍ୟରସାତ୍ମକ ଢଙ୍ଗରେ କହିଛନ୍ତି, 'ରାଷ୍ଟ୍ରପତିଙ୍କ ଭଳି ବିଶିଷ୍ଟ ଅତିଥିଙ୍କ ଗସ୍ତ ବାରମ୍ବାର ହେଲେ ବ୍ରହ୍ମପୁରର ଆହୁରି ବିକାଶ ହେବ।'

# ଉପକୂଳ ଜିଲ୍ଲାରେ କୁମ୍ଭୀର ଆତଙ୍କ, ହେଲ୍ପଲାଇନ୍ ନମ୍ବର ଜାରି

**ଭୁବନେଶ୍ୱର:** ବନ୍ୟା ଯୋଗୁଁ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ନଦୀ, ନାଳ ଓ ପୋଖରୀର ଜଳସ୍ତର ବୃଦ୍ଧି ପାଇଛି। ବିଶେଷକରି ବର୍ଷା ଋତୁରେ ବ୍ରାହ୍ମଣୀ, ମହାନଦୀ ଓ ବୈତରଣୀ ନଦୀ ପ୍ରଣାଳୀରେ ଜଳସ୍ତର ବୃଦ୍ଧି ପାଇଥିବାରୁ କୁମ୍ଭୀର ଆକ୍ରମଣ ଭୟ ଦେଖାଦେଇଛି। ତାହାକୁ ନଜରରେ ରଖି ଲୁଣା ଜଙ୍ଗଲ ବନଖଣ୍ଡ(ବନ୍ୟପ୍ରାଣୀ), ରାଜନଗର ବନ ବିଭାଗ ପକ୍ଷରୁ ଜରୁରୀକାଳୀନ ହ୍ୱାଟ୍ସଆପ୍ ହେଲ୍ପଲାଇନ୍ ନମ୍ବର ୯୯୩୮୯୧୪୧୦୧ ଜାରି ହୋଇଛି। ମଣିଷ-କୁମ୍ଭୀର ସଂଘର୍ଷ ହ୍ରାସ, ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ବିପଦସଙ୍କୁଳ ଗ୍ରାମଗୁଡ଼ିକରେ 'ଘରକୁ ଘର ବୁଲି' ସଚେତନତା ଅଭିଯାନ ଆରମ୍ଭ ହୋଇଛି। ବନ୍ୟାଜଳ ବୃଦ୍ଧି ହେତୁ ନଦୀକୂଳିଆ ଅଞ୍ଚଳରୁ କୁମ୍ଭୀରମାନେ ଜନବସତି କିମ୍ବା ଲୋକମାନେ ବ୍ୟବହାର କରୁଥିବା ନଦୀଘାଟ ନିକଟକୁ ଚାଲି ଆସିବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଜନସାଧାରଣଙ୍କ ସୁରକ୍ଷା ପାଇଁ ବନ ବିଭାଗର କ୍ଷେତ୍ର କର୍ମଚାରୀମାନେ ବନ୍ୟାପ୍ରବଣ ଗ୍ରାମଗୁଡ଼ିକ ପରିଦର୍ଶନ କରି କୁମ୍ଭୀର ସହ ସମ୍ଭାବ୍ୟ ମୁକାବିଲା ଏବଂ ଏଥିରୁ ରକ୍ଷା ପାଇବାକୁ ସତର୍କତାମୂଳକ ପଦକ୍ଷେପ ବିଷୟରେ ଲୋକଙ୍କୁ ସଚେତନ କରାଯାଉଛି। ବର୍ଷା ଋତୁରେ ଅତି ଆବଶ୍ୟକ ନଥିଲେ ନଦୀ, କେନାଲ କିମ୍ବା ନାଳ ମଧ୍ୟକୁ ପ୍ରବେଶ ନ କରିବାକୁ ସଚେତନତା ଅଭିଯାନ ମାଧ୍ୟମରେ ଲୋକଙ୍କୁ ପରାମର୍ଶ ଦିଆଯାଉଛି। ସେହିପରି ପାଣି ସଂଗ୍ରହ, ମାଛ ଧରିବା କିମ୍ବା ଗାଧୋଇବା ସମୟରେ ବିଶେଷ ସତର୍କ ରହିବା, ପିଲାଙ୍କୁ ବୟସ୍କଙ୍କ ତତ୍ତ୍ୱାବଧାନ ବିନା ଜଳାଶୟ ନିକଟକୁ ନ ଛାଡ଼ିବା, କୁମ୍ଭୀର ପ୍ରବଣ ଅଞ୍ଚଳରେ ଗୃହପାଳିତ ପଶୁଙ୍କୁ ଚରାଇବା କିମ୍ବା ପାଣି ପିଆଇବା ସମୟରେ ସତର୍କ ରହିବାକୁ ଅନୁରୋଧ କରାଯାଇଛି।

# ଆବାସିକ ବିଦ୍ୟାଳୟରେ ବଢ଼ୁଛି ହିଂସା: ଛାତ୍ରଙ୍କ ସୁରକ୍ଷା ଉପରେ ପ୍ରଶ୍ନ

**ରାୟଗଡ଼ା:** ବିଦ୍ୟାଳୟରେ ନିଜର ପତିଆରା ବୃଦ୍ଧି ପାଇଁ ଛାତ୍ରଙ୍କ ମଧ୍ୟରେ ଚାଲିଛି ପ୍ରତିଯୋଗିତା। ଏଥିପାଇଁ ନାବାଳକ ଛାତ୍ର ମାନେ ହିଂସାର ପଥ ବାଛିନେଉଥିବା ବେଳେ ଏନେଇ ରାୟଗଡ଼ା ଜିଲ୍ଲାରୁ ଆସିଛି ଛାତିଥରା ଦୃଶ୍ୟ। ବରିଷ୍ଠ ଛାତ୍ର ମାନେ କନିଷ୍ଠ ଛାତ୍ରମାନଙ୍କୁ ଗାଈଗୋରୁଙ୍କୁ ପିଟିବା ଭଳି ଭିଡିଓ ସାମ୍ନାକୁ ଆସିଛି। କୌଣସି କାରଣକୁ ନେଇ ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ ରିଭଲକଣା ହାଇସ୍କୁଲର ଦଶମ ଶ୍ରେଣୀର ଛାତ୍ର ୯ମ ଶ୍ରେଣୀର ଛାତ୍ରଙ୍କୁ ନଡିଆ ବାହୁଙ୍ଗା ଓ ବାଡ଼ିରେ ପିଟୁଥିବା ଦୃଶ୍ୟ ସାମ୍ନାକୁ ଆସିଛି । ଏହି ଘଟଣା ୨ଦିନ ତଳର ହୋଇଥିବା ବେଳେ ଆଜି ସାମ୍ନାକୁ ଆସିଛି । ବିଦ୍ୟାଳୟର ଜଣେ ଛାତ୍ର ନବମ ଶ୍ରେଣୀର ୨୦ରୁ ଊର୍ଦ୍ଧ୍ୱ ହଷ୍ଟେଲ ଅନ୍ତେବାସୀଙ୍କୁ ନଡିଆ ବାହୁଙ୍ଗା ଓ ବାଡ଼ିରେ ନିର୍ଦ୍ଧୁମ୍ ମାଡ଼ ମାରୁଥିବାର ଏକ ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଘଟଣାଟି ରବିବାର ରାତିରେ ଘଟିଥିବା ଜଣାପଡ଼ିଛି।

ନବମ ଶ୍ରେଣୀର କିଛି ଛାତ୍ର, ସମ୍ପୃକ୍ତ ଛାତ୍ର ଓ ଅନ୍ୟ ଛାତ୍ରଙ୍କ ବିରୋଧରେ ଶିକ୍ଷକଙ୍କ ନିକଟରେ ଅଭିଯୋଗ କରିଥିଲେ। ପରେ ଶିକ୍ଷକ ସମ୍ପୃକ୍ତ ଛାତ୍ରଙ୍କୁ ତାଗିଦ୍ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ସେ ଓ ତାଙ୍କ କିଛି ସହପାଠୀ ମିଶି ନବମ ଶ୍ରେଣୀର ୨୦ରୁ ଅଧିକ ହଷ୍ଟେଲ ଅନ୍ତେବାସୀଙ୍କୁ ଅମାନବୀୟ ଭାବେ ମାଡ଼ ମାରୁଥିବାର ଭିଡିଓରୁ ଦେଖିବାକୁ ମିଳିଛି। ଏନେଇ ବିଦ୍ୟାଳୟର ହଷ୍ଟେଲ ଦାୟିତ୍ୱରେ ରହିଥିବା ଡମ୍ବରୁଧର ତ୍ରିପାଠୀ ସୂଚନା ପ୍ରଦାନ କରି କହିଛନ୍ତି ଉକ୍ତ ଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ତାଙ୍କୁ ବିଦ୍ୟାଳୟରୁ ବହିଷ୍କାର



କରାଯିବା ସହ ଥାନାରେ ଏତଲା ଦିଆଯାଇଛି। ଘଟଣା ସଂପର୍କରେ ଖବର ପାଇ କୋଲନରା ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଦେବାଶିଷ ମୁଣ୍ଡ ବିଦ୍ୟାଳୟକୁ ଯାଇ ତଦନ୍ତ କରିଛନ୍ତି। ଅନ୍ୟପକ୍ଷରେ ଘଟଣା ସମ୍ପର୍କରେ ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ କୋଲନରା ଡବ୍ଲ୍ୟୁଇଓଙ୍କୁ ତଦନ୍ତ ପ୍ରଦାନ କରିବାକୁ କହିଥିବା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଜିଲ୍ଲାପାଳଙ୍କୁ ମଧ୍ୟ ଅବଗତ କରାଯାଇଥିବା ଶ୍ରୀମତୀ ରାଓ ପ୍ରକାଶ କରିଛନ୍ତି। ଘଟଣା ପରେ ହଷ୍ଟେଲରେ ରହୁଥିବା ଅନ୍ୟ ଅନ୍ତେବାସୀମାନେ ଭୟଭୀତ ଅବସ୍ଥାରେ ଥିବା ଜଣାପଡ଼ିଛି। ତେବେ ହଷ୍ଟେଲରେ ରହୁଥିବା ଅନ୍ତେବାସୀ ଛାତ୍ରମାନଙ୍କୁ କେଉଁ ପରିସ୍ଥିତିରେ ଏଭଳି ମାଡ଼ ମରାଗଲା, ଘଟଣା ସମୟରେ ହଷ୍ଟେଲର ଦାୟିତ୍ୱରେ କିଏ ଥିଲେ ଏବଂ ଛାତ୍ରମାନଙ୍କ ସୁରକ୍ଷାରେ କୌଣସି ଅବହେଳା ହୋଇଛି କି ନାହିଁ, ସେନେଇ ବିଭାଗୀୟ ରିପୋର୍ଟ ପରେ ଅଧିକ ସ୍ପଷ୍ଟତା ଆସିବ।

# ତାମିଲନାଡୁରେ ମୃତ୍ୟୁର ୫ଦିନ ପରେ ଓଡ଼ିଶା ଆସୁଛି ଯୁବକଙ୍କ ଶବ

**କାଳିଆପାଣି:** ତାମିଲନାଡୁର ତିରୁପୁର ଜିଲ୍ଲା ଅବିନାଶି ଥାନା କାଇକାଟିପୁତ୍ତୁରର ଏପି ଆପାରେଲ୍‌ସ କମ୍ପାନିରେ କାର୍ଯ୍ୟରତ ଶ୍ରମିକ ଚନ୍ଦନ ସୁଣ୍ଡି(୧୮)ଙ୍କର ଗତ ୩୧ ତାରିଖରେ ମୃତ୍ୟୁ ହୋଇଥିଲା। ମୃତକ ଯାଜପୁର ଜିଲ୍ଲା କାଳିଆପାଣି ଥାନା କଅଁସ ପଞ୍ଚାୟତ ତଳଙ୍ଗି ପେଣ୍ଡସାହି ଗାଁର ଧନସିଂହ ସୁଣ୍ଡିଙ୍କ ପୁଅ ଚନ୍ଦନଙ୍କର ତିରୁପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା କମ୍ପାନି ପକ୍ଷରୁ କୁହାଯାଇଛି।

ସମବାୟ ମନ୍ତ୍ରୀ ଡ. ପ୍ରଦୀପ ବଳସାମନ୍ତଙ୍କ ପରାମର୍ଶରେ ଓଡ଼ିଶା ମାଇନିଂ ୱାର୍କର୍ସ ୟୁନିଅନ ସାଧାରଣ ସମ୍ପାଦକ ଅମଳେନ୍ଦୁ ବେହୁରା କାଳିଆପାଣି ପୁଲିସ ସହାୟତା ଲୋଡ଼ିଥିଲେ। ମନ୍ତ୍ରୀ ଶ୍ରୀ ବଳସାମନ୍ତଙ୍କ ହସ୍ତକ୍ଷେପ ପରେ ଏସ୍‌ପି ଯଶ ପ୍ରତାପ ଶ୍ରୀମଲ ତାମିଲନାଡୁ ପୁଲିସ ସହ ଯୋଗାଯୋଗ କରିଥିଲେ। ଏଥିସହ ରାଜ୍ୟ ଶ୍ରମ ବିଭାଗ ପକ୍ଷରୁ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଜିଲ୍ଲାପାଳ ଅମ୍ବର କୁମାର କର ଓ ବିଡିଓ ପ୍ରଜ୍ଞା ପରିମିତା ପୃଷ୍ଟି ତିରୁପୁର ଜିଲ୍ଲା ପ୍ରଶାସନ ସହ ଯୋଗାଯୋଗ କରିଥିଲେ। ୪ ଦିନ ଧରି ଶବାଗାରରେ ଶବ ପଡ଼ି ରହିବା ପରେ ପଞ୍ଚମ ଦିନରେ ପୁଲିସ ଉପସ୍ଥିତିରେ ସେଠାରେ ସଂରକ୍ଷିତ ଥିବା ଶବ ବ୍ୟବଚ୍ଛେଦ କରାଯାଇଥିଲା।




ସେଠାରୁ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ଚନ୍ଦନଙ୍କ ମରଶରୀର ତାଙ୍କ ପୈତୃକ ଗାଁ ପେଣ୍ଡସାହି ଅଣାଯାଉଥିବା କମ୍ପାନି କର୍ତ୍ତୃପକ୍ଷଙ୍କ ଠାରୁ ସୂଚନା ମିଳିଛି। ସାଥୀରେ ସେହି କମ୍ପାନିରେ କାର୍ଯ୍ୟରତ ମୃତ ଚନ୍ଦନଙ୍କ ସଂପର୍କୀୟ ୨ ଭାଇ ତଥା ସହକର୍ମୀ ପେଣ୍ଡସାହି ଗାଁର ସିଦ୍ଧିଓ ହୋ ଓ ମୁକୁନ୍ଦ ହୋ (ନାଣ୍ଡୁ) ଆସୁଥିବା ଜଣାପଡ଼ିଛି। ତିରୁପୁର ଠାରୁ ସଡ଼କ ପଥରେ ୧୭୬୦ କିଲୋମିଟର ଦୂର କାଳିଆପାଣିକୁ ଅତିକ୍ରମରେ ୩୬ ଘଣ୍ଟା ଲାଗିଯିବ ବୋଲି କୁହାଯାଇଛି।

# ଭାଇ ପାଇଁ ଛାଡ଼ିଲେ ଆଇଆଇଟି ବମ୍ବେ ସିଟ୍ : ଆଇଆଇଟି କାନପୁର ବାଛିଲେ ଜେଇଇ ଟପର ମାହରୁଫ୍

**ବମ୍ବେ:** ଭାଇ ପାଇଁ ଆଇଆଇଟି ବମ୍ବେ ଛାଡ଼ି ଆଇଆଇଟି କାନପୁର ବାଛିଲା ଭାଇ । ଜେଇଇ ଆଡଭାନ୍ସଡରେ ୩୨ ରାଙ୍କ ପାଇ ବି ଭାଇଙ୍କ ସହ ପଢ଼ିବାକୁ ନିଷ୍ପତ୍ତି ନେଲେ ଭୁବନେଶ୍ୱରର ମାହରୁଫ୍ । ସମ୍ପର୍କ ଓ ସ୍ନେହ ଆଗରେ ଫିକା ପଡ଼ିଲା ଦେଶର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନର ସିଟ୍ । ଭାଇ ପ୍ରେମର ଏକ ଅନନ୍ୟ ଓ ହୃଦୟସ୍ପର୍ଶୀ ଉଦାହରଣ ସୃଷ୍ଟି କରିଛନ୍ତି ଭୁବନେଶ୍ୱରର ଦୁଇ ଯାଆଁଳା ଭାଇ— ମାହରୁଫ୍ ଅହମ୍ମଦ ଖାନ୍ ଏବଂ ମସରୁର୍ ଅହମ୍ମଦ ଖାନ୍ । JEE Advanced ପରୀକ୍ଷାରେ ସାରା ଦେଶରେ ୩୨ତମ ରାଙ୍କ ହାସଲ କରି ଆଇଆଇଟି ବମ୍ବେରେ କମ୍ପ୍ୟୁଟର ସାଇନ୍ସ ପରି ପ୍ରତିଷ୍ଠିତ ବ୍ରାଞ୍ଚରେ ସିଟ୍ ପାଇବା ସତ୍ତ୍ୱେ, ନିଜ ଯାଆଁଳା ଭାଇଙ୍କ ସହ ଏକାଠି ପଢ଼ିବା ପାଇଁ ସେହି ସିଟ୍‌କୁ ତ୍ୟାଗ କରିଛନ୍ତି ମାହରୁଫ୍ । ଭୁବନେଶ୍ୱରର ଡାକ୍ତର ଦମ୍ପତିଙ୍କ ଦୁଇ ୧୮ ବର୍ଷୀୟ ପୁଅ ମାହରୁଫ୍ ଓ ମସରୁର୍ JEE Advanced ପରୀକ୍ଷାରେ ଯଥାକ୍ରମେ ୩୨ ଏବଂ ୧୬୯ ରାଙ୍କ ହାସଲ କରିଥିଲେ । ମାହରୁଫ୍‌ଙ୍କ ରାଙ୍କ ଅନୁସାରେ ତାଙ୍କୁ ଆଇଆଇଟି ବମ୍ବେରେ ବିଟେକ୍ କମ୍ପ୍ୟୁଟର ସାଇନ୍ସରେ ମିଳିଥିଲା, କିନ୍ତୁ ମସରୁର୍‌ଙ୍କୁ ସେଠାରେ ସେହି ସମାନ ବ୍ରାଞ୍ଚ ମିଳିପାରିନଥିଲା । ଦୁଇ ଅଲଗା ଅଲଗା କ୍ୟାମ୍ପସରେ ପଢ଼ିବା ପରିବର୍ତ୍ତେ, ମାହରୁଫ୍ ଆଇଆଇଟି ବମ୍ବେ ସିଟ୍ ବାତିଲ କରି ଆଇଆଇଟି କାନପୁରର କମ୍ପ୍ୟୁଟର ସାଇନ୍ସ ବ୍ରାଞ୍ଚରେ ନାମ ଲେଖାଇଥିଲେ— ଯେଉଁଠାରେ ଦୁଇ ଭାଇଙ୍କୁ ଗୋଟିଏ ବ୍ରାଞ୍ଚ ମିଳିପାରିଥିଲା । ମୋ ପାଇଁ ମୋ ଭାଇଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଆଉ କିଛି ନାହିଁ ବୋଲି କହିଛନ୍ତି ମାହରୁଫ୍ । ଦୁଇ ଭାଇ ରାଜସ୍ଥାନର କୋଟାରେ ୩ ବର୍ଷ ରହି ଏକାଠି ଆଇଆଇଟି ପ୍ରବେଶିକା ପରୀକ୍ଷା ପାଇଁ କଠିନ ପରିଶ୍ରମ କରିଥିଲେ । ଆଇଆଇଟି କାନପୁର କ୍ୟାମ୍ପସରେ ପ୍ରଥମେ ଦୁଇଜଣଙ୍କୁ ଅଲଗା ଅଲଗା ରୁମ୍ ଆବଣ୍ଟନ କରାଯାଇଥିଲା । ମାତ୍ର ଦୁହିଁଙ୍କ ଅନୁରୋଧ କ୍ରମେ କର୍ତ୍ତୃପକ୍ଷ ସେମାନଙ୍କୁ ଗୋଟିଏ ରୁମରେ ରହିବାକୁ ଅନୁମତି ଦେଇଛନ୍ତି । ଏବେ ପୁଣି ଦୁଇ ଭାଇ ଏକାଠି ଆଇଆଇଟି କାନପୁରରେ ପାଠ ପଢିବେ । ଦୁଇ ଭାଇଙ୍କ ଏହି ନିଷ୍ପତ୍ତି ଏବଂ ସମ୍ପର୍କର ନିବିଡ଼ତା ଏବେ ସୋସିଆଲ ମିଡିଆ ଓ ଶିକ୍ଷା ଜଗତରେ ବେଶ୍ ପ୍ରଶଂସିତ ହେଉଛି ।



# ମନ୍ଦିର ଗୋଟିଏ, ଶିବଲିଙ୍ଗ ୫୨୫

ଏହି ମାସ ହେଉଛି ପବିତ୍ର ଶ୍ରାବଣ । ଏହି ମାସର ସୋମବାରରେ ମହାଦେବଙ୍କୁ ଜଳଲାଗି କରନ୍ତି କାଉଡିଆମାନେ । ବିଶ୍ୱର ପ୍ରତିଟି ଶିବାଳୟରେ ଦେବାଧିଦେବ ମହାଦେବଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହେଉଛି । ଦେଶର ବିଭିନ୍ନ ପ୍ରାନ୍ତରେ ଶିବ ମନ୍ଦିରଗୁଡ଼ିକରେ କାଉଡ଼ିଆ ଭକ୍ତଙ୍କ ଭିଡ଼ ଲାଗି ରହିଛି । ଧାଡ଼ି ଧାଡ଼ି ହୋଇ କାଉଡ଼ିଆ ଭକ୍ତ ମହାଦେବଙ୍କ ଶିବଲିଙ୍ଗରେ ଜଳଲାଗି କରି ସୌଭାଗ୍ୟ ଅର୍ଜନ କରୁଛନ୍ତି । ଏହାରି ଭିତରେ ଦେଶର ଏକ ଏମିତି ପବିତ୍ର ଓ ରହସ୍ୟମୟ ସ୍ଥାନ ବିଷୟରେ ଆସନ୍ତୁ ଜାଣିବା ଯେଉଁଠି ଗୋଟିଏ କି ଦୁଇଟି ନୁହେଁ ଏକାଥରକେ ୫୨୫ ଟି ଶିବଲିଙ୍ଗ ପୂଜା ପାଉଛନ୍ତି ।

ରାଜସ୍ଥାନର କୋଟା ସହରରେ ଅବସ୍ଥିତ ପ୍ରସିଦ୍ଧ ଶିବପୁରୀ ଧାମ । ଏହି ମନ୍ଦିରଟି କେବଳ ରାଜସ୍ଥାନରେ ନୁହେଁ ବରଂ ପୂରା ଭାରତରେ ଅନନ୍ୟ ସ୍ଥାପତ୍ୟ ଏବଂ ଆଧ୍ୟାତ୍ମିକ ମହତ୍ତ୍ୱ ପାଇଁ ବେଶ୍ ପରିଚିତ । ଏହି ମନ୍ଦିରର ସବୁଠାରୁ ବଡ଼ ଏବଂ ଆକର୍ଷକ ବିଷୟ ହେଲା ଏଠାରେ ଗୋଟିଏ ସ୍ଥାନରେ ଏକାଠି ପ୍ରତିଷ୍ଠା ହୋଇଛି ୫୨୫ଟି ଶିବଲିଙ୍ଗ । ସବୁଠାରୁ ବଡ଼ କଥାଟି ହେଲା ଏହି କ୍ଷୁଦ୍ର ଶିବଲିଙ୍ଗଙ୍କୁ ଅତି ସୁନ୍ଦର ଭାବରେ ଏକ ସ୍ୱସ୍ତିକ ଆକୃତିରେ



ସଜ୍ଜିତ କରାଯାଇଛି । ଏହି ଆକୃତିର ଠିକ୍ ମଧ୍ୟଭାଗରେ ରହିଛି ପ୍ରଭୁ ପଶୁପତିନାଥଙ୍କର ଏକ ଚତୁର୍ମୁଖୀ ଦିବ୍ୟ ବିଗ୍ରହ ।

# ମୃତ୍ୟୁ ପରେ ବି ଅମର ଗୌରବ: ଚାରି ଜଣଙ୍କୁ ଦେଲେ ନୂଆ ଜୀବନ

ମୃତ୍ୟୁ ପରେ ବି ଚାରି ଜଣ ଗୁରୁତର ରୋଗୀଙ୍କୁ ନୂଆ ଜୀବନ ଦେଇ ଅମର ହୋଇଯାଇଛନ୍ତି ଇନ୍ଦୋରର ୨୫ ବର୍ଷୀୟ ଯୁବ କାଷ୍ଟିଂ କୋଅର୍ଡିନେଟର ଗୌରବ ଦାବେ । ଗୌରବଙ୍କ ବ୍ରେନ୍ ଡେଡ୍ ପରେ, ତାଙ୍କ ପରିବାର ଲୋକଙ୍କ ମହାନତା ଯୋଗୁଁ ତାଙ୍କର ଯକୃତ୍, ହୃତପିଣ୍ଡ ଓ ଦୁଇଟି ଯାକ କିଡନୀ ଦାନ କରାଯାଇ ଚାରି ଜଣ ଗୁରୁତର ଅସୁସ୍ଥ ବ୍ୟକ୍ତିଙ୍କ ଜୀବନ ରକ୍ଷା କରାଯାଇପାରିଛି ।

ସୂଚନା ଅନୁଯାୟୀ, ଗୌରବ ପିଲାଦିନରୁ "ମୋୟାମୋୟା'' ନାମକ ଏକ ବିରଳ ମସ୍ତିଷ୍କ ରୋଗରେ ପୀଡ଼ିତ ଥିଲେ । ଜୁଲାଇ ୧୩ରେ ମସ୍ତିଷ୍କଘାତ (ବ୍ରେନ୍ ହାମରେଜ୍) ହେବା ପରେ ତାଙ୍କୁ ଇନ୍ଦୋରର ଏକ ବେସରକାରୀ ହସପିଟାଲରେ ଭର୍ତ୍ତି କରାଯାଇଥିଲା । ଅପରେସନ୍ ପରେ ମଧ୍ୟ ତାଙ୍କ ଅବସ୍ଥାରେ ସୁଧାର ଆସିନଥିଲା ଏବଂ ଜୁଲାଇ ୨୬ ରାତିରେ ଡାକ୍ତର ତାଙ୍କୁ ବ୍ରେନ୍ ଡେଡ୍ ଘୋଷଣା କରିଥିଲେ ।

ପୁଅକୁ ହରାଇବାର ଅସହ୍ୟ ଦୁଃଖ ସତ୍ତ୍ୱେ, ଗୌରବଙ୍କ ବାପା ସତୀଶ ଦାବେ ଓ ପରିବାରବର୍ଗ ଅଙ୍ଗଦାନ ଭଳି ମହତ୍ ନିଷ୍ପତ୍ତି ନେଇଥିଲେ । ଗୌରବଙ୍କ ଯକୃତ୍ ଇନ୍ଦୋରର ଜଣେ ୪୨ବର୍ଷୀୟ ରୋଗୀଙ୍କ ଶରୀରରେ ପ୍ରତ୍ୟାରୋପଣ କରାଯାଇଥିବା ବେଳେ, ଦୁଇଟି ବୃକକ ଇନ୍ଦୋରର ଅନ୍ୟ ଏକ ହସପିଟାଲରେ ୨୨ ଓ ୫୫ ବର୍ଷୀୟା ଦୁଇ ଜଣ ମହିଳାଙ୍କୁ ନୂଆ ଜୀବନ ଦେଇଛି । ସେହିପରି ଗ୍ରୀନ୍ କରିଡର ମାଧ୍ୟମରେ ତାଙ୍କ ହୃତପିଣ୍ଡକୁ ବିମାନ ଯୋଗେ ଗୁଜରାଟର ଅହମ୍ମଦାବାଦ ପଠାଯାଇ ଜଣେ ୨୮ ବର୍ଷୀୟ ହୃଦରୋଗୀଙ୍କ ଶରୀରରେ ସଫଳତାର ସହ ପ୍ରତ୍ୟାରୋପଣ କରାଯାଇଛି । ଏହାବାଦ୍ ତାଙ୍କ ଚକ୍ଷୁକୁ ଇନ୍ଦୋରର ଶଙ୍କର ଆଖି ହସପିଟାଲରେ ଗଚ୍ଛିତ ରଖାଯାଇଛି । ଏହି ମହାନ କାର୍ଯ୍ୟ ପାଇଁ ଇନ୍ଦୋର ପୋଲିସ ପକ୍ଷରୁ ଗୌରବଙ୍କୁ ଗାର୍ଡ ଅଫ୍ ଅନର (ସମ୍ମାନଜନକ ବିଦାୟ) ପ୍ରଦାନ କରାଯାଇଛି ।





# ଜଙ୍ଗଲ ମାଫିଆଙ୍କ ପାଇଁ କାଳ !
# 'ଲେଡି ଟାରଜାନ୍' ଜମୁନା ଟୁଡୁଙ୍କ କାହାଣୀ



**ଜଙ୍ଗଲ କାଟିବାକୁ ଆସିଥିଲେ ମାଫିଆ । ସାମ୍ନାକୁ ଆସିଗଲେ ଜଣେ ସାଧାରଣ ଗାଁର ମହିଳା । ହାତରେ ବନ୍ଧୁକ ନୁହେଁ, ଧନୁ-ତୀର । ଆଉ ମନରେ ଥିଲା ଜଙ୍ଗଲକୁ ବଞ୍ଚାଇବାର ସାହସ । ଏହି ସାହସି ମହିଳା ହେଲେ ଜମୁନା ଟୁଡୁ, ଯିଏ ଆଜି ସାରା ଦେଶରେ 'ଲେଡି ଟାରଜନ୍' ନାମରେ ପରିଚିତ ।**

ଜଙ୍ଗଲ କାଟିବାକୁ ଆସିଥିଲେ ମାଫିଆ । ସାମ୍ନାକୁ ଆସିଗଲେ ଜଣେ ସାଧାରଣ ଗାଁର ମହିଳା । ହାତରେ ବନ୍ଧୁକ ନୁହେଁ, ଧନୁ-ତୀର । ଆଉ ମନରେ ଥିଲା ଜଙ୍ଗଲକୁ ବଞ୍ଚାଇବାର ସାହସ । ଏହି ସାହସି ମହିଳା ହେଲେ ଜମୁନା ଟୁଡୁ, ଯିଏ ଆଜି ସାରା ଦେଶରେ 'ଲେଡି ଟାରଜନ୍' ନାମରେ ପରିଚିତ । ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରରେ ୧୯ ଡିସେମ୍ବର ୧୯୮୦ରେ ଜନ୍ମ ନେଇଥିବା ଜମୁନା, ବିବାହ ପରେ ଝାଡ଼ଖଣ୍ଡର ଚାକୁଲିଆ ବ୍ଲକର ମୁତୁରଖାମ ଗାଁକୁ ଯାଇଥିଲେ । ସେଠାରେ ଘର ସାମ୍ନାର ଜଙ୍ଗଲକୁ କାଠ ମାଫିଆମାନେ ବେଆଇନ ଭାବେ କାଟୁଥିବା ଦେଖି ସେ ନିରବ ରହିନଥିଲେ । ମାତ୍ର ୧୮ ବର୍ଷ ବୟସରେ ଜମୁନା ଜଙ୍ଗଲ ବଞ୍ଚାଇବାର ଲଢ଼େଇ ଆରମ୍ଭ କରିଥିଲେ । ପ୍ରଥମେ ଗାଁର ପାଞ୍ଚ ଜଣ ମହିଳାଙ୍କୁ ସାଙ୍ଗରେ ନେଇ 'ବନ ସୁରକ୍ଷା ସମିତି' ଗଠନ କରିଥିଲେ । ପରେ ଏହି ଅଭିଯାନ ଏକ ବିରାଟ ଜନ ଆନ୍ଦୋଳନରେ ପରିଣତ ହୋଇଥିଲା । ହଜାର ହଜାର ମହିଳା ଜଙ୍ଗଲ ବଗିବା ଏବଂ ବେଆଇନ ଗଛକଟାକୁ ରୋକିବା ପାଇଁ ଏକାଠି ହୋଇଥିଲେ । ଏହି ଲଢ଼େଇ ସହଜ ନଥିଲା । ଜଙ୍ଗଲ ଓ କାଠ ମାଫିଆଙ୍କ ଧମକ, ଆକ୍ରମଣ ଏବଂ ନକ୍ସଲଙ୍କ ଭୟ ସତ୍ତ୍ୱେ ଜମୁନା କେବେ ପଛକୁ ହଟିନଥିଲେ । ହାତରେ ଧନୁ-ତୀର ଧରି ସେ ଜଙ୍ଗଲରେ ପହରା ଦେଉଥିଲେ ଏବଂ ବେଆଇନ ଗଛକଟାର ସୂଚନା ପୁଲିସକୁ ଦେଉଥିଲେ । ପରିବାରର ବିରୋଧ, ଜୀବନ ପ୍ରତି ବିପଦ ଏବଂ ଅନେକ ଚ୍ୟାଲେଞ୍ଜ ସତ୍ତ୍ୱେ ଜମୁନା ଟୁଡୁ ହାର ମାନିନଥିଲେ । ତାଙ୍କ ସାହସ ଓ ପରିବେଶ ପ୍ରତି ଭଲପାଇବା ତାଙ୍କୁ କରିଛି ଦେଶର ଜଣେ ପ୍ରେରଣାଦାୟକ ପରିବେଶ ଯୋଦ୍ଧା ।ଜମୁନା ଟୁଡୁଙ୍କ ଅସାଧାରଣ ପରିବେଶ ସୁରକ୍ଷା ଅବଦାନ ପାଇଁ ତାଙ୍କୁ ୨୦୧୯ ମସିହାରେ ଭାରତର ଚତୁର୍ଥ ସର୍ବୋଚ୍ଚ ନାଗରିକ ସମ୍ମାନ 'ପଦ୍ମଶ୍ରୀ'ରେ ସମ୍ମାନିତ କରାଯାଇ ଥିଲା । ଏହାପୂର୍ବରୁ ୨୦୧୪ ମସିହାରେ ସେ 'ଗଡ଼ଫ୍ରେ ଫିଲିପ୍ସ ବ୍ରେଭରୀ ଆୱାର୍ଡ' ମଧ୍ୟ ପାଇଥିଲେ । ଝାଡ଼ଖଣ୍ଡରେ ମାଫିଆଙ୍କ ବିରୋଧରେ ନିର୍ଭୟ ଭାବେ ଲଢ଼େଇ କରି ଜଙ୍ଗଲକୁ ସୁରକ୍ଷା ଦେଇଥିବାରୁ ଜମୁନା ଟୁଡୁ ଆଜି ସାରା ଦେଶରେ 'ଲେଡି ଟାରଜାନ' ନାମରେ ପରିଚିତ । ତାଙ୍କ ସାହସ ଓ ସଂଘର୍ଷ ହଜାର ହଜାର ଲୋକଙ୍କ ପାଇଁ ପ୍ରେରଣା ପାଲଟିଛି ।

# ୨୬ ରାଜାଙ୍କ ଅହଙ୍କାର ଭାଙ୍ଗିଥିଲେ ମହତାବ !

୧୯୩୬ ମସିହା ଏପ୍ରିଲ୍ ୧ ତାରିଖ । ଭାଷା ଭିତ୍ତିରେ ଦେଶର ପ୍ରଥମ ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଠନ ହେଲା ଓଡ଼ିଶା । ହେଲେ ଆଜି ଆମେ ମାନଚିତ୍ରରେ ଯେଉଁ ଓଡ଼ିଶାକୁ ଦେଖୁଛୁ, ତାହା ସେତେବେଳେ ନଥିଲା । ତାହା ଥିଲା ଗୋଟେ ଅଧା ଖଣ୍ଡିଆ ଓଡ଼ିଶା । କାରଣ ମୋଟ୍ ଭୂଖଣ୍ଡର ପ୍ରାୟ ଅଧା ଅଂଶ ୨୬ଟି ଦେଶୀୟ ରାଜ୍ୟ ବା ଗଡ଼ଜାତ ରାଜାଙ୍କ କବଜାରେ ଥିଲା । ଏହି ରାଜ୍ୟଗୁଡ଼ିକର ନିଜସ୍ୱ ସେନା ଥିଲା, ନିଜସ୍ୱ ଆଇନ ଥିଲା ଏବଂ ସବୁଠାରୁ ବଡ଼ କଥା ଥିଲା ରାଜାମାନଙ୍କର ପ୍ରବଳ ରାଜକୀୟ ଅହଂକାର । ଏମାନଙ୍କୁ ଓଡ଼ିଶା ସହ ନମିଶାଇବା ପର୍ଯ୍ୟନ୍ତ 'ବିଶାଳ ଉତ୍କଳ'ର ସ୍ୱପ୍ନ କେବଳ ଏକ ମରୀଚିକା ହୋଇ ରହିଥାନ୍ତା । ଆଉ ଏମିତି ଏକ ଜଟିଳ ରାଜନୈତିକ ସ୍ଥିତିରେ ଅସମ୍ଭବକୁ ସମ୍ଭବ କରି ଦେଖାଇଥିଲେ ଜଣେ ଚତୁର ତଥା ଦୂରଦୃଷ୍ଟିସମ୍ପନ୍ନ ରାଜନେତା ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବ ।

ସମୟ ଥିଲା ୧୯୪୭ ମସିହା । ଦେଶ ସ୍ୱାଧୀନ ହେବାକୁ ଯାଉଥାଏ ଏବଂ ବ୍ରିଟିଶ୍ ରାଜୁତିର ଅନ୍ତ ଘଟୁଥାଏ । ଇଂରେଜମାନେ ଦେଶ ଛାଡ଼ିବା ବେଳେ ଗଡ଼ଜାତ ରାଜାମାନଙ୍କୁ ଗୋଟେ ସଙ୍କଟଜନକ ବିକଳ୍ପ ଦେଇଗଲେ, ଚାହିଲେ ଭାରତ ସହ ମିଶିବେ ନଚେତ୍ ନିଜେ ସ୍ୱାଧୀନ ରହିବେ । ଓଡ଼ିଶାର ଗଡ଼ଜାତ ରାଜାମାନେ ସ୍ୱାଧୀନ ରହିବାର ସ୍ୱପ୍ନ ଦେଖିଲେ । ଏପରିକି ଛତିଶଗଡ଼ ଏବଂ ଓଡ଼ିଶାର ଗଡ଼ଜାତ ରାଜ୍ୟଗୁଡ଼ିକୁ ନେଇ ଗୋଟେ 'ଇଷ୍ଟର୍ଣ୍ଣ ଷ୍ଟେଟସ୍ ୟୁନିୟନ୍' ଗଠନ କରିଦେଲେ । ସେମାନଙ୍କ ଯୁକ୍ତି ଥିଲା ଆମେ ଆମର ସ୍ୱତନ୍ତ୍ର ସଂଘ ବନାଇବୁ । ପରିସ୍ଥିତି ଏତେ ଉତ୍ତେଜନାପୂର୍ଣ୍ଣ ଥିଲା ଯେ ସାମାନ୍ୟ ବଳପ୍ରୟୋଗ ହୋଇଥିଲେ ବିରାଟ ରକ୍ତପାତର ଆଶଙ୍କା ଥିଲା । କିନ୍ତୁ ମହତାବଙ୍କ ମନେ ମନେ ପ୍ରସ୍ତୁତ କରୁଥିଲେ ଗୋଟେ କୂଟନୈତିକ ବ୍ଲୁ-ପ୍ରିଣ୍ଟ୍ ।



ମହତାବ ବେଶ୍ ଭଲଭାବେ ଜାଣିଥିଲେ... ଏଭଳି ସଙ୍ଗିନ୍ ସ୍ଥିତିରେ ଖାଲି କୂଟନୀତି ନୁହେଁ ବରଂ ଜନ ଆନ୍ଦୋଳନ ହିଁ ଏହି ରାଜାମାନଙ୍କ ଅଣ୍ଟା ଭାଙ୍ଗିପାରିବ । ସେ ଗଡ଼ଜାତ ରାଜ୍ୟଗୁଡ଼ିକରେ ଚାଲିଥିବା 'ପ୍ରଜାମଣ୍ଡଳ ଆନ୍ଦୋଳନ'କୁ ପରୋକ୍ଷରେ ଉସୁକାଇଥିଲେ । ଆଉ ବାଧ୍ୟ ହୋଇ ରାଜାଙ୍କ ଅତ୍ୟାଚାରୀ ଶାସନ ବିରୋଧରେ ପ୍ରଜାମାନେ ରାସ୍ତାକୁ ଓହ୍ଲାଇଲେ । ମହତାବଙ୍କ ପ୍ରଥମ ଫୋକସରେ ଥିଲା 'ନୀଳଗିରି' । ୧୯୪୭ ଅକ୍ଟୋବରରେ ନୀଳଗିରିରେ ଆଦିବାସୀ ଏବଂ ଅଣ-ଆଦିବାସୀଙ୍କ ମଧ୍ୟରେ ହିଂସାକାଣ୍ଡ ଦେଖାଦେଲା, ଯାହା ପଛରେ ସିଧାସଳଖ ରାଜଦରବାରର ଇସାରା ଥିଲା ବୋଲି ଅଭିଯୋଗ ହେଲା । ଏହି ଅରାଜକତାକୁ ମୋହରା କରି



ମହତାବ ନିଜର ପ୍ରଥମ ରାଜନୈତିକ ଗୋଟିଚାଳନା କଲେ । ଶାନ୍ତି ପ୍ରତିଷ୍ଠା ନାଁରେ ସେ ତୁରନ୍ତ ଓଡ଼ିଶା ମିଲିଟାରୀ ପୁଲିସକୁ ନୀଳଗିରି ପଠାଇଲେ ଏବଂ ନଭେମ୍ବର ୧୪ ତାରିଖରେ ପ୍ରଶାସନକୁ ସମ୍ପୂର୍ଣ୍ଣ ନିଜ ହାତକୁ ନେଇଗଲେ । ଏହି ଗୋଟିଏ 'ସର୍ଜିକାଲ୍ ଷ୍ଟ୍ରାଇକ୍' ବାକି ୨୫ ଜଣ ଗଡ଼ଜାତ ରାଜାଙ୍କ ମନରେ କୋକୁଆ ଭୟ ସୃଷ୍ଟି କରିଦେଲା । ଏହା ଥିଲା ମହତାବଙ୍କ ସାଇକୋଲୋଜିକାଲ୍ ୱାରଫେୟାର ।

କିନ୍ତୁ ଅସଲ କ୍ଲାଇମାକ୍ସ ଏବେ ବି ବାକି ଥିଲା । ୧୯୪୭ ଡିସେମ୍ବର ମାସରେ ମହତାବ ଦିଲ୍ଲୀ ଯାଇ ଭାରତର 'ଲୌହ ମାନବ' ତଥା ତତ୍କାଳୀନ ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ଓଡ଼ିଶା ଆସିବାକୁ ରାଜି କରାଇଲେ । ଡିସେମ୍ବର ୧୩ ତାରିଖରେ ପଟେଲ କଟକରେ ପହଞ୍ଚିଲେ । କଟକ ରାଜଭବନରେ ଗଡ଼ଜାତ ରାଜାମାନଙ୍କର ସିକ୍ରେଟ୍ ମିଟିଂ ବସିଥିଲା । ଗୋଟିଏ ପଟେ ମହତାବଙ୍କର ନିଖୁଣ ଗ୍ରାଉଣ୍ଡ୍ ୱାର୍କ ଏବଂ ପ୍ରଜାମଣ୍ଡଳ ଆନ୍ଦୋଳନର ଚାପ ଆଉ ଅନ୍ୟପଟେ ସର୍ଦ୍ଦାର ପଟେଲଙ୍କର କଡ଼ା ଆଭିମୁଖ୍ୟ । ଏସବୁ ରାଜ୍ୟ ରାଜନୀତିର ହାର୍ଟବିଟ୍ ବଢ଼ାଇଥିଲା । ପଟେଲ ରାଜାମାନଙ୍କୁ ଖୋଲାଖୋଲି ଚେତାଇ ଦେଲେ ଯେ 'ଆପଣମାନଙ୍କ ପାଖରେ ଏବେ କେବଳ ଦୁଇଟି ରାସ୍ତା ଅଛି । ଶାନ୍ତିପୂର୍ଣ୍ଣ ଭାବେ କ୍ଷମତା ହସ୍ତାନ୍ତର କରି ଓଡ଼ିଶା ସହ ମିଶିଯାଆନ୍ତୁ ଏବଂ ନିଜର ପତିଆରାକୁ ସୁରକ୍ଷିତ ରଖନ୍ତୁ, ନଚେତ୍ ଆଗକୁ ହେବାକୁ ଥିବା ଜନଆକ୍ରୋଶର ସାମ୍ନା ନିଜେ କରନ୍ତୁ । ଲୋକେ ବିଦ୍ରୋହ କଲେ ଭାରତ ସରକାର ସେଥିରେ ଆଦୌ ମୁଣ୍ଡ ପୂରାଇବେ ନାହିଁ ।'

ରାଜାମାନେ ତୁରନ୍ତ ବୁଝିଗଲେ ଯେ ଏହି ଦୁଇ ରାଜନୈତିକ ଧୁରନ୍ଧରଙ୍କ ଜାଲରୁ ମୁକୁଳିବା ଅସମ୍ଭବ । ବେଶି କିଛି ଭାବିବା ପୂର୍ବରୁ ସେମାନଙ୍କର 'ଇଷ୍ଟର୍ଣ୍ଣ ଷ୍ଟେଟସ୍ ୟୁନିୟନ୍' ତାସ୍ ଘର ଭଳି ଭାଙ୍ଗି ପଡ଼ିଲା । ଡିସେମ୍ବର ୧୪ ଓ ୧୫ ତାରିଖ ଦିନ ରାତିସାରା ମାନସ ମନ୍ଥନ ପରେ ଏକାଧିକ ରାଜା ମିଶ୍ରଣ ଚୁକ୍ତିରେ ହସ୍ତାକ୍ଷର କଲେ । ଶେଷରେ ୧୯୪୮ ଜାନୁଆରି ୧ ତାରିଖରେ ୨୫ଟି ଗଡ଼ଜାତ ରାଜ୍ୟ ଆନୁଷ୍ଠାନିକ ଭାବେ ଓଡ଼ିଶା ସହ ମିଶିଥିଲା । ପରବର୍ତ୍ତୀ ସମୟରେ ୧୯୪୯ ଜାନୁଆରି ୧ରେ ମୟୂରଭଞ୍ଜ ମଧ୍ୟ ଓଡ଼ିଶା ପ୍ରଦେଶର ଅଂଶ ପାଲଟିଲା । ବିଶ୍ୱ ରାଜନୈତିକ ଇତିହାସରେ ଏମିତି ଉଦାହରଣ ବିରଳ, ଯେଉଁଠି ଗୋଟିଏ ବି ଗୁଳି ନଫୁଟି, ରକ୍ତର ଗୋଟିଏ ବି ଛିଟା ନପଡ଼ି ୨୬ଟି ସ୍ୱତନ୍ତ୍ର ରାଜ୍ୟ ଗୋଟିଏ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିଲୀନ ହୋଇଗଲେ । ଡକ୍ଟର ମହତାବଙ୍କ ଚାଣକ୍ୟ ନୀତି ଓଡ଼ିଶାର ମାନଚିତ୍ରକୁ ପୂର୍ଣ୍ଣାଙ୍ଗ କରିବା ସହ ତାଙ୍କୁ ଆଧୁନିକ ଓଡ଼ିଶା ଗଠନର ଅନ୍ୟତମ ମହାନାୟକ ଭାବେ ସବୁଦିନ ପାଇଁ ଅମର କରିଦେଲା ।

# ଚାକିରି ଛାଡ଼ିବା ପରେ ବି ଚର୍ଚ୍ଚାରେ ଲେଡି ସିଂଘମ : ସୋସିଆଲ ମିଡିଆରେ ଭାଇରାଲ ଫୋଟ

'ଲେଡି ସିଂହମ' ନାମରେ ପରିଚିତ ବିହାର କ୍ୟାଡରର ପୂର୍ବତନ ଆଇପିଏସ୍ ଅଧିକାରୀ କାମ୍ୟା ମିଶ୍ର ପୁଣିଥରେ ଚର୍ଚ୍ଚାକୁ ଆସିଛନ୍ତି। ଚାକିରିରୁ ଇସ୍ତଫା ଦେବା ପରେ ସେ ବର୍ତ୍ତମାନ ନିଜ ବାପାଙ୍କ ବ୍ୟବସାୟ ସମ୍ଭାଳୁଛନ୍ତି। ସୋସିଆଲ ମିଡିଆରେ କାମ୍ୟାଙ୍କ ଅନେକ ଫଟୋ ପୋଷ୍ଟ ହୋଇଛି। ଏଥିରେ କେତେବେଳେ ନିଜ ଆଇପିଏସ୍ ସ୍ୱାମୀ ଅବଧେଶ ସରୋଜ ଦୀକ୍ଷିତଙ୍କ ସହ ସେ ସୁଟ୍ ଓ ଶାଢ଼ିରେ ଷ୍ଟାଇଲିସ୍ ଲୁକ୍‌ରେ ନଜର ଆସୁଛନ୍ତି, ତ ଆଉ କେତେବେଳେ ଏକାକୀ ସରଳ ଅନ୍ଦାଜରେ ସମସ୍ତଙ୍କ ମନ ଜିତୁଛନ୍ତି।ପୂର୍ବତନ ଆଇପିଏସ୍ ଅଧିକାରୀ କାମ୍ୟା ମିଶ୍ର ଏକ ଡିଜିଟାଲ୍ ମିଡିଆ ପ୍ଲାଟଫର୍ମ 'ପିଞ୍ଚ'କୁ ସାକ୍ଷାତ୍କାର ଦେଇଥିଲେ। ଏହା ପରଠାରୁ ତାଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ତାଙ୍କ ଷ୍ଟାଇଲ୍ କୌଣସି ଅଭିନେତ୍ରୀଙ୍କଠାରୁ କମ୍ ଲାଗୁନାହିଁ। ୨୦୨୧ର

*'ଲେଡି ସିଂହମ' ନାମରେ ପରିଚିତ ବିହାର କ୍ୟାଡରର ପୂର୍ବତନ ଆଇପିଏସ୍ ଅଧିକାରୀ କାମ୍ୟା ମିଶ୍ର ପୁଣିଥରେ ଚର୍ଚ୍ଚାକୁ ଆସିଛନ୍ତି। ଚାକିରିରୁ ଇସ୍ତଫା ଦେବା ପରେ ସେ ବର୍ତ୍ତମାନ ନିଜ ବାପାଙ୍କ ବ୍ୟବସାୟ ସମ୍ଭାଳୁଛନ୍ତି।*



ବିବାହ ସମୟର ଲୁକ୍ ହେଉ କିମ୍ବା ନିକଟରେ ସେୟାର ହୋଇଥିବା ଫଟୋ, ପ୍ରତ୍ୟେକ ଅବତାରରେ କାମ୍ୟାଙ୍କ ଫ୍ୟାସନ୍ ଓ ଆକର୍ଷଣୀୟ ଅନ୍ଦାଜ ନଜରକୁ ଆସିଥାଏ।

ଏକ ଫଟୋରେ କାମ୍ୟା ମିଶ୍ର ନିଜ ଆଇପିଏସ୍ ସ୍ୱାମୀ ଅବଧେଶ ସରୋଜ ଦୀକ୍ଷିତଙ୍କ ସହ ନଜର ଆସିଛନ୍ତି। ଉଭୟେ ଗାଜର ରଙ୍ଗର ପୋଷାକ ପିନ୍ଧି 'ଟ୍ୱିନିଂ' ଲୁକ୍‌ରେ ଦେଖାଯାଇଛନ୍ତି। କାମ୍ୟା ସୁନେଲି ବର୍ଡର ଥିବା ସୂତା ଶାଢ଼ି ପିନ୍ଧିଥିବାବେଳେ, ଅବଧେଶ ସେହି ରଙ୍ଗର କୁର୍ତ୍ତା ସହ ଧଳା ପାଇଯାମା ପିନ୍ଧିଛନ୍ତି। ଅନ୍ୟ ଏକ ଫଟୋରେ କାମ୍ୟାଙ୍କ କଳା ରଙ୍ଗର ପୋଷାକରେ ଏକ ଆକର୍ଷଣୀୟ ଓ କ୍ଲାସି ଲୁକ୍ ଦେଖିବାକୁ ମିଳୁଛି। ସୁଟ୍ ?ରେ କୌଣସି ବୁଣାବୁଣି କିମ୍ବା ଅନ୍ୟ କାମ ନଥିବାବେଳେ, ସେ ଏହା ସହ ଗାଢ଼ ସବୁଜ ରଙ୍ଗର ସିଲ୍କ ଚୁନି ପିନ୍ଧିଛନ୍ତି। ଚୁନିଟିରେ ସୁନେଲି ଜରିରେ ଫୁଲର ଡିଜାଇନ୍ କରାଯାଇଥିବା ସହ ଉଭୟ ପାର୍ଶ୍ୱରେ ବେଲ୍ ଡିଜାଇନ୍ ଏବଂ ଛୋଟ ବୁଟି ମୋଟିଫ୍ ଦ୍ୱାରା ଚଉଡ଼ା ଜରି ବର୍ଡର ଦିଆଯାଇଛି।

## 'ମୁଁ ଭାରତରେ ଶେଷ ନିଶ୍ୱାସ ନେବି'

# ଆମେରିକାରେ ରହୁଥିବା ୯୪ ବର୍ଷୀୟା ମହିଳା ଭାରତୀୟ ନାଗରିକତା ଗ୍ରହଣ

୯୪ ବର୍ଷ ବୟସରେ, ଯେତେବେଳେ ଅଧିକାଂଶ ଲୋକ ନିଜର ସ୍ମୃତି ଏବଂ ଶରୀରର ଶକ୍ତି ହରାଇ ବସନ୍ତି, ସେତିକି ବେଳେ ଜଣେ ବୃଦ୍ଧା ନିଜର ଦେଶପ୍ରେମ ଏବଂ ମାତୃଭୂମି ପ୍ରତି ଥିବା ମମତାକୁ ନେଇ ଏକ ନୂଆ ଇତିହାସ ରଚିଛନ୍ତି। ଆମେରିକାରେ ଦୀର୍ଘ ଦଶନ୍ଧି ଧରି ରହିବା ଏବଂ ସେଠାକାର ନାଗରିକତା ପାଇବା ପରେ ମଧ୍ୟ ୯୪ ବର୍ଷୀୟା କୋଣ୍ଡ୍ରାଗୁଣ୍ଟା ମହାଲକ୍ଷ୍ମମ୍ମାଙ୍କ ମନରୁ ଭାରତୀୟ ମାଟିର ସୁଗନ୍ଧ କେବେ ହେଲେ କମି ନଥିଲା।

ତାଙ୍କର ଗୋଟିଏ ଜିଦ୍ ଥିଲା – 'ମୁଁ ମୋର ଶେଷ ନିଶ୍ୱାସ ଭାରତର ମାଟିରେ ହିଁ ନେବି।' ସେ କହିଥିଲେ ଯେ ତାଙ୍କର ଶେଷ ଇଚ୍ଛା ତାଙ୍କ ମାତୃଭୂମିରେ ତାଙ୍କର ଶେଷ ଦିନ ବିତାଇବା ଏବଂ ତାଙ୍କ ପୈତୃକ ଗାଁରେ ତାଙ୍କର ଅନ୍ତିମ ସଂସ୍କାର କରାଯିବା । ଆନ୍ଧ୍ରପ୍ରଦେଶର ବାପତଲା ଜିଲ୍ଲାରୁ ଏପରି ଏକ ହୃଦୟସ୍ପର୍ଶୀ କାହାଣୀ ସାମ୍ନାକୁ ଆସିଛି। ତେବେ ତାଙ୍କର ଆମେରିକୀୟ ନାଗରିକତା ପରିତ୍ୟାଗ କରି ଏକ ଦୀର୍ଘକାଳୀନ ଇଚ୍ଛା ପୂରଣ କରିବା ପାଇଁ ପୁଣି ଥରେ ଭାରତୀୟ ନାଗରିକ ହେଲେ । ଏହି ଘଟଣାଟି କେବଳ ଏକ ଖବର ନୁହେଁ, ବରଂ ମାତୃଭୂମି ଏବଂ ନିଜ ଦେଶ ପ୍ରତି ଥିବା ଅତୁଟ ବିଶ୍ୱାସ, ଭଲପାଇବା, ଶ୍ରଦ୍ଧାର ଏକ ବଡ଼ ପ୍ରମାଣ । ସୂଚନାମୁତାବକ ମହାଲକ୍ଷ୍ମମ୍ମାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ, ସେ ତାଙ୍କ ପୁଅ ସହିତ ଆମେରିକା ଚାଲିଗଲେ।



ସେଠାରେ ସେ ଆମେରିକୀୟ ନାଗରିକତା ମଧ୍ୟ ହାସଲ କଲେ । ତଥାପି, ବିଦେଶରେ ବହୁ ବର୍ଷ ବିତାଇବା ସତ୍ତ୍ୱେ, ତାଙ୍କ ହୃଦୟ ସର୍ବଦା ଝୁରୁଥିଲା ଜନ୍ମ ମାଟିକୁ ।

ଆମେରିକାରେ ସମସ୍ତ ପ୍ରକାର ଆଧୁନିକ ସୁବିଧା ସୁଯୋଗ ଏବଂ ସୁଖ ସ୍ୱାଚ୍ଛନ୍ଦ୍ୟରେ ରହୁଥିଲେ ମହାଲକ୍ଷ୍ମମ୍ମା। ତଥାପି ଦୁନିଆର ଯେଉଁ କୋଣରେ ରହିଲେ ମଧ୍ୟ ନିଜ ମାଟିର ଆତ୍ମୀୟତା କେଉଁଠି ମିଳିବ ନାହିଁ। ସେଥିପାଇଁ ତ ଦୌଡ଼ୁ ଆସୁଛନ୍ତି ନିଜ ଦେଶ, ନିଜ ଜନ୍ମ ମାଟିକୁ । ଆବଶ୍ୟକୀୟ ଆଇନଗତ ପ୍ରକ୍ରିୟା ସମାପ୍ତ କରିବା ପରେ ପ୍ରଶାସନ ମହାଲକ୍ଷ୍ମମ୍ମାଙ୍କ ଆବେଦନକୁ ମଞ୍ଜୁର କରିଥିଲା। ଜୁନ୍ ୨୪ ତାରିଖରେ, ବାପତଲା କଲେକ୍ଟରେଟ୍‌ରେ ଆୟୋଜିତ ଏକ ସମାରୋହରେ, ଜିଲ୍ଲା କଲେକ୍ଟର ତାଙ୍କୁ ନିଷ୍ଠାର ଶପଥ ପାଠ କରାଇଥିଲେ ଏବଂ ତାଙ୍କର ଭାରତୀୟ ନାଗରିକତା ନିଶ୍ଚିତ କରୁଥିବା କାଗଜପତ୍ର ପ୍ରଦାନ କରିଥିଲେ।

ଭାରତୀୟ ନାଗରିକତା ପୁଣି ଥରେ ମିଳିବା ପରେ ମହାଲକ୍ଷ୍ମମ୍ମା ଖୁସିରେ ଆତ୍ମବିଭୋର ହୋଇଥିଲେ। ତାଙ୍କ ପାଇଁ ଏହା କେବଳ ଏକ ଆଇନ୍ ?ଗତ ପ୍ରକ୍ରିୟା ନଥିଲା ବରଂ ନିଜ ମାଟି ଏବଂ ନିଜ ମୂଳ ସହିତ ପୁଣି ଥରେ ଯୋଡି ହେବାର ଭାବାତ୍ମକ ମୁହୂର୍ତ୍ତ ଥିଲା । ସୋସିଆଲ ମିଡିଆରେ ମହାଲକ୍ଷ୍ମମ୍ମାଙ୍କ ଏହି ଖବର ପ୍ରସାରିତ ହେବା ପରେ ଲୋକମାନେ ତାଙ୍କୁ ଭୂୟସୀ ପ୍ରଶଂସା କରୁଛନ୍ତି। ଜଣେ ବୃଦ୍ଧାଙ୍କର ଏହି ନିଷ୍ଠା ଦର୍ଶାଉଛି ଯେ ଭାରତ କେବଳ ଏକ ଭୌଗୋଳିକ ଭୂଖଣ୍ଡ ନୁହେଁ, ବରଂ ଏହା କୋଟି କୋଟି ଲୋକଙ୍କ ଆବେଗ ଏବଂ ଭାବନା ସହିତ ଜଡ଼ିତ। ଭାରତ ସରକାର ମଧ୍ୟ ବିଦେଶରେ ରହୁଥିବା ଭାରତୀୟ ବଂଶୋଦ୍ଭବମାନଙ୍କୁ ନିଜ ଦେଶ ସହ ଯୋଡ଼ିବା ପାଇଁ ଅନେକ ସୁବିଧା ପ୍ରଦାନ କରୁଛନ୍ତି, ଯାହା ଫଳରେ କାମହାଲକ୍ଷ୍ମମ୍ମାଙ୍କ ଭଳି ଅନେକ ବ୍ୟକ୍ତି ନିଜ ମାଟିକୁ ଫେରିବାକୁ ସାହସ ଜୁଟାଇ ପାରୁଛନ୍ତି।

# ତାପ ବଢ଼ିଲେ ଧାନ କମିବ: ୧ ଡିଗ୍ରୀରେ ୬.୬ପ୍ରତିଶତ ହ୍ରାସ

ଭାରତରେ ପ୍ରତି ତିନିଜଣ ଲୋକଙ୍କ ମଧ୍ୟରୁ ଦୁଇଜଣ ସବୁଦିନ ଭାତ ଖାଆନ୍ତି। ପ୍ରକାରାନ୍ତରେ କହିଲେ ଦେଶର ଦୁଇ-ତୃତୀୟାଂଶ ଲୋକଙ୍କର ପ୍ରଧାନ ଖାଦ୍ୟ ହେଉଛି ଭାତ। କିନ୍ତୁ, ସମ୍ପ୍ରତି ଏକ ନୂତନ ଗବେଷଣାରୁ ଜଣାପଡ଼ିଛି ଯେ ବୈଶ୍ୱିକ ତାପମାତ୍ରା ବୃଦ୍ଧି ଭାରତରେ ଧାନ ଉତ୍ପାଦନ ହ୍ରାସ କରାଇପାରେ। 'ସାଇନ୍ସ ଆଡ୍‌ଭାନ୍ସେସ୍' ଜର୍ଣ୍ଣାଲ୍‌ରେ ପ୍ରକାଶିତ ଉପରୋକ୍ତ ଗବେଷଣା ଦର୍ଶାଉଛି ଯେ ବେ?ଶ୍ୱିକ ତାପମାତ୍ରା ୧ ଡିଗ୍ରି ସେଲ୍‌ସିୟସ୍ ବୃଦ୍ଧି ପାଇଲେ ଭାରତରେ ଧାନ ଉତ୍ପାଦନ ୬.୬ ପ୍ରତିଶତ ହ୍ରାସ ପାଇପାରେ। ପୋଷ୍ଟଡାମ୍ ଇନ୍‌ଷ୍ଟିଚ୍ୟୁଟ୍ ଫର କ୍ଲାଇମେଟ୍ ଇମ୍ପାକ୍ଟ ରିସର୍ଚ୍ଚ ସହାୟତା ଏବଂ ହେଲ୍‌ମୋଜ୍ ସେଣ୍ଟର ଫର ଏନ୍‌ଭାଇରନ୍‌ମେଣ୍ଟାଲ୍ ରିସର୍ଚ୍ଚ ନେତୃତ୍ୱରେ ସାତଟି ଶସ୍ୟ ମଡେଲ୍ ଉପରେ ଆଧାରକରି ସମାହିତ ଉକ୍ତ ଗବେଷଣା ପ୍ରକ୍ରିୟାରେ ଧାନଚାଷ କରାଯାଉଥିବା ୨୧୪ଟି ଅଞ୍ଚଳରେ ରିୟଲ୍-ୱାର୍ଲଡ୍ ଫିଲ୍‌ଡ୍-ୱାର୍ମିଙ୍ଗ୍ ପର୍ଯ୍ୟବେକ୍ଷଣ କରାଯାଇଥିଲା।

ଗବେଷଣା ଫଳାଫଳରୁ ଜଣାପଡ଼ିଛି ଯେ ପୂର୍ବରୁ ଯେତିକି ଆକଳନ କରାଯାଇଥିଲା ଏବେ ତା'ଠାରୁ ଅଧିକ ତାପମାତ୍ରା ଅନୁଭୂତ ହେବାରୁ ଧାନ ଉତ୍ପାଦନର ପରିମାଣ ହ୍ରାସ ପାଉଛି। ଗବେଷକମାନଙ୍କ ନୂତନ ମଡେଲ୍ ଦର୍ଶାଉଛି ଯେ ବୈଶ୍ୱିକ ତାପମାତ୍ରା ୧ ଡିଗ୍ରି ସେଲ୍‌ସିୟସ୍ ବୃଦ୍ଧି ପାଇଲେ ଯେତେ ପରିମାଣର ଧାନ ଉତ୍ପାଦନ ହ୍ରାସ ପାଉଛି ବୋଲି ମନେକରାଯାଉଥିଲା, ତାହା ଭୁଲ୍ ପ୍ରମାଣିତ ହୋଇଛି। ନୂତନ ମଡେଲ୍‌ରୁ ଜଣାପଡ଼ିଛି ଯେ ଏବେ ପୂର୍ବାପେକ୍ଷା ଧାନ ଉତ୍ପାଦନ ତିନିଗୁଣ ହ୍ରାସ ପାଉଛି। ଗବେଷଣାରୁ ଆହୁରି ମଧ୍ୟ ଜଣାପଡ଼ିଛି ଯେ ଧାନଗଛ ଶସ୍ୟ ଧାରଣ ସମୟରେ ତାପମାତ୍ରା ୩୦ ଡିଗ୍ରି ସେଲ୍‌ସିୟସ୍ ରହିଲେ



ଧାନ ଉତ୍ପାଦନ ହ୍ରାସ ପାଇବାର ଆଶଙ୍କା ରହୁଛି। ପର୍ଯ୍ୟବେକ୍ଷଣ କରାଯାଇଥିବା ଅଞ୍ଚଳର ୭୦ ପ୍ରତିଶତରୁ ଅଧିକ ସ୍ଥାନରେ ମାତ୍ରାଧିକ ତାପମାତ୍ରା ହିଁ ଧାନ ଉତ୍ପାଦନର ଧାରାରେ ପରିବର୍ତ୍ତନ ଆଣିଛି।

ଖାଦ୍ୟ ଉତ୍ପାଦନ ଉପରେ ବର୍ଦ୍ଧିଷ୍ଣୁ ତାପମାତ୍ରା ଯେଉଳି ପ୍ରତିକୂଳ ପ୍ରଭାବ ପକାଉଛି ତାହା ଦୁଶ୍ଚିନ୍ତା ବୃଦ୍ଧି କରୁଛି। 'ନେଚର ଫୁଡ୍' ଜର୍ଣ୍ଣାଲ୍‌ରେ ପ୍ରକାଶିତ ଏକ ବୈଶ୍ୱିକ ବିଶ୍ଳେଷଣ ସତର୍କ କରାଇ ଦେଇଥିଲା ଯେ ବିଷୁବ-ରୈଖୀୟ ଅଞ୍ଚଳରେ ବିଶ୍ୱ ତାପନ ୧.୫ ଡିଗ୍ରି ସେଲ୍‌ସିୟସ୍ ଅତିକ୍ରମ କରୁଥିବାରୁ ଶସ୍ୟ ଉତ୍ପାଦନ ଅନ୍ୟୂନ ଅଧା ହ୍ରାସ ପାଇବ। ବୈଶ୍ୱିକ ତାପନ ଯୋଗୁଁ ହେଉଥିବା ଧାନ ଅମଳ ସଂକ୍ରାନ୍ତରେ ଏହି ଗବେଷଣା ଅଞ୍ଚଳଓ୍ୱାରି ଆକଳନ ବି କରିଛି। ତାପମାତ୍ରା ଯୋଗୁଁ ଧାନ ଅମଳ ପ୍ରଭାବିତ ହେଉଥିବା ପ୍ରମୁଖ ଅଞ୍ଚଳ ହେଉଛି ଦକ୍ଷିଣ ଏବଂ ଦକ୍ଷିଣପୂର୍ବ ଏସିଆ। ପାକିସ୍ତାନ, ଭାରତ ଓ ବାଂଲାଦେଶରେ ଧାନ ଉତ୍ପାଦନ ହ୍ରାସ ୨.୧ ପ୍ରତିଶତରୁ ଏବେ ୬.୬ ପ୍ରତିଶତକୁ ବୃଦ୍ଧି ପାଇବାର ଆଶଙ୍କା ରହିଛି। ସେହିପରି, ଥାଇଲାଣ୍ଡ, ଫିଲିଫାଇନ୍‌ସ୍ ଓ ମ୍ୟାନମାରରେ ମଧ୍ୟ ଧାନ ଉତ୍ପାଦନ କ୍ଷୟ ୩.୭ରୁ ୭.୭କୁ ବୃଦ୍ଧି ପାଇଛି। ହେଲ୍‌ମୋଜ୍ ସେଣ୍ଟର ଫର ଏନ୍‌ଭାଇରନ୍‌ମେଣ୍ଟାଲ୍ ରିସର୍ଚ୍ଚ କରିଥିବା ଗବେଷଣାର ମୁଖ୍ୟ ୱିୱେଇ ଜିଆନ୍ କହନ୍ତି- ଧାନ ଧାରଣ ଅବସ୍ଥାରେ ଅନେକ ସାମ୍ପ୍ରତିକ ଶସ୍ୟ ମଡେଲ୍ ଉତ୍ତାପଜନିତ ଯଥାଯଥ କ୍ଷୟ ଧରିପାରୁ ନ ଥିବାରୁ ପର୍ଯ୍ୟବେକ୍ଷଣ ଏବଂ ମଡେଲ୍‌ଗୁଡ଼ିକ ମଧ୍ୟରେ ତଫାତ୍ ରହୁଛି। କିନ୍ତୁ, ନିକଟରେ ସମାହିତ ଗବେଷଣା ଏ ସଂକ୍ରାନ୍ତରେ ଠିକ୍ କ୍ଷୟ ପରିମାଣ ଦର୍ଶାଉଛି। ବିଶେଷକରି, ଥୋର ବାହାରି ଧାନରେ କ୍ଷୀର ହେଲାବେଳେ ବା ଚାଉଳ ବିକଶିତ ହେଲା ବେଳେ ଅଧିକ ତାପମାତ୍ରା ଯୋଗୁଁ କିଭଳି ଉତ୍ପାଦନ ହ୍ରାସ ପାଉଛି, ଗବେଷଣା ଠିକ୍ ତାହା ହିଁ ଦର୍ଶାଉଛି।

ଖାଦ୍ୟ ଉତ୍ପାଦନ ଉପରେ ବର୍ଦ୍ଧିଷ୍ଣୁ ତାପମାତ୍ରା ଯେଭଳି ପ୍ରତିକୂଳ ପ୍ରଭାବ ପକାଉଛି ତାହା ଦୁଶ୍ଚିନ୍ତା ବୃଦ୍ଧି କରୁଛି। ମାର୍ଚ୍ଚ ମାସେ ?ର 'ନେଚର ଫୁଡ୍‌ର' ଜର୍ଣ୍ଣାଲ୍‌ରେ ପ୍ରକାଶିତ ଏକ ବୈଶ୍ୱିକ ବିଶ୍ଳେଷଣ ସତର୍କ କରାଇ ଦେଇଥିଲା ଯେ ବିଷୁବ-ରେଖୀୟ ଅଞ୍ଚଳରେ ବିଶ୍ୱ ତାପନ ୧.୫ ଡିଗ୍ରି ସେଲ୍‌ସିୟସ୍ ଅତିକ୍ରମ କରୁଥିବାରୁ ଶସ୍ୟ ଉତ୍ପାଦନ ଅନ୍ୟୂନ ଅଧା ହ୍ରାସ ପାଇବ। ତା'ଛଡ଼ା, ଶସ୍ୟ ଉତ୍ପାଦନ ନିମନ୍ତେ ଜଳବାୟୁ ଅବସ୍ଥା ମଧ୍ୟ କ୍ରମେ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରୁଛି। ଏହି ସଦ୍ୟତମ ଗବେଷଣା ଭାରତ ନିମନ୍ତେ ଆଉ ଏକ ସତର୍କ ସୂଚନା ମଧ୍ୟ ଦେଉଛି। ଆଜିକାଲିକା ମାତ୍ରାଧିକ ଉତ୍ତପ୍ତ ଦିନଗୁଡ଼ିକରେ ବିଶେଷକରି ଧାନ ଓ ଗହମ ଗଛ ଶୁଖି ରୁଗ୍ଣ ହୋଇଯାଉଛି। କେବଳ ଏତିକି ନୁହେଁ, ବାଜରା ଓ ମକା ଉତ୍ପାଦନ ବି ଅତି ତାପମାତ୍ରା ଯୋଗୁଁ ହ୍ରାସ ପାଉଛି।

## ପରିବେଶ ଯୋଦ୍ଧା ସୁନୀତା

ବ୍ରହ୍ମପୁରର ସୁନୀତା ନାୟକ। ପେସାରେ ଶିକ୍ଷୟିତ୍ରୀ ହୋଇଥିଲେ ମଧ୍ୟ ସେ କେବଳ ଶ୍ରେଣୀଗୃହ ମଧ୍ୟରେ ନିଜ କର୍ତ୍ତବ୍ୟକୁ ସୀମିତ ରଖିନାହାନ୍ତି। ବରଂ ଶିକ୍ଷା, ସମାଜସେବା ଓ ପରିବେଶ ସୁରକ୍ଷା ପ୍ରତି ତାଙ୍କର ଅଦମ୍ୟ ନିଷ୍ଠା ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି। ୨୦୨୧ ମସିହାରୁ ସରକାରୀ ଶିକ୍ଷୟିତ୍ରୀ ଭାବେ ନିଜ କର୍ତ୍ତବ୍ୟ ପାଳନ ସହ ସୁନୀତା ସମାଜସେବା ଓ ପରିବେଶ ସୁରକ୍ଷାକୁ ନିଜ ଜୀବନର ଏକ ଅଭିନ୍ନ ଅଂଶ କରିନେଇଛନ୍ତି। ସେ ବିଶ୍ୱାସ କରନ୍ତି ଯେ, ଜଣେ ଶିକ୍ଷକଙ୍କ ଦାୟିତ୍ୱ କେବଳ ଶ୍ରେଣୀଗୃହରେ ପାଠ ପଢ଼ାଇବାରେ ସୀମିତ ନୁହେଁ;



ବରଂ ସମାଜକୁ ଠିକ୍ ଦିଗ ଦେଖାଇବା, ମାନବିକ ମୂଲ୍ୟବୋଧ ଜାଗ୍ରତ କରିବା ଏବଂ ସକାରାତ୍ମକ ପରିବର୍ତ୍ତନର ବାର୍ତ୍ତା ବହନ କରିବା ମଧ୍ୟ ତାଙ୍କର କର୍ତ୍ତବ୍ୟ। ଏହି ଆଦର୍ଶକୁ ସାମ୍ନାରେ ରଖି ସେ ବ୍ରହ୍ମପୁରର ବିଭିନ୍ନ ବସ୍ତି ଅଞ୍ଚଳରେ ପହଞ୍ଚି ଆର୍ଥିକ ଭାବେ ଦୁର୍ବଳ ପିଲାମାନଙ୍କୁ ନିଶୁଳ୍କ ଶିକ୍ଷାଦାନ କରୁଛନ୍ତି। ସେମାନଙ୍କ ଅଭିଭାବକଙ୍କୁ ମଧ୍ୟ ଶିକ୍ଷାର ଗୁରୁତ୍ୱ ବୁଝାଇବା ପାଇଁ ଘରେ ଘରେ ଯାଇ ସଚେତନ କରୁଛନ୍ତି। ଏହା ବ୍ୟତୀତ ବସ୍ତି ଅଞ୍ଚଳରେ ଲୋକମାନଙ୍କୁ ଏକାଠି କରି ବୃକ୍ଷରୋପଣ ଓ ସଫେଇ କାର୍ଯ୍ୟକ୍ରମ ମଧ୍ୟ କରନ୍ତି।

## ୯ ଲକ୍ଷ ଦରମା ଛାଡ଼ି ଗାଁରେ ଉଠାଇଲେ ଗୋବର

# ଆଜି ୮୦୦ କୋଟିର ବ୍ୟବସାୟ କରୁଛନ୍ତି ୨ଭାଇ !

ନୂଆଦିଲ୍ଲୀ : ଆମ ଦେଶରେ ପ୍ରାୟତଃ ଏକ କଥା ବହୁତ ସହଜରେ କୁହାଯାଏ ଯେ ଚାଷବାସ ହେଉଛି ଏକ କ୍ଷତିର ସୌଦା। ଗାଁର ଯୁବକ ହେଉନ୍ତୁ କିମ୍ବା ସହରର ଲୋକେ, ସମସ୍ତେ ଏହାହିଁ ମାନନ୍ତି ଯେ ମାଟିରେ କେବଳ ଝାଳ ବୁହେ, ଟଙ୍କା ନୁହେଁ। ଏହା ହେଉଛି ଦୁଇ ସମ୍ପର୍କୀୟ ଭାଇଙ୍କର ଏକ କାହାଣୀ, ଯେଉଁମାନେ ବ୍ୟାଙ୍କର ଲକ୍ଷାଧିକ ଟଙ୍କାର ଚାକିରିକୁ ଗୋଡ଼ରେ ଠେଲିଦେଇ ନିଜେ ୮୦୦ କୋଟି ଟଙ୍କାର ଏକ ସାମ୍ରାଜ୍ୟ ଠିଆ କରିଛନ୍ତି। ଯେଉଁମାନଙ୍କୁ ଆଜି ଦୁନିଆ 'ଟୁ ବ୍ରଦର୍ସ ଅର୍ଗାନିକ ଫାର୍ମସ' (Two Brothers Organic Farms) ନାମରେ ଜାଣେ।



କାହାଣୀଟି ଆରମ୍ଭ ହୁଏ ମହାରାଷ୍ଟ୍ରର ଏକ ଛୋଟ ଗାଁ 'ଭୋଡନୀ'ରୁ। ଉଭୟଙ୍କ ପିତା ଗତ ୪୦ ବର୍ଷ ଧରି ଚାଷବାସ କରିଆସୁଥିଲେ। ସେମାନେ ନିଜ ଜୀବନର ପାଏ ପାଏ ଯୋଡ଼ି ଉଭୟ ପୁଅଙ୍କୁ ବୋର୍ଡିଂ ସ୍କୁଲ ପଠାଇଥିଲେ ଏବଂ ଏମବିଏ କରାଇଥିଲେ। ଉଭୟ ଭାଇଙ୍କର ବଡ଼ ବଡ଼ ସହରରେ ଚମତ୍କାର ଚାକିରି ଲାଗିଯାଇଥିଲା। ଏସି କୋଠରୀ, ଗାଡ଼ି, ପ୍ରତି ମାସରେ ଆକାଉଣ୍ଟକୁ ଆସୁଥିବା ମୋଟା ଦରମା ଜୀବନରେ ସବୁକିଛି ସେଟ୍ ଥିଲା।

କିନ୍ତୁ ଯେତେବେଳେ ଏହି ଦୁଇ ଭାଇ ଦିୱାଲୀ ଛୁଟିରେ ଗାଁକୁ ଆସୁଥିଲେ, ସେତେବେଳେ ସେମାନଙ୍କର ସେଠାରୁ ଫେରିବାକୁ ମନ ହେଉ ନଥିଲା। ସାନ ଭାଇ ଅଜିଙ୍କ୍ୟ ଦିନେ ହଠାତ୍ ଏକ ବଡ଼ ନିଷ୍ପତ୍ତି ନେଲେ" ମୁଁ ଏହି ଚାକିରି କରିବି ନାହିଁ, ମୁଁ ଗାଁକୁ ଯାଇ ଚାଷବାସ କରିବି।" ତା'ର ଏକ ବର୍ଷ ପରେ ବଡ଼ ଭାଇ ସତ୍ୟଜିତ୍ ମଧ୍ୟ ଇସ୍ତଫା ଦେଇଦେଲେ। ଉଭୟ ଭାଇ ଗାଁକୁ ଫେରିଆସିଲେ।

ଦାମ ଏତିକି ହିଁ ମିଳିବ। ଟ୍ରକର ଫସଲ ବିକ୍ରି କରି ହାତକୁ ଆସିଥିଲା ମାତ୍ର ୧୦,୦୦୦ ଟଙ୍କା।

ଘରକୁ ଫେରିବାବେଳକୁ ବ୍ୟାଙ୍କ ବାଲାନ୍ସ ଖାଲି ହୋଇସାରିଥିଲା। ସହରରୁ ଅଣାଯାଇଥିବା ୮ ଲକ୍ଷ ଟଙ୍କା ସରିଯାଇଥିଲା। ବାପା ସ୍ପଷ୍ଟ ଭାବରେ କହିଦେଲେ, "ମୁଁ ଜୀବନସାରା ଚାଷ କରିଛି, ଏଥିରେ କୌଣସି ଇଜ୍ଜତ ନାହିଁ, କୌଣସି ଟଙ୍କା ନାହିଁ। ତୁମେମାନେ ଏକ ବଡ଼ ଭୁଲ କରୁଛ।" ଗାଁର ଲୋକମାନେ ମଧ୍ୟ ପଛରେ ନଥିଲେ। କଟାକ୍ଷ କରି କହିଲେ, "ବଡ଼ ବଡ଼ କଥା କହିବାକୁ ସହରରୁ ଆସିଥିଲେ। ରାସାୟନିକ ସାର ବନ୍ଦ କରି ଜୈବିକ ଚାଷ କରୁଥିଲେ। ଦେଖିଲ ତ, ଟ୍ରକ ବିକ୍ରି କରି କେବଳ ୧୦ ହଜାର ଆଣିଲେ। ଜମି ବିକିଦିଅ ଏବଂ ଚାକିରି କରିନିଅ।"

କିନ୍ତୁ ଏହି ଦୁଇ ଭାଇ ହାର ମାନିବାକୁ ସମ୍ପୂର୍ଣ୍ଣ ମନା କରିଦେଲେ। ସେମାନେ ଫିଲିପ କଟଲରଙ୍କ ମାର୍କେଟିଂ ନିୟମକୁ ମନେ ପକାଇଲେ ଏବଂ ବୁଝିଗଲେ ଯେ ସେମାନଙ୍କୁ ଏକ ନାମ, ଏକ ବ୍ରାଣ୍ଡର ଆବଶ୍ୟକତା ଅଛି। ଏହି ଆକାଂକ୍ଷାରୁ ଜନ୍ମ ନେଲା 'ଟୁ ବ୍ରଦର୍ସ ଅର୍ଗାନିକ ଫାର୍ମସ'।

ସେମାନେ ବୁଝିଗଲେ ଯେ କେବଳ ଫଳ-ପନିପରିବା

**ଉଭୟ ଭାଇ ଦେଖିଲେ ଯେ ଜମିରେ ବିଷ (ରାସାୟନିକ ଏବଂ କୀଟନାଶକ) ମିଶାଯାଉଛି, ଯାହା ଫଳରେ ଜମିର ଉର୍ବରତା କମିଯାଉଛି। ସେମାନେ ଦୃଢ଼ ପ୍ରତିଜ୍ଞା କଲେ ଯେ ସେମାନେ କେବଳ ଜୈବିକ (ଡକ୍ସଶବଭସମ) ଚାଷ କରିବେ। ସେମାନେ ଦେଶୀ ଗାଈ ଆଣିଲେ, ଗୋବର ଏବଂ ଗୋମୂତ୍ରରୁ ସାର ପ୍ରସ୍ତୁତ କଲେ। ଦିନରାତି ମାଟିକୁ ଭଲ ପାଇଲେ, ଗୋବର ଉଠାଇଲେ। ଏସି ଅଫିସରେ ସେମାନଙ୍କୁ ଯେଉଁ ଖୁସି ମିଳି ନଥିଲା, ସେହି ଖୁସି ଏହି ଗୋବର-ମାଟିରେ ମିଳୁଥିଲା।**

ଗାଁରେ ହାହାକାର ପଡ଼ିଗଲା। ଲୋକମାନେ କହିବାକୁ ଲାଗିଲେ, "ପାଠ ପଢ଼ି ପଢ଼ି ମୁଣ୍ଡ ଖରାପ ହୋଇଯାଇଛି। ଏତେ ବଡ଼ ଚାକିରି ଛାଡ଼ି ମଇଁଷି ଚରାଇବାକୁ ଚାଲି ଆସିଛନ୍ତି।" ମାତାପିତା ମଧ୍ୟ ଚିନ୍ତାରେ ଥିଲେ ଯେ ପୁଅମାନେ ଜୀବନକୁ ବାଜି ଲଗାଇ ଦେଇଛନ୍ତି।

ଉଭୟ ଭାଇ ଦେଖିଲେ ଯେ ଜମିରେ ବିଷ (ରାସାୟନିକ ଏବଂ କୀଟନାଶକ) ମିଶାଯାଉଛି, ଯାହା ଫଳରେ ଜମିର ଉର୍ବରତା କମିଯାଉଛି। ସେମାନେ ଦୃଢ଼ ପ୍ରତିଜ୍ଞା କଲେ ଯେ ସେମାନେ କେବଳ ଜୈବିକ (ଡକ୍ସ-ଶବଭସମ) ଚାଷ କରିବେ। ସେମାନେ ଦେଶୀ ଗାଈ ଆଣିଲେ, ଗୋବର ଏବଂ ଗୋମୂତ୍ରରୁ ସାର ପ୍ରସ୍ତୁତ କଲେ। ଦିନରାତି ମାଟିକୁ ଭଲ ପାଇଲେ, ଗୋବର ଉଠାଇଲେ। ଏସି ଅଫିସରେ ସେମାନଙ୍କୁ ଯେଉଁ ଖୁସି ମିଳି ନଥିଲା, ସେହି ଖୁସି ଏହି ଗୋବର-ମାଟିରେ ମିଳୁଥିଲା।

ତିନି ବର୍ଷର ହାଡ଼ଭଙ୍ଗା ପରିଶ୍ରମ ପରେ ଅମୃତଭଣ୍ଡାର ପ୍ରଥମ ଫସଲ ପ୍ରସ୍ତୁତ କଲେ। ଫଳଗୁଡ଼ିକ ବହୁତ ମିଠା ଥିଲା, କିନ୍ତୁ କୌଣସି ରାସାୟନିକ ପଦାର୍ଥ ନଥିବାରୁ ସେଗୁଡ଼ିକ ଉପରେ କିଛି ଦାଗ ଥିଲା। ଉଭୟ ଭାଇ ବଡ଼ ଆଗ୍ରହର ସହ ଏକ ପୂର୍ଣ୍ଣ ଟ୍ରକ ଭର୍ତ୍ତି କରି ସକାଳ ୪ଟା ସମୟରେ ମଣ୍ଡିରେ ପହଞ୍ଚିଲେ।

ସେଠାରେ ଯାହା ଘଟିଲା, ତାହା ସେମାନଙ୍କ ହୋସ ଉଡ଼ାଇ ଦେଲା। ବେପାରୀ କେବଳ ୪ ଟଙ୍କା କିଲୋରେ ନେଲା। ସତ୍ୟଜିତ୍ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, "ଏତେ ବଢ଼ିଆ, ବିଷହୀନ ଫଳ, ଏହି ଦାମ କାହିଁକି ?" ବେପାରୀ ଜଣକ କହିଲେ, "ଗ୍ରାହକ ପ୍ରଥମେ ଆଖିରେ ଖାଏ, ତା'ପରେ ଜିଭରେ। ତୁମ ଫଳ ଦେଖିବାକୁ ଭଲ ନୁହେଁ,

ବିକ୍ରି କରିଲେ କାମ ଚଳିବ ନାହିଁ, କାରଣ ସେମାନଙ୍କ ପାଖରେ କୋଲ୍ଡ ଷ୍ଟୋରେଜ ପାଇଁ ଟଙ୍କା ନଥିଲା। ସେମାନେ ସେମାନଙ୍କ ମାଆଙ୍କୁ ପଚାରିଲେ ଯେ ଗାଁର ଏପରି କେଉଁ ଜିନିଷଗୁଡ଼ିକ ଅଛି ଯାହା ବର୍ଷସାରା ଖରାପ ହୁଏ ନାହିଁ? ମାଆ ରାସ୍ତା ଦେଖାଇଲେ ପାରମ୍ପରିକ ପଦ୍ଧତିରେ ପ୍ରସ୍ତୁତ 'ଦେଶୀ ଗାଈର ଘିଅ' ଏବଂ 'ଆଖୁ ଗୁଡ଼'।

ପ୍ରାରମ୍ଭରେ ମୁମ୍ବାଇର ଫ୍ଲାଏଓଭର ତଳେ ଫଳ ବିକ୍ରି କଲେ, ତା'ପରେ ମୁମ୍ବାଇର ଏକ ପ୍ରଦର୍ଶନୀରେ ଦୁଇଟି ଟେବୁଲ ଲଗାଇ ନିଜର ଘିଅ ଏବଂ ଗୁଡ଼ ବିକ୍ରି କରିବା ଆରମ୍ଭ କଲେ। ଲୋକମାନେ ଯେତେବେଳେ ସେମାନଙ୍କର କାହାଣୀ ଏବଂ ଶୁଦ୍ଧତା ସମ୍ପର୍କରେ ଜାଣିବାକୁ ପାଇଲେ, ସେତେବେଳେ ଧାଡ଼ି ଲାଗିଗଲା। ସେମାନେ ପ୍ରତି ଶନିବାର-ରବିବାର ୩୫୦ କିଲୋମିଟର ଗାଡ଼ି ଚଳାଇ ମୁମ୍ବାଇ ଆସୁଥିଲେ, ଦିନସାରା ଖରାରେ ଠିଆ ହୋଇ ଜିନିଷ ବିକ୍ରି କରୁଥିଲେ ଏବଂ ତା'ପରେ ରାତିରେ ଗାଁକୁ ଫେରି କ୍ଷେତରେ କାମ କରୁଥିଲେ। ଧୀରେ ଧୀରେ ସେମାନେ ନିଜର ୱେବସାଇଟ ଆରମ୍ଭ କଲେ। ତା'ପରେ ଯାହା ଘଟିଲା, ତାହା କୌଣସି ଚମତ୍କାରଠାରୁ କମ ନଥିଲା। ବାଙ୍ଗାଲୋର, ଦିଲ୍ଲୀ, ଲକ୍ଷ୍ନୌ ସମଗ୍ର ଦେଶରୁ ଅର୍ଡରର ବନ୍ୟା ଛୁଟିଗଲା।

ଯେଉଁ ବ୍ରାଣ୍ଡର ଶୁଭାରମ୍ଭ ଘରର ଚୁଲିରୁ ହୋଇଥିଲା, ଆଜି ଗାଁରେ ୬୦,୦୦୦ ବର୍ଗଫୁଟର ଏକ ବଡ଼ କାରଖାନା ଠିଆ ହୋଇଛି। ଯେଉଁ ଲୋକମାନେ କେବଳ କଟାକ୍ଷ କରୁଥିଲେ, ଆଜି ସେହିମାନଙ୍କୁ ଏହି ଦୁଇ ଭାଇ ରୋଜଗାର ଦେଉଛନ୍ତି। ପୁଣେ ଏବଂ ମୁମ୍ବାଇରେ ସେମାନଙ୍କର ଅଫିସ ରହିଛି।



## ୧୦ବର୍ଷର ସଂଘର୍ଷ ପରେ ଅଭିନୟ ଜଗତରେ ସ୍ୱତନ୍ତ୍ର ପରିଚୟ

# 'ସୁନା ଝିଅ'ରୁ ଘରେ ଘରେ ପରିଚିତ ସମ୍ଭବ ମାନସିଂ

**ନୟାଗଡ଼:** ସ୍ୱପ୍ନ ଦେଖିବା ସହଜ, କିନ୍ତୁ ସେହି ସ୍ୱପ୍ନକୁ ସାକାର କରିବା ପାଇଁ ଦୀର୍ଘ ଦଶ ବର୍ଷ ଧରି ନିଷ୍ଠା, ଧୈର୍ଯ୍ୟ ଓ କଠିନ ପରିଶ୍ରମ ଜାରି ରଖିବା ନିଶ୍ଚିତ ଭାବେ ଏକ ବଡ଼ ଚ୍ୟାଲେଞ୍ଜ। ଏହି ଚ୍ୟାଲେଞ୍ଜକୁ ସାହସର ସହ ଗ୍ରହଣ କରି ଓଡ଼ିଆ ଅଭିନୟ ଜଗତରେ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ଗଢ଼ି ପାରିଛନ୍ତି ନୟାଗଡ଼ର ପୁଅ ସମ୍ଭବ ମାନସିଂ।



ଅଭିନୟ ପ୍ରତି ପିଲାଦିନରୁ ଥିବା ଆକର୍ଷଣ ତାଙ୍କୁ ଟାଣି ଆଣିଥିଲା ମନୋରଞ୍ଜନ ଜଗତକୁ। ମ୍ୟୁଜିକ୍ ଭିଡିଓ ମାଧ୍ୟମରେ ସେ ନିଜର ଅଭିନୟ ଯାତ୍ରା ଆରମ୍ଭ କରିଥିଲେ। ଛୋଟ ପରିସରରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ଧୀରେଧୀରେ ତାଙ୍କୁ ନେଇଥିଲା ଟେଲିଭିଜନ୍ ଜଗତକୁ। ଏକ ଘରୋଇ ଚ୍ୟାନେଲର ଲୋକପ୍ରିୟ ଧାରାବାହିକ 'ସୁନା ଝିଅ'ରେ ତାଙ୍କର ଚମତ୍କାର ଅଭିନୟ ତାଙ୍କୁ ଓଡ଼ିଶାର ଘରେ ଘରେ ପରିଚିତ କରାଇଥିଲା। ଚରିତ୍ରକୁ ନିଜ ଅଭିନୟରେ ଜୀବନ୍ତ କରିବାର କଳା ଏବଂ ପରଦା ଉପରେ ନିଜର ସ୍ୱାଭାବିକ ଅଭିବ୍ୟକ୍ତି ତାଙ୍କୁ ଦର୍ଶକଙ୍କ ନିକଟରେ ଏକ ଭିନ୍ନ ପରିଚୟ ଦେଇଛି। ଟେଲିଭିଜନ୍ ପରଦାରେ ସଫଳତା ପରେ ସମ୍ଭବ ମାନସିଂଙ୍କ ପାଦ ପଡ଼ିଛି ରୂପେଲି ପରଦାରେ। ଓଡ଼ିଆ ଚଳଚ୍ଚିତ୍ର 'ମେମ୍ ସାହେବ୍'ରେ ମଧ୍ୟ ତାଙ୍କୁ ଅଭିନୟ କରୁଥିବା ଦେଖିବାକୁ ମିଳିଛି।

ତେବେ ଏହି ସଫଳତା ପଛରେ ରହିଛି ଦୀର୍ଘ ୧୦ ବର୍ଷର କଠିନ ସଂଘର୍ଷ, ନିଷ୍ଠା ଓ ଅକ୍ଳାନ୍ତ ପରିଶ୍ରମ। ଅନେକ ଉତ୍ଥାନ-ପତନ ଓ ଚ୍ୟାଲେଞ୍ଜକୁ ସାମ୍ନା କରି ମଧ୍ୟ ସେ ନିଜ ଲକ୍ଷ୍ୟରୁ କେବେ ବିଚ୍ୟୁତ ହୋଇନାହାନ୍ତି। ତାଙ୍କ ପାଇଁ ଅଭିନୟ କେବଳ ପେସା ନୁହେଁ, ବରଂ ଏକ ଭଲପାଇବା ଓ ନିଜକୁ ପ୍ରମାଣ କରିବାର ମାଧ୍ୟମ। ନୟାଗଡ଼ରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ଆଜି ତାଙ୍କୁ ଓଡ଼ିଶାର ଜଣେ ପରିଚିତ ଅଭିନେତା ଭାବେ ପରିଚୟ ଦେଇଛି। ଆଗାମୀ ଦିନରେ ଆହୁରି ଭଲ ଚରିତ୍ର ଓ ନୂଆ ନୂଆ ଭୂମିକାରେ ଦର୍ଶକଙ୍କ ମନ ଜିଣିବା ତାଙ୍କର ଲକ୍ଷ୍ୟ। ସଂଘର୍ଷରୁ ସଫଳତା ପର୍ଯ୍ୟନ୍ତ ସମ୍ଭବ ମାନସିଂଙ୍କ ଏହି ଯାତ୍ରା ନିଶ୍ଚିତ ଭାବେ ଅନେକ ଯୁବ ପ୍ରତିଭାଙ୍କ ପାଇଁ ଏକ ପ୍ରେରଣା।

*ତାଙ୍କର ଏହି ସଫଳତା ପଛରେ ରହିଛି ଦୀର୍ଘ ୧୦ ବର୍ଷର କଠିନ ସଂଘର୍ଷ, ନିଷ୍ଠା ଓ ଅକ୍ଳାନ୍ତ ପରିଶ୍ରମ। ଅନେକ ଉତ୍ଥାନ-ପତନ ଓ ଚ୍ୟାଲେଞ୍ଜକୁ ସାମ୍ନା କରି ମଧ୍ୟ ସେ ନିଜ ଲକ୍ଷ୍ୟରୁ କେବେ ବିଚ୍ୟୁତ ହୋଇନାହାନ୍ତି। ତାଙ୍କ ପାଇଁ ଅଭିନୟ କେବଳ ପେସା ନୁହେଁ, ବରଂ ଏକ ଭଲପାଇବା। ନୟାଗଡ଼ରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ଆଜି ତାଙ୍କୁ ଓଡ଼ିଶାର ଘରେ ଘରେ ଜଣେ ଅଭିନେତା ଭାବେ ପରିଚିତ କରାଇଛି।*

# ତିନିଟି ହଲିଉଡ୍ ଚଳଚ୍ଚିତ୍ର ସହ ଲଢ଼ିବ 'କିଙ୍ଗ୍'



ଶାହରୁଖ ଖାଁଙ୍କ ବହୁପ୍ରତୀକ୍ଷିତ ଆକ୍ସନ୍ ଚଳଚ୍ଚିତ୍ର 'କିଙ୍ଗ୍' ଡିସେମ୍ବର ୨୪ରେ ମୁକ୍ତିଲାଭ କରିବ ବୋଲି ଜାନୁଆରି ମାସରେ ଉନ୍ମୋଚିତ ପ୍ରୋମୋରୁ ଜଣାପଡ଼ିଥିଲା। ତେବେ ସେହି ସମୟରେ ଏକାଧିକ ହଲିଉଡ୍ ଚଳଚ୍ଚିତ୍ର ମୁକ୍ତିଲାଭ କରିବାର ଅଛି। ତେଣୁ ବ୍ୟାବସାୟିକ କ୍ଷତି ଆଶଙ୍କାରେ 'କିଙ୍ଗ୍'ର ମୁକ୍ତିଲାଭକୁ ଆସନ୍ତା ବର୍ଷକୁ ଘୁଞ୍ଚାଇ ଦିଆଯିବ ବୋଲି ଅନୁମାନ କରାଯାଉଥିଲା। କିନ୍ତୁ ବିଶ୍ୱସନୀୟ ସୂତ୍ରରୁ ଏବେ ଜାଣିବାକୁ ମିଳିଛି ଯେ ପୂର୍ବ ନିର୍ଦ୍ଧାରିତ ତାରିଖରେ ହିଁ 'କିଙ୍ଗ୍' ମୁକ୍ତିଲାଭ କରିବ। ତେଣୁ ଶାହରୁଖଙ୍କ ଏହି ଚଳଚ୍ଚିତ୍ର ଏକାବେଳେ ତିନି ତିନିଟି ବଡ଼ ହଲିଉଡ୍ ଚଳଚ୍ଚିତ୍ର ସହିତ ପ୍ରତିଯୋଗିତା କରିବ। ଡିସେମ୍ବର ୧୮ ତାରିଖରେ 'ମାର୍ଭେଲ୍ ସିନେମାଟିକ୍ ୟୁନିଭର୍ସ'ର 'ଆଭେଞ୍ଜର୍ସ: ଡୁମ୍ସଡେ' ଓ 'ଡ୍ୟୁନ୍: ପାର୍ଟ ଥ୍ରି' ମୁକ୍ତିଲାଭ କରିବାର ଅଛି। ସାରା ପୃଥିବୀରେ ଏ ଦୁଇଟିଯାକ ଚଳଚ୍ଚିତ୍ରର ଉତ୍ସର୍ଗୀକୃତ ପ୍ରଶଂସକ ଅଛନ୍ତି। ପୁଣି ଡିସେମ୍ବର ୨୫ରେ 'ଜୁମାନ୍‌ଜି: ଓପନ୍ ୱାର୍ଲଡ୍' ମୁକ୍ତିଲାଭ କରିବ। ପ୍ରେକ୍ଷାଳୟରେ ଏ ତିନିଟି ଯାକ ଚଳଚ୍ଚିତ୍ରର ଉପସ୍ଥିତି ସତ୍ତ୍ୱେ 'କିଙ୍ଗ' ଭଲ ବ୍ୟବସାୟ କରିବ ବୋଲି ବକ୍ସ ଅଫିସ୍ ବିଶେଷଜ୍ଞମାନେ କହୁଛନ୍ତି। ଏହାର କାରଣ ହେଲା ଷ୍ଟାର ପାୱାର ଓ ଘରୋଇ ବଜାରରେ ଏହାକୁ ନେଇ ଉତ୍କଣ୍ଠା। ବଲିଉଡ୍‌ର ସବୁଠାରୁ ବଡ଼ ତାରକା ଭାବେ ପରିଗଣିତ ଶାହରୁଖ ତିନି ବର୍ଷର ବ୍ୟବଧାନ ପରେ 'କିଙ୍ଗ୍' ଚଳଚ୍ଚିତ୍ରରେ ଦେଖା ଦେଉଥିବାରୁ ଏହା ଭାରତୀୟ ଦର୍ଶକଙ୍କ ପାଇଁ ସବୁଠାରୁ ଅଧିକ ଆକର୍ଷଣୀୟ ମନେ ହୋଇପାରେ। ତେବେ ପ୍ରେକ୍ଷାଳୟ ମାଲିକଙ୍କ ପାଇଁ ଏହି ସମୟ ଆହ୍ୱାନପୂର୍ଣ୍ଣ ହେବ ନିଶ୍ଚୟ, କାରଣ ପ୍ରତ୍ୟେକ ଡିଷ୍ଟ୍ରିବ୍ୟୁଟର୍ସ ଓ ଷ୍ଟୁଡିଓ ସେମାନଙ୍କ ଚଳଚ୍ଚିତ୍ରକୁ ସର୍ବାଧିକ ପରଦାରେ ପ୍ରଦର୍ଶିତ କରିବା ଲାଗି ପ୍ରତିଯୋଗିତା କରିବେ।

# ଗ୍ଲାସ୍‌ଗୋରେ ଚମକିଲେ ଭାରତୀୟ ନାରୀ, ଭାରତର ଦେଲେ ୧୩ ସ୍ୱର୍ଣ୍ଣ

ନୂଆଦିଲ୍ଲୀ: ଗ୍ଲାସଗୋରେ ଶେଷ ହୋଇଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା-୨୦୨୬ରେ ଭାରତୀୟ ନାରି ଶକ୍ତିର ବଡ଼ ବିଜୟ ହୋଇଛି। ଭାରତ ୧୩ ସ୍ୱର୍ଣ୍ଣ ପଦକ ଜିତଥିବାବେଳେ ସେଥି ମଧ୍ୟରୁ ୮ଟି ଭାରତୀୟ ମହିଳା ଖେଳାଳିଙ୍କୁ ମିଳିଛି। ଏହା ସେମାନେ ବିଭିନ୍ନ ଖେଳରୁ ହାସଲ କରିଥିବାରୁ ସାମଗ୍ରିକ ବିକାଶର ପ୍ରତିଫଳନ ଘଟିଛି। ଭାରୋତ୍ତୋଳନ, ପାରା ଆଥଲେଟିକ୍ସ, ଜୁଡ଼ୋ ଓ ବକ୍ସିଂରୁ ଏହି ସ୍ୱର୍ଣ୍ଣିମ ଅମଳ ହୋଇଛି। ଭାରତରେ ମହିଳା ଖେଳାଳିଙ୍କ କ୍ରୀଡ଼ା ଦକ୍ଷତା ଏବେ ବିଶ୍ୱ ଦରବାରରେ ବି ପ୍ରଦର୍ଶିତ ହୋଇଛି।

ଅଲିମ୍ପିକ୍ ରୌପ୍ୟ ପଦକ ବିଜୟିନୀ ମୀରାବାଈ ଚାନୁ ସାଇଖୋମ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୪ଟି ସଂସ୍କରଣରେ ପଦକ ଜିତିବା ଏବଂ ହ୍ୟାଟ୍ରିକ୍ ସ୍ୱର୍ଣ୍ଣ ପଦକ ପାଇବା ସବୁଠାରୁ ଉଲ୍ଲେଖନୀୟ ହୋଇଛି। ଶର୍ମିଳା ଧନକଡ଼ ପାରା ଆଥଲେଟିକ୍ସ ସଟ୍‌ପୁଟ୍ ଇଭେଣ୍ଟ୍‌ରେ ସ୍ୱର୍ଣ୍ଣପଦକ ହାସଲ କରି ସ୍ମରଣୀୟ ପଦାର୍ପଣ କରିଛନ୍ତି। ଜୁଡ଼ୋରେ ପ୍ରଥମ ଥର ସ୍ୱର୍ଣ୍ଣ ପଦକ ଜିତି ନୂଆ ଇତିହାସ ମଧ୍ୟ ଯୋଡ଼ିଛନ୍ତି ଭାରତୀୟ ଜୁଡ଼ୋକା ମାନେ। ଅସ୍ମିତା ଦେ ଏହି ଗୌରବକୁ ଆଗକୁ ବଢ଼ାଇଥିଲେ। ସେହିଭଳି ଭାରତୀୟ ମହିଳା ମୁଷ୍ଟିଯୋଦ୍ଧାମାନେ କିନ୍ତୁ ସମସ୍ତଙ୍କୁ ଟପିଯାଇଥିଲେ। ବକ୍ସିଂ ରିଙ୍ଗ୍‌ରେ କମାଲ କରିଥିବା ଭାରତୀୟମାନେ ୧୦ଟି ଫାଇନାଲ୍‌ରେ ପ୍ରବେଶ କରିଥିଲେ। ୭ ଜଣ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ୩ ଜଣ ରୌପ୍ୟ ପଦକ ହାସଲ କରିଥିଲେ। ୭ଟି ସ୍ୱର୍ଣ୍ଣ ମଧ୍ୟରୁ ଦେଶ ମଧ୍ୟ ୫ଟି ମହିଳାଙ୍କଠାରୁ ପାଇଥିଲା। ସାକ୍ଷୀ ଚୌଧୁରୀ, ପ୍ରୀତି ପାୱାର, ଜସ୍ମିନ ଲାମ୍ବୋରିଆ, ପ୍ରୀୟା ଘଙ୍ଗାସ, ଅରୁନ୍ଧତି ଚୌଧୁରୀ ଏହି ଗୌରବର ଅଧିକାରିଣୀ ହୋଇଥିଲେ।



ଭାରତୀୟ ଅଲିମ୍ପିକ୍ ଆସୋସିଏସନ୍‌ର ସଭାପତି ପିଟି ଉଷା, ଯିଏକି ନିଜେ ଜଣେ ମହାନ କ୍ରୀଡ଼ାବିତ୍ ଏହି ସଫଳତାକୁ ଉଚ୍ଚ ପ୍ରଶଂସା କରିଛନ୍ତି। ବର୍ଷ ବର୍ଷ ଧରି ଖେଳାଳିଙ୍କ ତ୍ୟାଗ ଓ ବିଶ୍ୱାସର ଏହା ଅସଲ ପ୍ରତିଫଳନ ବୋଲି ସେ କହିଛନ୍ତି। ୧୩ଟି ସ୍ୱର୍ଣ୍ଣ ପଦକରୁ ଭାରତୀୟ ମହିଳା ୮ଟି ଜିତିବା ମୋତେ ଗୌରବାନ୍ୱିତ କରିଛି। ପ୍ରତିଟି ପଦକ ସଙ୍କଳ୍ପର ପ୍ରତିବଦ୍ଧତାକୁ ଦର୍ଶାଇଛି। ଏହା ଅସଲରେ ଭାରତୀୟ ନାରି ଶକ୍ତିର ବିଜୟ ବୋଲି ପିଟି ଉଷା କହିଥିଲେ। ସାମଗ୍ରିକ ଭାବେ କିନ୍ତୁ ୩୯ ପଦକରୁ ଭାରତୀୟ ପୁରୁଷ ଅଧିକ ଜିତିଥିଲେ। ମହିଳାମାନେ ୮ ସ୍ୱର୍ଣ୍ଣ ପଦକ ଛଡ଼ା ୪ ଲେଖାଏଁ ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଥିଲେ। ପୁରୁଷମାନେ ୩୯ରୁ ୨୩ ପଦକ ଜିତିଥିଲେ। ବଡ଼ ଫରକ ଥିଲା ରୌପ୍ୟ ପଦକରେ। ୧୭ରୁ ୧୩ ରୌପ୍ୟ ଜିତିଛନ୍ତି ଭାରତୀୟ ପୁରୁଷ ଖେଳାଳି। ସେହିଭଳି ଖେଳ ଶୃଙ୍ଖଳା ଦୃଷ୍ଟିରୁ ଦେଖିଲେ ଦୌଡ଼କୁଦରୁ ସର୍ବାଧିକ ୧୬, ବକ୍ସିଂରୁ ୧୦, ଭାରୋତ୍ତୋଳନରୁ ୮ ପଦକ ମିଳିଛି। ଅର୍ଥାତ୍ ଭାରତ ମାତ୍ର ୩ ଖେଳରୁ ୩୪ ପଦକ ଜିତି ପ୍ରାଧାନ୍ୟ ବିସ୍ତାର କରିଥିଲା।

## ରାଜ୍ୟଗୋଷ୍ଠୀ କ୍ରୀଡ଼ା : ଚମକିଲେ ପାରା କ୍ରୀଡ଼ାବିତ୍



**ନୂଆଦିଲ୍ଲୀ:** କାହାର ଗୋଡ଼ ଛଡ଼ାଇ ନେଇଥିଲା ଲ୍ୟାଣ୍ଡମାଇନ୍ ତ କିଏ ଦୁର୍ଘଟଣାରେ ହରାଇଥିଲେ ଅଙ୍ଗ। କିଏ ଖେଳିବାର ସ୍ୱପ୍ନ ପୂରଣ ପାଇଁ ବିକ୍ରି କରିଥିଲେ ନିଜ ଅଟୋ ରିକ୍ସା ତ ଆଉ କିଏ ଗାଁର କଚ୍ଚା ରାସ୍ତାରୁ ଦୌଡ଼ି ଦୌଡ଼ି ପହଞ୍ଚିଥିଲେ ବିଶ୍ୱ ମଞ୍ଚରେ। ନିକଟରେ ଶେଷ ହୋଇଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୬ (ଗ୍ଲାସଗୋ କମନୱେଲଥ୍ ଗେମ୍ସ)ରେ ଭାରତୀୟ ପାରା ଖେଳାଳିଙ୍କ ସଫଳତା କେବଳ ପଦକର କାହାଣୀ ନୁହେଁ; ବରଂ ଏହା ସଂଘର୍ଷ, ଜିଦ୍ ଓ ଅଦମ୍ୟ ସାହସର ଅନୁଭୂତି। ଗ୍ଲାସ୍‌ଗୋରେ ଭାରତୀୟ ପାରା କ୍ରୀଡ଼ାବିତଙ୍କ ଐତିହାସିକ ପ୍ରଦର୍ଶନ କରିଛନ୍ତି। ୨୮ ଜଣିଆ ଭାରତୀୟ ଦଳ ଜିତିଛି ୭ଟି ପଦକ। ସେଥିରେ ରହିଛି ୩ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ୨ଟି କାଂସ୍ୟ । ସବୁଠୁ ବଡ଼ କଥା ହେଉଛି, ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପୂର୍ବ ସମସ୍ତ ସଂସ୍କରଣରେ ଭାରତ ଯେତିକି ପାରା ପଦକ ଜିତିଥିଲା, ଗ୍ଲାସଗୋରେ ଏକାଥରେ ସେତିକି ପଦକ ହାସଲ କରିଛି। ଏହା ଭାରତର ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସର ସର୍ବଶ୍ରେଷ୍ଠ ପାରା କ୍ରୀଡ଼ା ପ୍ରଦର୍ଶନ। ଭାରତୀୟ ସେନାର ଦୁଇ ଖେଳାଳି ସୋମନ ରାଣା ଓ ଶୁଭମ ଜୁୟାଲ ଏଫ୍-୫୭ ସଟ୍‌ପୁଟ୍‌ରେ ରଚିଛନ୍ତି ନୂଆ ଇତିହାସ। ଲାଇନ୍ ଅଫ୍ କଣ୍ଟ୍ରୋଲରେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ଡାହାଣ ଗୋଡ଼ ହରାଇଥିଲେ ସୋମନ। କିନ୍ତୁ ହାର ମାନିନଥିଲେ। ୪୩ ବର୍ଷ ବୟସରେ ୧୩ ଦଶମିକ ୪୦ ମିଟର ଥ୍ରୋ କରି ଜିତିଛନ୍ତି ସ୍ୱର୍ଣ୍ଣ। ତାଙ୍କଠାରୁ ମାତ୍ର ୧୨ ସେଣ୍ଟିମିଟର ପଛରେ ରହି ରୌପ୍ୟ ଜିତିଛନ୍ତି ଶୁଭମ ଜୁୟାଲ। ମୋଟରସାଇକେଲ ଦୁର୍ଘଟଣାରେ ଗୋଡ଼ ହରାଇବା ପରେ ସେନା ଅଧିକାରୀ ହେବାର ସ୍ୱପ୍ନ ଭାଙ୍ଗି ଯାଇଥିଲା। କିନ୍ତୁ ପାରା କ୍ରୀଡ଼ା ତାଙ୍କୁ ଦେଇଛି ନୂଆ ପରିଚୟ। ଦୁଇ ସୈନିକ, ଦୁଇ ସଂଘର୍ଷ ଓ ଗୋଟିଏ ପୋଡିୟମ୍—ଭାରତ ପାଇଁ ଏହା ଥିଲା ଐତିହାସିକ ଏକ-ଦୁଇ ସଫଳତା। ପାରା ପାୱାରଲିଫ୍ଟିଂରେ ଭାରତକୁ ପ୍ରଥମ ପଦକ ଦେଇଥିଲେ ଝଣ୍ଟୁ କୁମାର। ପରିବାର ଚଳାଇବା ପାଇଁ ସେ ପରିବା ବିକ୍ରି କରିବା ସହ ଅଟୋ ରିକ୍ସା ଚଳାଉଥିଲେ। ଜାତୀୟ ପ୍ରତିଯୋଗିତାକୁ ଯିବା ପାଇଁ ୨୦୨୩ରେ ନିଜ ରିକ୍ସା ବିକ୍ରି କରିଥିଲେ। ଗ୍ଲାସଗୋରେ ୧୯୦ କିଲୋଗ୍ରାମ ଭାର ଉଠାଇ ସେ ଜିତିଛନ୍ତି କାଂସ୍ୟ। ମହିଳା ଏଫ୍-୫୭ ସଟ୍‌ପୁଟ୍‌ରେ ଶର୍ମିଳା ଧାଙ୍କର ଜିତିଛନ୍ତି ସ୍ୱର୍ଣ୍ଣ। ପୋଲିଓ ଯୋଗୁଁ ପିଲାବେଳୁ ଗୋଟିଏ ଗୋଡ଼ ଦୁର୍ବଳ ଥିଲେ ମଧ୍ୟ ୩୪ ବର୍ଷ ବୟସରେ ସେ ପାରା ଏଥଲେଟିକ୍ସ ଆରମ୍ଭ କରିଥିଲେ। ୯ ଦଶମିକ ୮୧ ମିଟର ଥ୍ରୋ ସହ ସେ ଇତିହାସ ରଚିଛନ୍ତି।




Executive Editor : MANMOHAN RAM
Editor : MUKESH RAM
Publish & Owned by MUKESH RAM, Bolck B-6, Hi-Tech Plaza, Apartment, Sundarpada, Po.: Kuha, Khordha, Odisha-751002
Printed at : CHANDAN PRINTERS, Plot No. -3, Gopabandhu Chhaka, Unit-8, Bhubaneswar, Khordha, Odisha-541003
ସହ ସମ୍ପାଦକ : ମନମୋହନ ରାମ
ସମ୍ପାଦକ : ମୁକେଶ ରାମ